ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ବୁଧବାର, ଜୁନ୍ ୨୬ /୨୦୨୪ (୧୪ ପୃଷ୍ଠା) | Bhubaneswar, Wednesday, June 26/2024 | Page 14 | ₹ 7.00 | BERHAMPUR
୫୦ଶ ଭାଗ ୨୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 212 | ମୂଲ୍ୟ₹୭/-



ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ଟ୍ରାଫିକ୍‌ରୁ ହଟିବ ଲାଇଟ୍

**ଭୁବନେଶ୍ୱର,୨୫।୬(ଅସମାପିକା ସାହୁ)**

ସହରାଞ୍ଚଳରେ ଲୋକଙ୍କୁ ଆଉ ଘଣ୍ଟା ଘଣ୍ଟା ଧରି ଟ୍ରାଫିକରେ ଅପେକ୍ଷା କରିବାକୁ ପଡ଼ିବନି। ଅଳ୍ପ ସମୟ ମଧ୍ୟରେ ଲୋକମାନେ ଯେଭଳି ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ ସେଥିପାଇଁ ଟ୍ରାଫିକ ପୋଷ୍ଟରୁ ରେଡ୍ ଲାଇଟ ବା ନାଲି ବତୀ ହଟିବ। ଯେଉଁ ଛକରେ ଲୋକାମାନଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି, ସେଠାରେ ବିକଳ୍ପ ଭାବେ ଓଭରବ୍ରିଜ୍, ଆପ୍ରୋଚ ରୋଡ ବ୍ୟବସ୍ଥା କରାଯିବ। ଖୁବ ଶୀଘ୍ର ଏନେଇ ବିଭାଗସ୍ତରୀୟ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଏଥିସହିତ ସହରାଞ୍ଚଳରେ ଆଇନଶୃଙ୍ଖଳା ପାଇଁ ଅଧିକରୁ ଅଧିକ ସିସିଟିଭି ଲଗାଇବା ଉପରେ ରାଜ୍ୟ




ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁତ୍ୱ ଦେଇଛନ୍ତି।

ସାଧାରଣ ଲୋକ ଅଫିସ ଗଲାବେଳେ ଓ ଫେରିଲା ବେଳେ ଟ୍ରାଫିକ ସମସ୍ୟା ଯୋଗୁ ପେଷି ହେଉଛନ୍ତି। ଘଣ୍ଟା ଘଣ୍ଟା ଟ୍ରାଫିକରେ ଅଟକି ରୁହନ୍ତି। ସାଧାରଣ ଲୋକ କିପରି ସହଜରେ ଯାତାୟାତ କରିବେ ଏବଂ ଅଫିସ ଯାଉଥିବା ଲୋକ ଠିକ୍ ସମୟରେ ଅଫିସ୍‌ରେ ପହଞ୍ଚିବ ସେନେଇ ଆମେ ପଦକ୍ଷେପ ନେବୁ। ନାଲି ବତୀ ହଟେଇ ଲୋକଙ୍କ ଯାତ୍ରା

## ଜାରି ରହିବ ମେଟ୍ରୋ ଯୋଜନା

ସହଜ କରିବାକୁ ପଦକ୍ଷେପ ନିଆଯିବ। ପ୍ରତ୍ୟେକ ପୌରାଞ୍ଚଳରେ ଅପରାଧ ନିୟନ୍ତ୍ରଣ କରିବା ଲାଗି ଅଧିକ ସିସି କ୍ୟାମେରା ବ୍ୟବସ୍ଥା କରାଯିବ। ଏହାଉପରେ ଯୋଜନା ପ୍ରସ୍ତୁତ କରିବା ସହ ସମସ୍ତ ବଡ଼ ସହରରେ ଲାଇଟର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଡବଲ ଇଞ୍ଜିନ ସରକାର ଥିବାରୁ ଆବଶ୍ୟକ ପଡ଼ିଲେ କେନ୍ଦ୍ରର ସହଯୋଗ ନେବୁ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ପ୍ରତି ଶ୍ରଦ୍ଧା ଓ ଭଲ ପାଇବା ଅଛି। ଓଡ଼ିଶାର ଉନ୍ନତି ଲାଗି ଯାହା ଯାହା ଆବଶ୍ୟକ ପଡ଼ିବ କେନ୍ଦ୍ର ସରକାର ☞ପୃଷ୍ଠା-୪

# କେନ୍ଦ୍ରୀୟ ଡେପୁଟେଶନରୁ ଫେରିବେ ମନୋଜ ଆହୁଜା



**ଭୁବନେଶ୍ୱର,୨୫।୬(ଅନିଲ ଦାସ)**

କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ ଆହୁଜାଙ୍କୁ ଓଡ଼ିଶା କ୍ୟାଡରକୁ ଫେରିବା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ମଙ୍ଗଳବାର ନିଯୁକ୍ତି ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ କମିଟି ତାଙ୍କ ପ୍ରତ୍ୟାବର୍ତ୍ତନକୁ ଅନୁମତି ଦେଇଛି। ଓଡ଼ିଶା ସରକାର ଆହୁଜାଙ୍କ କେନ୍ଦ୍ରୀୟ ଡେପୁଟେଶନ ଅବଧିକୁ ସମାପ୍ତ କରି ☞ପୃଷ୍ଠା-୪

ଆହୁଜାଙ୍କୁ ନେଇ ଚର୍ଚ୍ଚା: ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ଜୀବନ ପାଣିଫୋଟକା**

# ୪ର୍ଥ ଥର ବାଚସ୍ପତି ନିର୍ବାଚନ

**ନୂଆଦିଲ୍ଲୀ,୨୫।୬(ପି.ଟି.)**

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୂର୍ବତନ ବାଚସ୍ପତି ଓମ୍ ବିର୍ଲାଙ୍କୁ ଅଷ୍ଟାଦଶ ଲୋକ ସଭାର ବାଚସ୍ପତି ପ୍ରାର୍ଥୀ ଚୟନ କରିଛି। ତେବେ ବିରୋଧୀ ଦଳଗୁଡ଼ିକୁ ଏନେଇ ସହମତିରେ ଆଣିବାରେ ଶାସକ ଦଳ ବିଫଳ ହୋଇଛି। ବିରୋଧୀ ମେଣ୍ଟ ପକ୍ଷରୁ ବରିଷ୍ଠ କଂଗ୍ରେସ ଏମ୍‌ପି କୋଡିକୁନିଲ ସୁରେଶଙ୍କୁ ପ୍ରାର୍ଥୀ ମନୋନୀତ କରାଯାଇଥିବାରୁ ବାଚସ୍ପତିପଦ ପାଇଁ ବୁଧବାର ନିର୍ବାଚନ



ଓମ୍ ବିର୍ଲା



କୋଡିକୁନିଲ ସୁରେଶ

ହେବାକୁ ଯାଉଛି। ବିରୋଧୀଙ୍କୁ ଉପବାଚସ୍ପତି ପଦ ପ୍ରଦାନ କରାଗଲେ ସେମାନେ ବାଚସ୍ପତି ଭାବେ ଓମ୍ ବିର୍ଲାଙ୍କୁ ସମର୍ଥନ ଦେବେ ବୋଲି ସର୍ତ୍ତ ରଖିଥିଲେ। ତେବେ ଭାଜପାର ବରିଷ୍ଠ ନେତାମାନେ ଏଥିରେ ରାଜି ହୋଇ ନ ଥିଲେ।

ବାଚସ୍ପତି ପଦକୁ ନେଇ ବିରୋଧୀଙ୍କ ସହମତି ନିମନ୍ତେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ପାର୍ଲାମେଣ୍ଟସ୍ଥିତ କାର୍ଯ୍ୟାଳୟରେ ବୈଠକ ବସିଥିଲା। ଏଥିରେ ଭାଜପାରୁ ରାଜନାଥ, ଅମିତ ଶାହା ଏବଂ ଜେ.ପି. ନଡ୍ଡା ଉପସ୍ଥିତ ଥିବାବେଳେ ବିରୋଧୀ ପକ୍ଷରୁ କଂଗ୍ରେସ ନେତା କେ.ସି. ବେଣୁଗୋପାଳ ଏବଂ ଡିଏମ୍‌କେ ନେତା ଟି.ଆର୍. ବାଲୁ ଆଲୋଚନାରେ ଭାଗ ନେଇଥିଲେ। ତେବେ ଉଭୟ ☞ପୃଷ୍ଠା-୪








SHOWROOMS: ODISHA: RENAULT BHUBANESWAR Ph: 8860076082, RENAULT BHUBANESWAR NORTH Ph: 7428190232. RENAULT BHAWANIPATNA Ph: 9438395880. RENAULT CUTTACK Ph: 9311772648. RENAULT JEYPORE Ph: 9311596618. RENAULT ROURKELA Ph: 8860875802. RENAULT SAMBALPUR Ph: 8448890323. RENAULT SUNDERGARH Ph: 9311529949.

## ସଂକ୍ଷେପରେ

### ଆତିଶୀଙ୍କ ଅନଶନ ଶେଷ

ନୂଆଦିଲ୍ଲୀ, ୨୫।୬ (ପି.ଟି.)

ସ୍ୱାସ୍ଥ୍ୟ ବିଗିଡ଼ିବା କାରଣରୁ ଦିଲ୍ଲୀର ଜଳ ମନ୍ତ୍ରୀ ଆତିଶୀ ମଙ୍ଗଳବାର ନିଜ ଅନଶନକୁ ଭଙ୍ଗ କରିଛନ୍ତି। ଏନେଇ ଆମ୍ ଆଦମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଘୋଷଣା କରିଛନ୍ତି। ଦିଲ୍ଲୀର ଜଳସଙ୍କଟକୁ କେନ୍ଦ୍ରକରି କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଥିବା ଓ ହରିୟାଣା ସରକାର ଦିଲ୍ଲୀକୁ ହକ୍ ମୁତାବକ ପାଣି ଦେଉ ନ ଥିବା ଅଭିଯୋଗ କରି ଗତ ୨୧ରେ ଆତିଶୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନିଜର ଅନଶନ ଆରମ୍ଭ କରିଥିଲେ। ମଙ୍ଗଳବାର ଆତିଶୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଦିଲ୍ଲୀର ଏଲ୍ଏନ୍ଜେପି ହସ୍ପିଟାଲର ଇଣ୍ଟେନ୍ସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ଚିକିତ୍ସା କରାଯାଉଛି। ତେବେ ଦିଲ୍ଲୀର ଜଳସଙ୍କଟ ପ୍ରସଙ୍ଗକୁ ଦଳ ପକ୍ଷରୁ ସଂସଦରେ ଦୃଢ଼ ଭାବେ ଉଠାଯିବ ବୋଲି ସଞ୍ଜୟ ସିଂ କହିଛନ୍ତି।

### କେଜ୍‌ରିୱାଲଙ୍କ ଜାମିନ ଉପରେ ହାଇକୋର୍ଟ ରୋକ୍

ନୂଆଦିଲ୍ଲୀ,୨୫।୬(ପି.ଟି.)

ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ତଳକୋର୍ଟରୁ ମିଳିଥିବା ଜାମିନ ଉପରେ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ସ୍ଥଗିତାଦେଶ ଲଗାଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କୁ ଜାମିନ ପ୍ରଦାନ ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଖଲ କରିଥିବା ତଥ୍ୟପ୍ରମାଣକୁ ତଳକୋର୍ଟ ଠିକ୍ ଭାବେ ଅନୁଧ୍ୟାନ କରି ନ ଥିଲେ ଓ ମୁଣ୍ଡ ଖର୍ଚ୍ଚ କରି ନ ଥିଲେ ବୋଲି ଜଷ୍ଟିସ୍ ସୁଧୀର କୁମାର ଜୈନଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ଯୁକ୍ତି ଉପସ୍ଥାପନ ଲାଗି ତଦନ୍ତକାରୀ ସଂସ୍ଥାକୁ ଯଥେଷ୍ଟ ସୁଯୋଗ ଦେବା ଆବଶ୍ୟକ ଥିଲା। ସୂଚନାଯୋଗ୍ୟ, ଜୁନ୍ ୨୦ରେ ତଳକୋର୍ଟ କେଜ୍‌ରିୱାଲଙ୍କୁ ଜାମିନ ମଞ୍ଜୁର କରିଥିଲେ। ପରଦିନ ଇଡି ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଉକ୍ତ ଆବେଦନର ଶୁଣାଣି ୨୫କୁ ରଖିବା ସହ ତଳକୋର୍ଟ ରାୟ ଉପରେ ରୋକ ଲଗାଇଥିଲେ।

# ସିବିଆଇ ହାତରେ ୧୦୦୦ ପୃଷ୍ଠାର ପ୍ରମାଣ

## ଏନ୍‌ଇଇଟି ଦୁର୍ନୀତି

ଅହମଦାବାଦ,୨୫।୬

ଗୁଜରାଟ ସରକାର ଏନ୍‌ଇଇଟି-ୟୁଜି ପରୀକ୍ଷା ଦୁର୍ନୀତି ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ହସ୍ତାନ୍ତର କରିବାର ଦିନକ ପରେ ଏହାର ଏକ ଟିମ୍ ସୋମବାର ଗୋଧ୍ରାରେ ପହଞ୍ଚି ସ୍ଥାନୀୟ ପୋଲିସଠାରୁ ୧୦୦୦ ପୃଷ୍ଠାରୁ ଊର୍ଦ୍ଧ୍ୱ କାଗଜପତ୍ର ଗ୍ରହଣ କରିଛି। ସେଠାର ପର୍‌ଭାଡ଼ି ଗ୍ରାମରେ ଥିବା ଜୟ ଜଲାରାମ ସ୍କୁଲ୍‌ରେ ପରୀକ୍ଷା ପରିଚାଳନାରେ ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଗିରଫ ହୋଇ ବିଚାର ବିଭାଗୀୟ ହାତରେ ଥିବା ୫ ଜଣଙ୍କୁ ଜେରା ପାଇଁ ନିଜ ହେପାଜତକୁ ନେବା ନିମନ୍ତେ ସିବିଆଇ ଟିମ୍ ଗୋଧ୍ରାର ଜିଲା କୋର୍ଟରେ ଆବେଦନ କରିବ ବୋଲି ଜଣାପଡ଼ିଛି। ସିବିଆଇ ବର୍ତ୍ତମାନ ସୁଦ୍ଧା ଗୁଜରାଟ, ବିହାର ଏବଂ ରାଜସ୍ଥାନରୁ ୩ଟି ନୂଆ ମାମଲା ଗ୍ରହଣ କଲାଣି। ଗୁଜରାଟ ପୋଲିସ ତଦନ୍ତରୁ ଫୋନ୍ ଲୋକେଶନ ଡାଟା ଏବଂ ଅଭିଯୁକ୍ତମାନଙ୍କ କାର୍ଯ୍ୟକଳାପ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିଛି। ପ୍ରମାଣ ମଧ୍ୟରେ ପରୀକ୍ଷାର ଦିନକ ପୂର୍ବରୁ ଅଭିଯୁକ୍ତମାନଙ୍କ ମଧ୍ୟରେ ମିଟିଂର ଡିଜିଟାଲ ଭିଡିଓ ରେକର୍ଡିଂ, ଛାତ୍ରୀଛାତ୍ର ପୈଠ କରିଥିବା ମୋଟ ୨.୩ କୋଟି ଟଙ୍କାର ଅଗ୍ରିମ ଚେକ୍ ଆଦି ରହିଛି।

ଆମ୍ ଆଦ୍‌ମୀ ପାର୍ଟି ନେତା ତଥା ଛାତ୍ର ଅଧିକାର କର୍ମୀ ୟୁବରାଜ ଜାଡେଜାଙ୍କ ଅଭିଯୋଗ ଅନୁଯାୟୀ ପରଶୁରାମ ରାୟ ତାଙ୍କ ଛାତ୍ରୀଛାତ୍ରଙ୍କୁ ପରୀକ୍ଷାରେ ପ୍ରଶ୍ନପତ୍ରକୁ ଫାଙ୍କା ଛାଡ଼ିଆସିବାକୁ ପରାମର୍ଶ ଦେଇଥିଲେ। ସେଗୁଡ଼ିକରେ ଉତ୍ତର ତୁଷାର ଭଟ୍ଟ ଭରିବାର ଥିଲା। ପିଲାମାନଙ୍କୁ ପାସ୍ କରାଇଦେବା ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ନିଆଯାଇଥିଲା। ତଦନ୍ତ ବେଳେ ପରୀକ୍ଷାର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଥିବା ଭଟ୍ଟଙ୍କ କାରରୁ ୭ ଲକ୍ଷ ଟଙ୍କା ଜବତ ହୋଇଛି। କାଗଜାତ ପ୍ରମାଣ ଭାବେ ମୋବାଇଲ ଫୋନ୍‌ରୁ ପରୀକ୍ଷାର୍ଥୀମାନଙ୍କ ତାଲିକା ସହ ସେଥିରେ ଧୂସର ଓ କଳା ଚିହ୍ନରେ କୋଡ୍ ଟିବି (ତୁଷାର ଭଟ୍ଟ) ଏବଂ ପିଆର୍ (ପରଶୁରାମ ରାୟ) ଚିହ୍ନଟ କରାଯାଇଛି। ଛାତ୍ରମାନେ ପରୀକ୍ଷା ଠକେଇରେ ସାମିଲ ଥିଲେ ବୋଲି ଏଥିରୁ ସୂଚନା ମିଳିଛି। ସେମାନେ ମୋଟ ୨.୮୨ କୋଟି ଟଙ୍କାର ଅଗ୍ରିମ ଚେକ୍ ଦେଇଥିବାବେଳେ ସେଥିରୁ ୬୬ ଲକ୍ଷ ପରଶୁରାମଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଏହା ବ୍ୟତୀତ ଅଭିଭାବକମାନେ ମଧ୍ୟ ଅଭିଯୁକ୍ତଙ୍କୁ ବ୍ଲାଙ୍କ୍ ଚେକ୍ ଦେଇଥିଲେ ବୋଲି ଅଭିଯୋଗ ହୋଇଛି।

### ପରୀକ୍ଷା ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ କରିବାକୁ ଉଚ୍ଚସ୍ତରୀୟ କମିଟି ବୈଠକରେ ନିଷ୍ପତ୍ତି

ନୂଆଦିଲ୍ଲୀ,୨୫।୬

ଏନ୍‌ଇଇଟି-ୟୁଜି ସମେତ ଅନ୍ୟାନ୍ୟ ପରୀକ୍ଷା ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଓ ଦୁର୍ନୀତିମୁକ୍ତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର ପ୍ରଥମ ବୈଠକରେ ଆଲୋଚନା ହୋଇଥିଲା। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡ. କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଗଠିତ ୭ ଜଣିଆ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ଅନୁଯାୟୀ, କମିଟିର ସଦସ୍ୟମାନେ ବ୍ୟକ୍ତିଗତ ଭାବେ ଏବଂ ଡିଜିଟାଲ ମିଡିଆ ଜରିଆରେ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ କରି ପରୀକ୍ଷା ପ୍ରକ୍ରିୟାକୁ ନେଇ ସେମାନଙ୍କଠାରୁ ପ୍ରସ୍ତାବ ଗ୍ରହଣ କରିବ। ସେମାନଙ୍କ ଉଦ୍‌ବେଗ ଏବଂ ପ୍ରସ୍ତାବଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ। ଦ୍ୱିତୀୟ ପ୍ରାଥମିକତା ଭାବେ ଦେଶର ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼, ଜାଲିଆତିବିହୀନ ଏବଂ ତ୍ରୁଟିଶୂନ୍ୟ କରାଯିବ। ପିଲାମାନଙ୍କ ଅସୁବିଧା ଓ ସେମାନଙ୍କ ଉପରେ ପଡୁଥିବା ଚାପ କମ୍ କରାଯିବ। ପରୀକ୍ଷା ବ୍ୟବସ୍ଥାକୁ ଅଧିକ ନମନୀୟ କରାଯିବ ବୋଲି ରାଧାକ୍ରିଷ୍ଣନ କହିଛନ୍ତି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସମ୍ମୁଖୀନ ହୋଇଥିବା ବର୍ତ୍ତମାନର ସ୍ଥିତି ଏବଂ ଚ୍ୟାଲେଞ୍ଜଗୁଡ଼ିକୁ କମିଟି ଅନୁଧ୍ୟାନ କରିଥିଲା।

### କେନିଆ ପାର୍ଲାମେଣ୍ଟରେ ନିଆଁ ଲଗାଇଦେଲେ ବିକ୍ଷୋଭକାରୀ

ନାଇରୋବି,୨୫।୬

କେନିଆରେ ଟିକସକୁ ବିରୋଧ କରି ଆନ୍ଦୋଳନ ଚଳାଇଥିବା ହଜାର ହଜାର ବିକ୍ଷୋଭକାରୀ ପାର୍ଲାମେଣ୍ଟରେ ପ୍ରବେଶ କରିବା ସହ ଏହାର ଗୋଟିଏ ଭାଗରେ ନିଆଁ ଲଗାଇଦେଇଛନ୍ତି। ପାର୍ଲାମେଣ୍ଟରୁ ଏମ୍‌ପିମାନଙ୍କୁ ଉଦ୍ଧାର କରାଯାଉଛି। ରାଜଧାନୀ ନାଇରୋବିରେ ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ ଅଭିମୁଖେ ଆସୁଥିବାବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଗୁଳିଚାଳନା କରିଥିଲା। ବିବାଦୀୟ ଆର୍ଥିକ ବିଲ୍‌ରେ ଥିବା ନୂଆ ଟିକସ ପ୍ରସ୍ତାବକୁ ସେମାନେ ବିରୋଧ କରିବା ସହ ଏମ୍‌ପିମାନେ ଏହା ବିରୋଧରେ ଭୋଟ ଦେବା ପାଇଁ ଦାବି କରିଥିଲେ। ଗତ ସପ୍ତାହରେ ବିକ୍ଷୋଭ ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଆନ୍ଦୋଳନକାରୀଙ୍କୁ ପୋଲିସ ଗୁଳି କରୁଥିବାର ଭିଡିଓ କେନିଆ ମାନବାଧିକାର ଆୟୋଗ ମଙ୍ଗଳବାର ଶେୟାର କରିଛି।





ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍‌କୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ନ୍ୟାଶନାଲିଷ୍ଟ ୟୁଥ୍ କଂଗ୍ରେସ (ଶରଦ ପାୱାର ଗୋଷ୍ଠୀ)ର କର୍ମୀମାନେ ମଙ୍ଗଳବାର ମହାରାଷ୍ଟ୍ରର ସୋଲାପୁରଠାରେ 'ପକୋଡା' ବିକ୍ଷୋଭରେ ସାମିଲ ହୋଇଛନ୍ତି। ଏନ୍‌ଇଇଟି-ୟୁଜି ପରୀକ୍ଷା ବାତିଲ କରାଯାଇ ସାନି ପରୀକ୍ଷା କରାଇବା ଦାବିରେ କଂଗ୍ରେସ, ଏନ୍‌ସିପି ସମେତ ବିଭିନ୍ନ ଦଳ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି।


# ରାହୁଲ ବିରୋଧୀ ଦଳ ନେତା

ନୂଆଦିଲ୍ଲୀ,୨୫।୬(ପି.ଟି.)

କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଲୋକ ସଭାରେ ବିରୋଧୀ ଦଳ ନେତା ନିଯୁକ୍ତ ହୋଇଛନ୍ତି। ବିରୋଧୀ ଇଣ୍ଡିଆ ବ୍ଲକ୍ ଦଳଗୁଡ଼ିକର ଗୃହର ନେତାମାନଙ୍କ ସହ ବୈଠକ ପରେ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏହା ଘୋଷଣା କରିଛନ୍ତି। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବଙ୍କୁ ପତ୍ର ଲେଖି ରାହୁଲ ବିରୋଧୀ ଦଳ ନେତା ହେବା ନେଇ ଦଳର ନିଷ୍ପତ୍ତି ଜଣାଇ ଦେଇଥିବା ବେଣୁଗୋପାଳ କହିଛନ୍ତି। ଏଥର ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଲୋକ ସଭା ନିର୍ବାଚନ ଲଢ଼ି ୯୯ ଆସନ ଜିତିଥିବାବେଳେ ବିରୋଧୀ ଇଣ୍ଡିଆ ମେଣ୍ଟ ୨୩୩ ଆସନରେ ବିଜୟୀ ହୋଇଥିଲା।


ଅଷ୍ଟାଦଶ ଲୋକ ସଭା ପ୍ରଥମ ଅଧିବେଶନର ଦ୍ୱିତୀୟ ଦିନରେ ମଙ୍ଗଳବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ଅନ୍ୟମାନେ ଏମ୍‌ପି ଭାବେ ଶପଥ ଗ୍ରହଣ କରିଛନ୍ତି। 'ଭାରତ ଯୋଡ଼ୋ' ସ୍ଲୋଗାନ ମଧ୍ୟରେ ରାହୁଲ ହାତରେ ସମ୍ବିଧାନ ଧରି ଶପଥ ନେଇଥିଲେ। ରାହୁଲ ୨ ଆସନ ୱାୟନାଡ୍ ଏବଂ ରାଏବରେଲିରୁ ନିର୍ବାଚିତ ହୋଇଥିବାବେଳେ ୱାୟନାଡ୍ ଆସନ ଛାଡ଼ିଛନ୍ତି। ସେହିପରି ଅଖିଳେଶ ମଧ୍ୟ ହାତରେ ସମ୍ବିଧାନ ପୁସ୍ତିକା ଧରି ଶପଥ ନେଇଥିଲେ। ଏଆଇଏମ୍ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି ଏମ୍‌ପି ଭାବେ ଶପଥ ନେବାବେଳେ 'ଜୟ ଭୀମ, ଜୟ ତେଲଙ୍ଗାନା, ଜୟ ପାଲେଷ୍ଟାଇନ୍' କହିଥିଲେ। ସୋମବାର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମନ୍ତ୍ରୀ ପରିଷଦର ଅନ୍ୟ ସଦସ୍ୟଙ୍କ ସମେତ ୨୬୨ ଜଣ ନବନିର୍ବାଚିତ ଏମ୍‌ପି ଶପଥ ନେଇଥିଲେ। ମଙ୍ଗଳବାର ଅବଶିଷ୍ଟ ୨୮୧ ଏମ୍‌ପି ଶପଥ ଗ୍ରହଣ କରିଛନ୍ତି।





ରାହୁଲ ଗାନ୍ଧୀ ଓ ଅଖିଳେଶ ଯାଦବ ହାତରେ ସମ୍ବିଧାନ ପୁସ୍ତିକା ଧରି ଶପଥ ନେଉଛନ୍ତି।

# ଚନ୍ଦ୍ରରୁ ମାଟି ଆଣିଲା ଚାଇନା



ବେଜିଂ, ୨୫।୬

ଚାଇନାର ଚାଙ୍ଗ'ଇ-୬ ମହାକାଶ ଯାନ ପ୍ରଥମଥର ପାଇଁ ଚନ୍ଦ୍ରପୃଷ୍ଠରୁ ୨ କିଲୋଗ୍ରାମର ମାଟି ଓ ପଥରର ନମୁନା ଏକତ୍ର କରି ମଙ୍ଗଳବାର ପୃଥିବୀକୁ ଫେରି ଉତ୍ତର ଚାଇନାରେ ଅବତରଣ କରିଛି। ପୃଥିବୀକୁ ଅଣାଯାଇଥିବା ଏହି ନମୁନାଗୁଡ଼ିକରେ ୨୫ ଲକ୍ଷ ବର୍ଷ ପୁରୁଣା ଆଗ୍ନେୟଗିରି ପଥର ଓ ଅନ୍ୟାନ୍ୟ ସାମଗ୍ରୀ ରହିଥିବା ଚାଇନାର ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏହି ନମୁନାଗୁଡ଼ିକର ପରୀକ୍ଷଣ ପରେ ଚନ୍ଦ୍ରର ଉଭୟ ମେରୁ ମଧ୍ୟରେ ରହିଥିବା ଭୌଗୋଳିକ ପାର୍ଥକ୍ୟ ନେଇ ଜଣାପଡ଼ିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଗତ ମେ' ୩ରେ ଚାଇନାର ହୈନାନଠାରୁ ଏହି ଚାଙ୍ଗ'ଇ-୬ ମିଶନ ଲଞ୍ଚ କରାଯାଇଥିଲା। ତେବେ ଏହି ମିଶନ ଅନୁଯାୟୀ ୨୦୩୦ ସୁଦ୍ଧା ମଣିଷଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବାକୁ ଚାଇନା ଲକ୍ଷ୍ୟ ରଖିଛି। ଏହି ମିଶନର ସଫଳତା ଚାଇନାର ସ୍ୱପ୍ନକୁ ସାକାର କରିପାରିଥିବା ନେଇ ରାଷ୍ଟ୍ରପତି ସି. ଜିନପିଙ୍ଗ୍ ପ୍ରକାଶ କରିଛନ୍ତି। ଏହାଯୋଗୁ ଏବେ ଚାଇନା ଏକ ମହାକାଶ ଶକ୍ତି ହେବାର ନିକଟତର ହୋଇପାରିଛି। ସେହିପରି ୨୦୩୦ ସୁଦ୍ଧା ଚନ୍ଦ୍ରର ଦକ୍ଷିଣ ମେରୁରେ ଏକ ରିସର୍ଚ୍ଚ ବେସ୍ ନିର୍ମାଣ କରିବାକୁ ମଧ୍ୟ ଚାଇନା ଲକ୍ଷ୍ୟ ରଖିଛି।

# ଆମେରିକା ସହ ଡିଲ୍: ମୁକ୍ତହେଲେ ଆସେଞ୍ଜ

ଲଣ୍ଡନ,୨୫।୬(ପି.ଟି.)

ଗୁପ୍ତଚର ବୃତ୍ତି ଅଭିଯୋଗରେ ଆମେରିକାକୁ ପ୍ରତ୍ୟର୍ପଣ ବିରୋଧରେ ୧୨ ବର୍ଷ ହେଲା ଲଢ଼ିଆସୁଥିବା ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ୍ ଆସେଞ୍ଜଙ୍କୁ ସୋମବାର ମୁକ୍ତ କରାଯାଇଛି। ମୁକ୍ତ ହେବା ପରେ ସେ ବିମାନ ଯୋଗେ ବ୍ରିଟେନ ବାହାରକୁ ଯାଇଛନ୍ତି। ଆମେରିକା କୋର୍ଟରେ ଦୋଷ ସ୍ୱୀକାର କରିବା ପାଇଁ ରାଜି ହେବା ପରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଛି। ଆମେରିକାର ନର୍ଦ୍ଦର୍ନ ମାରିଆନା ଆଇଲାଣ୍ଡସ୍ କୋର୍ଟରେ ସେ ଦାଖଲ କରିଥିବା ଡକ୍ୟୁମେଣ୍ଟ ଅନୁଯାୟୀ ଜାତୀୟ ପ୍ରତିରକ୍ଷା ତଥ୍ୟ ହାସଲ କରିବା ଏବଂ ତାହାକୁ ପ୍ରସାର କରିବା ଷଡ଼ଯନ୍ତ୍ର ପାଇଁ ସେ ଦୋଷ ସ୍ୱୀକାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଡିଲ୍ ସମ୍ପର୍କରେ ବ୍ରିଟେନ୍‌ର ଏକ କୋର୍ଟକୁ ଆମେରିକା ନ୍ୟାୟ ବିଭାଗ ଜଣାଇବା ପରେ ତାଙ୍କୁ ଛାଡ଼ିଦିଆଯାଇଛି।

୫୨ ବର୍ଷୀୟ ଅଷ୍ଟ୍ରେଲିଆ ନାଗରିକ ଆସେଞ୍ଜଙ୍କୁ ୨୦୧୯ରୁ ଲଣ୍ଡନର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରୁଦ୍ଧ କୋଠରୀରେ ରଖାଯାଇଥିଲା। ଆମେରିକା ତାଙ୍କ ପ୍ରତ୍ୟର୍ପଣ ପାଇଁ ଆବେଦନ କରିଥିବାବେଳେ ଇକ୍ୟୁଏଡର ଦୂତାବାସରୁ ତାଙ୍କୁ ବେଲ୍‌ମାର୍ଶକୁ ନିଆଯାଇଥିଲା। ତାଙ୍କୁ ସୋମବାର ବିଳମ୍ବିତ ରାତିରେ ମୁକ୍ତ କରାଯାଇଥିବା ଜଣାପଡ଼ିଛି। ଆମେରିକା ନ୍ୟାୟ ବିଭାଗର ପତ୍ର ଅନୁଯାୟୀ ଆସେଞ୍ଜ ଅଷ୍ଟ୍ରେଲିଆ ଫେରିଯିବେ। ଜାତୀୟ ପ୍ରତିରକ୍ଷା ତଥ୍ୟ ହାସଲ କରି ପ୍ରଘଟ କରିବା ଷଡ଼ଯନ୍ତ୍ର ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ଚାଲିଥିଲା। ସେ ଦୋଷୀସାବ୍ୟସ୍ତ ହେଲେ ୬୨ ମାସ ଜେଲଦଣ୍ଡ ପାଇଥାନ୍ତେ, ଯାହା ସେ ବର୍ତ୍ତମାନ ସୁଦ୍ଧା ବ୍ରିଟେନ୍ ଜେଲରେ କାଟିସାରିଲେଣି ବୋଲି ଅଦାଲତ ଦସ୍ତାବିଜ୍‌ରେ କୁହାଯାଇଛି। ସେ ଅଷ୍ଟ୍ରେଲିଆରେ ଥିବା ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ପାଖକୁ ଯିବେ। ହାଇକୋର୍ଟରୁ ସେ ଜାମିନ ପାଇବା ପରେ ଆସେଞ୍ଜଙ୍କୁ ମୁକ୍ତ କରାଯାଇଥିବା ୱିକିଲିକ୍ସ ପକ୍ଷରୁ ଏକ୍ସରେ ପୋଷ୍ଟ କରାଯାଇଛି। ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ସେ ସ୍ତ୍ରୀ ଷ୍ଟେଲା ଆସେଞ୍ଜ ଏବଂ ପିଲାମାନଙ୍କ ସହ ଏକାଠି ହେବାକୁ ଯାଉଛନ୍ତି।



ଜୁଲିଆନ୍ ଆସେଞ୍ଜ

## ଫୁର୍‌ସତ୍



କଙ୍ଗନା ରାଣାଓ୍ୱତ

### ସେପ୍ଟେମ୍ବର ୬ରେ 'ଏମର୍ଜେନ୍ସି' ରିଲିଜ୍

ନୂଆଦିଲ୍ଲୀ

ବଲିଉଡ୍ ଅଭିନେତ୍ରୀ ତଥା ହିମାଚଳ ପ୍ରଦେଶର ମଣ୍ଡିରୁ ନବନିର୍ବାଚିତ ଏମ୍‌ପି କଙ୍ଗନା ରାଣାଓ୍ୱତଙ୍କ ଅଭିନୀତ ଫିଲ୍ମ 'ଏମର୍ଜେନ୍ସି' ଆସନ୍ତା ସେପ୍ଟେମ୍ବର ୬ରେ ରିଲିଜ୍ ହେବା ନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଅଷ୍ଟାଦଶ ଲୋକ ସଭାର ପ୍ରଥମ ଦିନରେ କଙ୍ଗନା ଏମ୍‌ପି ଭାବେ ଶପଥ ନେବାର ଗୋଟିଏ ଦିନ ପରେ ଏହି ଘୋଷଣା କରାଯାଇଛି। ପୂର୍ବରୁ ଏହି ପଲିଟିକାଲ ଡ୍ରାମା ଫିଲ୍ମର ରିଲିଜ୍ ଡେଟ୍‌କୁ ଅନେକବାର ସ୍ଥଗିତ ରଖାଯାଇଥିଲା। କଙ୍ଗନା ଏହି ଫିଲ୍ମରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ଓ ପ୍ରଯୋଜନା ମଧ୍ୟ ଦେଇଛନ୍ତି। ଫିଲ୍ମରେ ସେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି। ଫିଲ୍ମ ରିଲିଜ୍ ନେଇ ଘୋଷଣା କରିବାବେଳେ ଏମର୍ଜେନ୍ସିର ସମୟକୁ ସ୍ୱାଧୀନ ଭାରତର କଳା ଅଧ୍ୟାୟ ରୂପେ ସେ ବର୍ଣ୍ଣନା କରିଛନ୍ତି। ଏହି ଫିଲ୍ମରେ କଙ୍ଗନାଙ୍କ ସହ ଅଭିନେତା ଅନୁପମ ଖେର, ଶ୍ରେୟାସ ତଲପଡ଼େ, ମିଲିନ୍ଦ ସୋମନ, ସ୍ୱର୍ଗତ ସତୀଶ କୌଶିକ ଓ ଅଭିନେତ୍ରୀ ମହିମା ଚୌଧୁରୀ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ଜି ଷ୍ଟୁଡିଓଜ୍ ଓ କଙ୍ଗନାଙ୍କ ମଣିକର୍ଣ୍ଣିକା ଫିଲ୍ମସ୍ ବ୍ୟାନରରେ ଏହି ଚଳଚ୍ଚିତ୍ରର ନିର୍ମାଣ କରାଯାଇଛି।

### 'ସ୍ତ୍ରୀ ୨'ର ଟିଜର ରିଲିଜ୍

ମୁମ୍ବାଇ

ରାଜକୁମାର ରାଓ ଓ ଶ୍ରଦ୍ଧା କପୁରଙ୍କ ଅଭିନୀତ 'ସ୍ତ୍ରୀ ୨' ଚଳଚ୍ଚିତ୍ରର ଟିଜର ମଙ୍ଗଳବାର ରିଲିଜ୍ ହୋଇଛି। ଏହି ଟିଜରରେ ସ୍ତ୍ରୀ ଭୂମିକାରେ ଶ୍ରଦ୍ଧା କପୁରଙ୍କୁ ଦେଖିବାକୁ ମିଳିଛି। ସେହିପରି ଅଭିନେତ୍ରୀ ତମନ୍ନା ଭାଟିଆ ମଧ୍ୟ ଏହି ଟିଜରରେ ନଜର ଆସିଛନ୍ତି। ମେଡୋକ୍ ଫିଲ୍ମସ୍ ପକ୍ଷରୁ 'ସ୍ତ୍ରୀ ୨' ଫିଲ୍ମର ଟିଜରକୁ ନିଜ ଆଧିକାରିକ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। ଏହି ପୋଷ୍ଟର କ୍ୟାପ୍‌ଶନରେ ଲେଖା ହୋଇଛି, ଏଥର ସ୍ୱାଧୀନତା ଦିବସରେ 'ସ୍ତ୍ରୀ ୨' ରିଲିଜ୍ ହେବାକୁ ଯାଉଛି। ମେଡୋକ୍ ଫିଲ୍ମସ୍ ବ୍ୟାନରରେ ଅମର କୌଶିକ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବାବେଳେ ଦୀନେଶ ଭାଇଜାନ ଓ ଜ୍ୟୋତି ଦେଶପାଣ୍ଡେ ଏହି ଫିଲ୍ମର ପ୍ରଯୋଜନା ଦେଇଛନ୍ତି। ୨୦୧୮ରେ ରିଲିଜ୍ ହୋଇଥିବା 'ସ୍ତ୍ରୀ'ର ସ୍ୱିକେଲ 'ସ୍ତ୍ରୀ ୨' ୬ ବର୍ଷ ପରେ ଆସନ୍ତା ଅଗଷ୍ଟ ୧୫ରେ ପ୍ରେକ୍ଷାଳୟରେ ରିଲିଜ୍ ହେବ।

# ବିଶ୍ୱର ସବୁଠୁ ଅସୁନ୍ଦର କୁକୁର

ସାନ ଫ୍ରାନ୍ସିସ୍କୋ

ସାଧାରଣତଃ କୁକୁରମାନେ ସ୍ନେହୀ ଓ ବିଶ୍ୱସ୍ତ ପ୍ରାଣୀ ଭାବେ ବେଶ୍ ଜଣାଶୁଣା। କେତେକ କୁକୁର ସେମାନଙ୍କ ସୌନ୍ଦର୍ଯ୍ୟ ଓ ପରିଷ୍କାର ପରିଚ୍ଛନ୍ନତା ସହ ସମସ୍ତଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଥାନ୍ତି। ତେବେ ଏହାରି ଭିତରେ ଗୋଟିଏ କୁକୁର ବିଶ୍ୱର ସବୁଠାରୁ ଅସୁନ୍ଦର କୁକୁର ହେବାର ଆଖ୍ୟା ଅର୍ଜନ କରିଛି ।ପ୍ରତିବର୍ଷ ଆମେରିକାର କାଲିଫର୍ନିଆରେ ଏକ ପ୍ରତିଯୋଗିତା ଆୟୋଜିତ ହୋଇଥାଏ, ଯେଉଁଠାରେ ସବୁଠାରୁ ଅସୁନ୍ଦର କୁକୁରକୁ ବିଜେତା ଭାବରେ ଚୟନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଏହି ପ୍ରତିଯୋଗିତାରେ ୱାଇଲ୍ଡ ଥାଙ୍ଗ୍ ନାମକ ଏକ କୁକୁରକୁ ସବୁଠାରୁ ଅସୁନ୍ଦର କୁକୁର ଭାବେ ଘୋଷଣା କରାଯାଇଛି। ଆମେରିକାର ଓରେଗନରେ ରହୁଥିବା ଆନ୍ ଲୁଇସ୍ ନାମ୍ନୀ ଜଣେ ମହିଳାଙ୍କ ପୋଷା କୁକୁର ହେଉଛି ୱାଇଲ୍ଡ ଥାଙ୍ଗ୍। ଥାଙ୍ଗ୍ ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ଅନ୍ୟ ୭ଟି କୁକୁରକୁ ହରାଇ ବିଜେତା ଘୋଷିତ ହୋଇଛି। ସୂଚନା ଅନୁଯାୟୀ, ୮ ବର୍ଷୀୟ ଏହି କୁକୁରଟି ପେକିଙ୍ଗିଜ୍ ନାମକ ଏକ ପ୍ରଜାତିର ହୋଇଥିବା ଜଣାପଡ଼ିଛି। ଥାଙ୍ଗ୍ ପୂର୍ବରୁ ଏହି ପ୍ରତିଯୋଗିତାରେ ୩ ଥର ଅଂଶଗ୍ରହଣ କରିସାରିଥିବାବେଳେ ସମସ୍ତ ଥର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ତେବେ ଥାଙ୍ଗ୍ ଡିଷ୍ଟେମ୍ପର ନାମକ ଏକ ରୋଗରେ ପୀଡ଼ିତ ରହିଛି। ଏହା ଏକପ୍ରକାରର ଭାଇରାଲ୍ ରୋଗ, ଯାହା ପଶୁମାନଙ୍କର ଶ୍ୱାସକ୍ରିୟାକୁ ସଂକ୍ରମିତ କରିଥାଏ। ଏହା ବ୍ୟତୀତ ଏହି ରୋଗ କୁକୁରମାନଙ୍କର ପ୍ରତିରକ୍ଷା ପ୍ରଣାଳୀକୁ ମଧ୍ୟ ଦୁର୍ବଳ କରିଥାଏ। ଏହି ପ୍ରତିଯୋଗିତାରେ ଜିତିବା ପରେ ଥାଙ୍ଗ ଓ ତାଙ୍କ ମାଲିକାଣୀ ଆନ୍ ଲୁଇସ୍‌ଙ୍କୁ ୫ ହଜାର ୟୁଏସ୍ ଡଲାରର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତା ଗତ ୫୦ ବର୍ଷ ଧରି କାଲିଫର୍ନିଆର ପେଟାଲୁମାଠାରେ ଥିବା ସୋନୋମା-ମାରିନ ମେଳାରେ ଆୟୋଜିତ ହେଉଛି।






# କ୍ୱାର୍ଟର୍ସର ବେଆଇନ ଅଂଶକୁ ଭାଙ୍ଗିଲେ ବବି

ଭୁବନେଶ୍ୱର,୨୫।୬(ଅନିଲ ଦାସ)

ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ପରିସରରେ ପରିବର୍ଦ୍ଧିତ ନିର୍ମାଣକୁ ଗତ କିଛିଦିନ ହେବ ଭଙ୍ଗା ଯାଉଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହି ଖବର ପ୍ରକାଶ ପାଇବା ପରେ ସାଧାରଣ ପ୍ରଶାସନ ବିଭାଗର ୩ ଜଣ ଅଧିକାରୀ ମଙ୍ଗଳବାର ଅପରାହ୍ଣରେ ଉକ୍ତ ସରକାରୀ କ୍ୱାର୍ଟର୍ସରେ ପହଞ୍ଚି ବାସଭବନ ଭିତର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସରକାରୀ ବାସଭବନ ବୁଲି ଦେଖିବା ସହ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି।

କ୍ୱାର୍ଟର୍ସ ଭଙ୍ଗାକୁ ନେଇ ଖବର ପ୍ରକାଶ ପାଇବା ପରେ ପ୍ରଣବ ଭିଡିଓ ବାର୍ତ୍ତାରେ କହିଛନ୍ତି, ନିୟମ ଅନୁସାରେ ଭଙ୍ଗାଯାଉଛି। ଜିଏ ବିଭାଗ ନୋଟିସ କରିଥିବାରୁ ୧୫ ତାରିଖ ସୁଦ୍ଧା କ୍ୱାର୍ଟର୍ସ ଛାଡି ଦିଆଯିବ । ବିଜେଡି ସାଙ୍ଗଠନିକ ସମ୍ପାଦକ ଥିବାରୁ ବହୁତ ନେତା ଭେଟିବାକୁ ଆସନ୍ତି। ସେମାନଙ୍କ ବସାଉଠା ପାଇଁ କ୍ୱାର୍ଟର୍ସରେ ଅସ୍ଥାୟୀ ନିର୍ମାଣ କରାଯାଇଥିଲା। ନିୟମ ରହିଛି ଯେମିତି କ୍ୱାର୍ଟର୍ସ ନେଇଥିବେ, ସେହି ଅବସ୍ଥାରେ ଛାଡ଼ିବେ। ଏବେ ପୁଣି ଥରେ ଉକ୍ତ କ୍ୱାର୍ଟର୍ସକୁ ପୂର୍ବପରି ଫେରାଯିବ। ଏହାକୁ ନେଇ ଅଯଥା ରାଜନୀତି ନ କରିବାକୁ ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ରାଜଭବନ ସମ୍ମୁଖସ୍ଥ ୟୁନିଟ-୬ ଅଞ୍ଚଳର ଭି ଆ ଇ ଆ ଇ ଆ ଇ - ଏ ମ୍ ଆ ର - ୧ କ୍ୱାର୍ଟର୍ସକୁ ସାଧାରଣ ପ୍ରଶାସନ ବିଭାଗ ୨୦୧୯ ଜୁନ୍‌ରେ ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନାଁରେ ଆବଣ୍ଟନ କରିଥିଲା । ତାଙ୍କୁ ଆବଣ୍ଟିତ ହୋଇଥିବା ସେହି କ୍ୱାର୍ଟର୍ସରେ ସେ ବେଆଇନ ଭାବେ ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ସେହି କ୍ୱାର୍ଟର୍ସ ଭିତରେ ତିନିମହଲା କୋଠା, ଅଣ୍ଡର ଗ୍ରାଉଣ୍ଡ ଘର, ସୁଇମିଂ ପୁଲ୍, ରୁଫ୍ ଟପ୍ କଟେଜ୍ ଥିବା କୁହାଯାଉଛି। ସେସବୁକୁ ଏବେ ଭଙ୍ଗାଯାଉଛି। କିଛି ବ୍ୟକ୍ତି ଏହି କ୍ୱାର୍ଟର୍ସ ଭିତରେ ହୋଇଥିବା ନିର୍ମାଣକୁ ଭାଙ୍ଗୁଛନ୍ତି। ତେବେ କାହିଁକି ଓ କିଏ ଏହାକୁ ଭାଙ୍ଗୁଛି ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତେବେ ଏହି କ୍ୱାର୍ଟର୍ସ ମରାମତି ପାଇଁ ୨୦୧୯-୨୦ ଓ ୨୦୨୦-୨୧ରେ ୯.୩୭ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ ହୋଇଥିବା ଜଣାଯାଇଛି। ସରକାରଙ୍କ ବିନା ଅନୁମତିରେ କୌଣସି ଭଙ୍ଗାଗଢ଼ା କାର୍ଯ୍ୟ ନ କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି।

ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆଇନ ଅନୁଯାୟୀ ଯାହା ପଦକ୍ଷେପ ନେବାର ଅଛି ନିଆଯିବ।





କ୍ୱାର୍ଟର୍ସ ଭିତରେ ଭଙ୍ଗା ଯାଇଥିବା ବେଆଇନ ଅଂଶ।

# ଲୋକାଭିମୁଖୀ ବଜେଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୫।୬(ଅନିଲ ଦାସ)

**■ ଉତ୍ତର ଓଡ଼ିଶା,ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ ପାଇଁ ଟାସ୍କଫୋର୍ସ**

ଗୁରୁତର ରୋଗୀମାନଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ରାଜ୍ୟର ଖଣିଜ ସମ୍ପଦ ଜିଲାରେ ଟ୍ରମା କେୟାର ସେଣ୍ଟର ନିର୍ମାଣ ହେବ। ଜିଲା ଖଣିଜ ପାଣ୍ଠି(ଡିଏମ୍ଏଫ୍) ଅର୍ଥରେ ଏହି ସେଣ୍ଟର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଯୋଜନା ଓ ସଂଯୋଜନ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ସେ ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଖଣିଜ ସମ୍ପଦ ଥିବା ଜିଲା ମେଡିକାଲ କଲେଜଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଲୋକାଭିମୁଖୀ ବଜେଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନୂଆ ସରକାରଙ୍କ ଉପରେ ଜନସାଧାରଣଙ୍କ ବହୁ ଆଶାଆକାଂକ୍ଷା ରହିଛି। ରାଜ୍ୟ ଯୋଜନା ବଜେଟରେ ଏହା ପ୍ରତିଫଳିତ ହେବା ଆବଶ୍ୟକ ବୋଲି ସେ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି ।



ମୋହନ ଚରଣ ମାଝୀ

ଯୋଜନାଗୁଡ଼ିକ ଯେପରି ତୃଣମୂଳ ସ୍ତରରେ ଠିକ୍ ଭାବରେ ପହଞ୍ଚିବ ଓ ଲୋକମାନେ ଏହାର ସୁଫଳ ପାଇବେ ସେ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଦଳର ସଂକଳ୍ପ ଅନୁଯାୟୀ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ ପାଇଁ ଟାସ୍କଫୋର୍ସ ଗଠନ କରିବା ସହ ଅନୁଧ୍ୟାନ କରି ପ୍ରସ୍ତାବ ଦେବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସଂକଳ୍ପପତ୍ରର ସମସ୍ତ ପ୍ରମୁଖ ପ୍ରତିଶ୍ରୁତିଗୁଡ଼ିକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ବିଭାଗର କାର୍ଯ୍ୟାବଳୀ ସମ୍ବନ୍ଧରେ ବିଶଦ ଭାବରେ ଅବଗତ କରାଇଥିଲେ।

# ଅଂଶୁଘାତରେ ୪ ଛାତ୍ରୀଛାତ୍ର ଗୁରୁତର

ନୀଳଗିରି, ୨୫।୬(ପ୍ରଶାନ୍ତ ବିଶ୍ୱାଳ)

ଅଘୋଷିତ ବିଦ୍ୟୁତ କାଟ ଓ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ସ୍ୱପ୍ନେଶ୍ୱର ହାଇସ୍କୁଲରେ ୮ମ ଶ୍ରେଣୀର ୪ ଛାତ୍ରୀଛାତ୍ର ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ଲାଗି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଦ୍ୟାଳୟଗୁଡ଼ିକ ସକାଳୁଆ କ୍ଲାସ ପରିବର୍ତ୍ତେ ପୂର୍ବାହ୍ଣ ୧୦ଟାରେ କ୍ଲାସ ଆରମ୍ଭ ହୋଇଛି। ମାତ୍ର ଉକ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ କ୍ଲାସ କରିବା ପାଇଁ ଆସିଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଅସହ୍ୟ ଗୁଳୁଗୁଳି ଓ ଗରମ କାରଣରୁ ଜଣଙ୍କ ପରେ ଜଣେ ୪ ଛାତ୍ରୀଛାତ୍ରଙ୍କ ମୁଣ୍ଡ ବୁଲାଇବା ସହ ଅଚେତ୍ ହୋଇ ପଡିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ହରେକୃଷ୍ଣ ବେହେରା ସେମାନଙ୍କୁ ନିଜ ଗାଡ଼ିରେ ପ୍ରାଥମିକ ଚିକିତ୍ସା କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅସୁସ୍ଥ ଛାତ୍ରୀଛାତ୍ର ହେଲେ ବେଗୁନିଆ ଗ୍ରାମର ନମିତା ମଲିକ, କମାରଖାଲିଆ ଗ୍ରାମର କାବେରୀ ସିଂ, କଲ୍ୟାଣୀ ଗ୍ରାମର ଅଖିଳେଶ ଦାସ, ମଚ୍ଛୁଆ ଗ୍ରାମର ଜଗଦୀଶ ବେହେରା। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ହସ୍ପିଟାଲରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିବା ସହିତ ହସ୍ପିଟାଲ୍ ତରଫରୁ ଉପଯୁକ୍ତ ଯତ୍ନ ନିଆଯାଇ ନ ଥିବା ଅଭିଯୋଗ ପାଇବା ପରେ କର୍ତ୍ତୃପକ୍ଷଙ୍କୁ ଡାକି ତାଗିଦ୍ କରିଥିଲେ।

# ଆହୁଜାଙ୍କୁ ନେଇ ଚର୍ଚ୍ଚା

କେନ୍ଦ୍ରୀୟ ଡେପୁଟେଶନରେ ଥିବା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଫିସର ମନୋଜ ଆହୁଜା ଓଡ଼ିଶାକୁ ଫେରୁଛନ୍ତି। ୧୯୯୦ ବ୍ୟାଚ୍‌ର ଏହି ଅଧିକାରୀଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଥିଲେ। ମନୋଜଙ୍କ ପ୍ରତ୍ୟାବର୍ତ୍ତନ ନେଇ କେନ୍ଦ୍ରର ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ଅନୁମତି ଦେଇଛି। ତେଣୁ ଆହୁଜାଙ୍କୁ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାର ଦିଆଯାଇପାରେ ବୋଲି ପ୍ରଶାସନିକ ମହଲରେ ଚର୍ଚ୍ଚା ହେଉଛି। ରାଜନୈତିକ ସୂତ୍ରରୁ ଜଣାପଡ଼ିଛି ଯେ ନିର୍ବାଚନ ବେଳେ ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉଠାଇଥିବା ଦଳ ଭାଜପା ଆହୁଜାଙ୍କୁ ମୁଖ୍ୟ ଶାସନ ସଚିବ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ପଦରେ ଅବସ୍ଥାପିତ କରିପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆହୁଜାଙ୍କ କାର୍ଯ୍ୟକାଳ ୨୦୨୪ ଡିସେମ୍ବର ପର୍ଯ୍ୟନ୍ତ ବାକି ଅଛି।

# ସାର୍ବଜନୀନ ଶୌଚାଳୟ ବ୍ୟବହାର କରିପାରିବେ କିନ୍ନର

ଭୁବନେଶ୍ୱର, ୨୫।୬ (ବନ୍ଦନା ସେଠୀ)

ଏଣିକି କିନ୍ନରମାନେ ସାର୍ବଜନୀନ ଶୌଚାଳୟ ବ୍ୟବହାର କରିପାରିବେ। ସେମାନଙ୍କ ପାଇଁ ଶୌଚାଳୟରେ ସାଇନ୍‌ଏଜ୍ ଲାଗିବ। ଗୃହ ଏବଂ ନଗର ଉନ୍ନୟନ ବିଭାଗ ଅଧୀନ କାର୍ଯ୍ୟାଳୟ ଏବଂ ରାଜ୍ୟର ବିଭିନ୍ନ ପୌରପାଳିକା ଅଧୀନରେ ଥିବା ସମସ୍ତ ଗୋଷ୍ଠୀ ଶୌଚାଳୟରେ ସ୍ୱତନ୍ତ୍ର ଭାବେ ଏକ 'ଲିଙ୍ଗ ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ' ବ୍ୟବସ୍ଥା କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ପୌରସଂସ୍ଥା ସମେତ ବିଭାଗ ଅଧୀନ କାର୍ଯ୍ୟାଳୟଗୁଡିକରେ ଆସନ୍ତା ୧ ମାସ ମଧ୍ୟରେ ଏହାକୁ ଲାଗୁ କରିବାକୁ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଜି. ମାଥିଭାଥାନନ୍ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକତା ଭିତ୍ତିରେ ବର୍ତ୍ତମାନ ଦିବ୍ୟାଙ୍ଗ (ପିଡବ୍ଲ୍ୟୁଡି)ଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ୟୁନିଟ୍‌କୁ ଲିଙ୍ଗ ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ ଭାବେ ଚିହ୍ନିତ କରାଯିବ। ଯେଉଁଠାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ୍ ୟୁନିଟ ରଖାଯାଇ ନାହିଁ, ସେଠାରେ ଅତିକମ୍‌ରେ ଗୋଟିଏ ଟଏଲେଟ୍ ୟୁନିଟ୍ ଲିଙ୍ଗ-ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ ଭାବେ ଚିହ୍ନିତ ହେବ। ଯେଉଁଠାରେ ପର୍ଯ୍ୟାପ୍ତ ସ୍ଥାନ ରହିଛି, ସେଠାରେ ଏକ ନୂତନ ଲିଙ୍ଗ-ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ ୟୁନିଟ୍ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୪ ଜଣଙ୍କୁ ଆଜୀବନ ଜେଲ

ଢେଙ୍କାନାଳ,୨୫।୬(ରତନ ନାୟାର)

**ରାଜନୈତିକ ଶତ୍ରୁତା ନେଇ ମାୟାଧର ହତ୍ୟା ମାମଲା**

ଢେଙ୍କାନାଳ ଜିଲା ଗଁଦିଆ ଥାନା ବରଦାପାଟଣା ଗ୍ରାମରେ ୨୦୧୭ ମସିହାରେ ରାଜନୈତିକ ଶତ୍ରୁତାରୁ ଘଟିଥିବା ମାୟାଧର ପ୍ରଧାନ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ସାହା ଏହି ମାମଲାର ରାୟ ପ୍ରକାଶ କରି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ଆଜୀବନ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ବରଦା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଲଳିତ ଦାସ ଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ହେଲେ ରଞ୍ଜନ କୁମାର ବେହେରା, ମଙ୍ଗରାଜ ବେହେରା ଓ ଅମ୍ବୁଜ ଦାସ।

ମାମଲାରୁ ପ୍ରକାଶ, ୧୩ ମାର୍ଚ୍ଚ ୨୦୧୭ରେ ବରଦାପାଟଣା ଗ୍ରାମର ମାୟାଧର ସମ୍ପର୍କୀୟ ଭାଇ ବିଚିତ୍ର ପ୍ରଧାନଙ୍କ ସହ ବାଇକ୍‌ରେ ଗ୍ରାମରୁ ଆସୁଥିବା ବେଳେ ପଞ୍ଚାୟତ ନିର୍ବାଚନରେ ହୋଇଥିବା ଶତ୍ରୁତାକୁ ନେଇ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। କୁଶିଦା ବସଷ୍ଟାଣ୍ଡ ଛକରେ ବରଦାପାଟଣା ଗ୍ରାମର ଲଳିତଙ୍କ ସହିତ ରଞ୍ଜନ କୁମାର, ମଙ୍ଗରାଜ ଓ ଅମ୍ବୁଜ ତାଙ୍କୁ ଅଟକାଇ ଠେଙ୍ଗାରେ ପିଟିଥିଲେ। ମାୟାଧରଙ୍କୁ ବାଡ଼େଇ ମାରିଦେବା ପାଇଁ ଲଳିତ ସହଯୋଗୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାୟାଧରଙ୍କୁ ଆକ୍ରମଣ ହେବା ଦେଖି ତାଙ୍କ ସମ୍ପର୍କୀୟ ଭାଇ ବିଚିତ୍ର ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ମାୟାଧର ରକ୍ତାକ୍ତ ଅବସ୍ଥାରେ ପଡିଥିବା ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ନିକଟସ୍ଥ ବରପଦା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ କଟକ ପଠାଇ ଦେଇଥିଲେ। ହେଲେ ବାଟରେ ମାୟାଧରଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୩୮।୧୭ରେ ଏକ ମାମଲା ରୁଜୁ କରିଥିଲା। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଆତ୍ମସମର୍ପଣ କରିଥିଲେ। ଏହି ମାମଲା ସିଟି ସେସନ୍ସ ନଂ. ୪୫।୧୮ର ବିଚାର କରି ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ୪ ଅଭିଯୁକ୍ତ ଲଳିତ, ରଞ୍ଜନ କୁମାର, ମଙ୍ଗରାଜ ଓ ଅମ୍ବୁଜଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ ବେହେରା ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ପରିଚାଳନା କରିଥିଲେ।

# ଏଥର ନବଯୌବନ ଦର୍ଶନ ବନ୍ଦ

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**
**■ ଭକ୍ତଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା**
**■ ପହଣ୍ଡି ଟିକେଟ ଦର୍ଶନ ହେବନି**

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୭ରେ ହେବାକୁ ଯାଉଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକରେ ଚୂଡ଼ାନ୍ତ ହୋଇଥିବା ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିନିର୍ଘଣ୍ଟକୁ ପରିଚାଳନା କମିଟି ବୈଠକରେ ଅନୁମୋଦନ କରାଯାଇଛି। ସେହିପରି ଚଳିତବର୍ଷ ତିଥି କ୍ଷୟ ଯୋଗୁ ଗୋଟିଏ ଦିନରେ ରଥଯାତ୍ରା, ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ପଡୁଛି। ତେଣୁ ନବଯୌବନ ଦର୍ଶନ ବନ୍ଦ ରହିବ। ଭକ୍ତଙ୍କୁ ଶ୍ରୀମନ୍ଦିରକୁ ପ୍ରବେଶ ଉପରେ କଟକଣା ଜାରି ହେବ। ପହଣ୍ଡି ଟିକେଟ ଦର୍ଶନକୁ ମଧ ବନ୍ଦ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୯୭୧ ମସିହା ଅନୁଯାୟୀ ଚଳିତବର୍ଷର ରଥଯାତ୍ରା ଆୟୋଜନ କରାଯିବ ଏବଂ ରଥଯାତ୍ରା ଦିନ ଅପରାହ୍ଣ ୫ଟାରେ ରଥଟଣା ହେବ ବୋଲି ପରିଚାଳନା କମିଟି ବୈଠକରେ ସ୍ଥିର ହୋଇଛି।

# ସମୁଦ୍ରରେ ୩,୩୦୦ ବର୍ଷର ଜାହାଜ ଠାବ

ଜେରୁଜେଲମ

ଇସ୍ରାଏଲ୍ ଉପକୂଳରୁ ୯୦ କି.ମି. ଦୂର ଭୂମଧ୍ୟସାଗର ମଧ୍ୟରୁ ଏକ ପୁରାତନ ଜାହାଜକୁ ଆବିଷ୍କାର କରାଯାଇଛି। ସମୁଦ୍ରର ପ୍ରାୟ ୨୦୦୦ ମିଟର ଗଭୀରତା ମଧ୍ୟରେ ୩୩୦୦ ବର୍ଷ ତଳର ଏକ ଜାହାଜ ଥିବା ଜଣାପଡ଼ିଛି। ଏହି ଜାହାଜଟି ଖ୍ରୀଷ୍ଟପୂର୍ବ ଚତୁର୍ଦ୍ଦଶ ଶତାବ୍ଦୀର ହୋଇଥିବା ଇସ୍ରାଏଲ ପ୍ରତ୍ନତତ୍ତ୍ୱ ବିଭାଗର ଗବେଷକମାନେ ଆକଳନ କରିଛନ୍ତି। ବ୍ରିଟେନ୍‌ର ଏନର୍ଜିଅନ ନାମକ ଏକ ତୈଳ ଓ ପ୍ରାକୃତିକ ଗ୍ୟାସ୍ କମ୍ପାନୀ ଓ ଇସ୍ରାଏଲ ପ୍ରତ୍ନତତ୍ତ୍ୱ ବିଭାଗର ମିଳିତ ଉଦ୍ୟମ ଦ୍ୱାରା ଏହି ଜାହାଜ ବିଷୟରେ ସୂଚନା ସାମ୍ନାକୁ ଆସିଛି। ଉକ୍ତ ଜାହାଜର ଲମ୍ବ ୧୨ରୁ ୧୪ ମିଟର ହୋଇଥିବା ଗବେଷକମାନେ ଅନୁମାନ କରିଛନ୍ତି। ତେବେ ଏହା ଏକ ବିଶ୍ୱସ୍ତରୀୟ ଇତିହାସ ପରିବର୍ତ୍ତନକାରୀ ଆବିଷ୍କାର ହୋଇଥିବା ଇସ୍ରାଏଲ୍ ପ୍ରତ୍ନତତ୍ତ୍ୱ ବିଭାଗର ସାମୁଦ୍ରିକ ୟୁନିଟ୍ ମୁଖ୍ୟ ଜାକବ ଶର୍ବିତ କହିଛନ୍ତି। ଭୂମଧ୍ୟସାଗରର ଏତେ ଗଭୀରତାରେ ଆବିଷ୍କୃତ ଏହା ସର୍ବ ପୁରାତନ ଜାହାଜ ହୋଇଥିବା ସେ କହିଛନ୍ତି। ସାମୁଦ୍ରିକ ଝଡ଼ କିମ୍ବା ଜଳଦସ୍ୟୁଙ୍କ ଆକ୍ରମଣ ଯୋଗୁ ଜାହାଜଟି ଖ୍ରୀଷ୍ଟପୂର୍ବ ଚତୁର୍ଦ୍ଦଶ ଶତାବ୍ଦୀରେ ବୁଡ଼ିଯାଇଥାଇପାରେ ବୋଲି ସେ ଅନୁମାନ କରିଛନ୍ତି। ତେବେ ପ୍ରାଚୀନ କାଳରେ ନାବିକମାନଙ୍କର ନାଭିଗେଶନ୍ ଦକ୍ଷତା ଅନୁମାନଠାରୁ ଅଧିକ ଉନ୍ନତ ଥିବା ଏହି ଆବିଷ୍କାରରୁ ପ୍ରମାଣିତ ହୋଇଛି ବୋଲି ଶର୍ବିତ କହିଛନ୍ତି। ସେତେବେଳେ ନାବିକମାନେ ଉପକୂଳଠାରୁ ବହୁ ଦୂରରେ ଥିବା ଗଭୀର ସମୁଦ୍ରରେ ଭ୍ରମଣ କରିବାକୁ ସକ୍ଷମ ଥିବା ଏହି ଆବିଷ୍କାରରୁ ଜଣାପଡ଼ିଛି। ପୂର୍ବରୁ ମଧ୍ୟ ୨ଟି ଜାହାଜ ଇସ୍ରାଏଲ ଉପକୂଳସ୍ଥିତ ଭୂମଧ୍ୟସାଗରରୁ ଆବିଷ୍କୃତ ହୋଇସାରିଛି। କିନ୍ତୁ ଉଭୟେ କୂଳର ନିକଟବର୍ତ୍ତୀ ଥିବା ଶର୍ବିତ ସୂଚନା ଦେଇଛନ୍ତି।

ଗତବର୍ଷ ଏନର୍ଜିଅନ ନାମକ ଏକ ବ୍ରିଟିଶ୍ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କମ୍ପାନୀ ଦ୍ୱାରା ଭୂମଧ୍ୟ ସାଗରରେ ପ୍ରାକୃତିକ ଗ୍ୟାସ୍ ଆବିଷ୍କାର ପାଇଁ ପରିବେଶ ସର୍ଭେ କରାଯାଉଥିବାବେଳେ ଏହି ଜାହାଜର ଆବିଷ୍କାର ହୋଇଥିଲା। ସମୁଦ୍ର ମଧ୍ୟରେ ଉକ୍ତ କମ୍ପାନୀ ଦ୍ୱାରା ଏକ ରୋବଟ୍ ସାହାଯ୍ୟରେ ସ୍କାନିଂ ଚାଲିଥିଲା। ଏହି ସମୟରେ ଭୂମଧ୍ୟସାଗରର ପ୍ରାୟ ୧.୮ କିଲୋମିଟର ଗଭୀରରେ ରୋବଟ୍‌ଟି ଉକ୍ତ ଜାହାଜ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା। ରୋବଟ୍ ସାହାଯ୍ୟରେ ଉକ୍ତ ପୁରାତନ ଜାହାଜର ଫଟୋ ଓ ଭିଡିଓ ନିଆଯାଇ ଇସ୍ରାଏଲ୍ ପ୍ରତ୍ନତତ୍ତ୍ୱ ବିଭାଗର ସାମୁଦ୍ରିକ ୟୁନିଟ୍‌କୁ ପଠାଯାଇଥିବା ଏନର୍ଜିଅନ କମ୍ପାନୀର ପରିବେଶ ବିଭାଗୀୟ ମୁଖ୍ୟ ଡକ୍ଟର କର୍ଣ୍ଣିତ ବାହାରଟନ୍ କହିଛନ୍ତି।

ତେବେ ଏହି ଜାହାଜଟି ଏବେ ମଧ୍ୟ ସମୁଦ୍ର ମଧ୍ୟରେ ରହିଛି। ଏହାକୁ ବାହାର କରିବା ପାଇଁ ପ୍ରୟାସ କରାଯାଉଛି। ଗଭୀର ସମୁଦ୍ର ମଧ୍ୟରେ ଜଳ ପ୍ରବାହର ପ୍ରବଳ ଚାପ ଯୋଗୁ ଏହି ଜାହାଜକୁ ବାହାର କରିବା ଏକ ବଡ଼ ଆହ୍ୱାନ ସଦୃଶ ହୋଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଫିଲ୍ମ 'କର୍ମ'ର ମୁହୁରତ୍, ସ୍ଥାନ: ପୁରୁଣା ସମ୍ବାଦ ଅଫିସ, ହନୁମାନ ମନ୍ଦିର, ସିଆର୍‌ପି, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ନିଶା ନିଷେଧ ଦିବସ, ସ୍ଥାନ: ରାମ ମନ୍ଦିର ଛକ, ସମୟ: ଅପରାହ୍ନ ୪ଟା।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସଜିବିଶନ 'ବଏ ଡ୍ୟାମ୍ବର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ସ୍ୱର୍ଗତଃ ଅବନୀ ବରାଳଙ୍କ ୯୦ତମ ଜୟନ୍ତୀ ଓ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁମା ଓ ଗୁରୁଜୀଙ୍କ ତାଲିମ ଶିବିର ଉଦ୍‌ଘାଟନ, ସ୍ଥାନ: କନ୍ଦରପୁର, ସମୟ ପୂର୍ବାହ୍ନ ୧୧ଟା।
- ବିଦ୍ୟାବିକାଶ ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନ, ସମୟ: ଅପରାହ୍ନ ୨ଟା।

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।
- ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱର୍ଗଦ୍ୱାର ସମ୍ମୁଖ, ପୁରୀ, ସମୟ: ସକାଳ ୮ଟା।
- ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପନ, ସ୍ଥାନ: ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଡ୍ରେନେଜ ସିଷ୍ଟମର ପରିଦର୍ଶନ କରିବେ ବାଲେଶ୍ୱର ବିଧାୟକ, ସ୍ଥାନ: ୨୪ ନଂ. ୱାର୍ଡ଼, ବାରବାଟୀ, ବାଲେଶ୍ୱର, ସମୟ: ୭ଟା ୩୦।
- ନିଶାର ଅପବ୍ୟବହାର ଓ ବେଆଇନ କାରବାର ବିରୋଧରେ ଅନ୍ତର୍ଜାତୀୟ ଦିବସ ଶୋଭାଯାତ୍ରା, ସ୍ଥାନ: କଲେକ୍ଟୋରେଟ୍ ବାଲେଶ୍ୱରଠାରୁ ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।
- ସଭା କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା।
- ପୁରସ୍କାର ବିତରଣ ଉତ୍ସବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବୈକୁଣ୍ଠନାଥ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ବିଧାୟକଙ୍କ ପରିଦର୍ଶନ, ସ୍ଥାନ: କଟୁଆଡ଼ି, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ କାର୍ଯ୍ୟର ସମୀକ୍ଷା କରିବେ ବାଲେଶ୍ୱର ବିଧାୟକ, ସ୍ଥାନ: ସଦର ବ୍ଲକ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନିଶା ନିବାରଣ ଦିବସ ଉପଲକ୍ଷେ ମିଳିତ ନିଶା ନିବାରଣ ମଞ୍ଚ (ମୋନା) ପକ୍ଷରୁ ସାଧାରଣ ସଭା, ସ୍ଥାନ: ଜଳେଶ୍ୱର ଷ୍ଟେଶନ ବଜାର, କାଳୀମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ମିଟିଲାବ ସଙ୍ଗଠନ ପକ୍ଷରୁ ଶୃଙ୍ଖଳା ଓ ଓଦା ପ୍ରଣାଳୀରେ ଚାଷକୁ ନେଇ ପଞ୍ଚାୟତ ସ୍ତରୀୟ ବୈଠକ, ସ୍ଥାନ: ଉପରକୁଣ୍ଡି, ଖୁଆଡ଼, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।
- କିଶୋରୀ ବାଳିକା ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ଜମ୍ବିରାଇ, ବାଲିଆପାଳ, ସମୟ: ଅପରାହ୍ନ ୪ଟା।
- ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ଅପରାହ୍ନ ୪ଟା।
- ଶ୍ରୀଜୀଉଙ୍କର ଫୁଲୁରୀ ତେଲ ଓ ପଞ୍ଚମୂଳ ଲାଗି, ସ୍ଥାନ: ଜଗନ୍ନାଥ ମନ୍ଦିର, ନୀଳଗିରି, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ନିଷିଦ୍ଧ ଔଷଧର ଅପବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।

## କେନ୍ଦୁଝର

- ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଟୁକୁଣା ସ୍କୁଲ , ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆବାସ ସମୀକ୍ଷା ବୈଠକ, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଡ୍ରଗ୍ସ ଅପବ୍ୟବହାର ଏବଂ ବେଆଇନ କାରବାର ବିରୋଧରେ ସଚେତନତା ସଭା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଓସ୍ୱାନ ହଲ୍, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବ୍ରହ୍ମପୁର

- ଅବକାରୀ ବିଭାଗ ପକ୍ଷରୁ ସଚେତନତା ରାଲି, ସ୍ଥାନ: ଏମ୍‌କେସିଜି ଗେଟ ସମ୍ମୁଖରୁ ଆରମ୍ଭ,ସମୟ: ସକାଳ ୭ଟା।

## ଗଞ୍ଜାମ

- ଯୋଗ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ସକାଳ ୫ଟା୩୦।
- ବିଧାୟକଙ୍କ ସମୀକ୍ଷା, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ସପ୍ତ ଠାକୁରାଣୀଙ୍କ ଘଟ ପରିକ୍ରମା,ସ୍ଥାନ: ଆସିକା ଗାୟତ୍ରୀ ନଗର, ତୋଟାସାହି, ତୋଟା ହରିଜନ ସାହି, ବୋର୍ଡ ସ୍କୁଲ, ସାଇବାବା ମନ୍ଦିର, ଜୋକବନ୍ଧ ସାହି, ଅର୍ବନ ବ୍ୟାଙ୍କ ରୋଡ, ସୁବର୍ଣ୍ଣପେଟା ସାହି, ସମୟ: ସନ୍ଧ୍ୟା ୭ଟାରୁ ଆରମ୍ଭ।

## ରାୟଗଡ଼ା

- ବୁର୍ଦ୍ଦଲା ପୋଲୋ ମା ଗ୍ରାମ ଦେବୀଙ୍କ ଘଣ୍ଟ ବିସର୍ଜନ, ସ୍ଥାନ: ଅସ୍ଥାୟୀ ମଣ୍ଡପ, ସମୟ: ସକାଳ ୯ ଟା।
- ଡ୍ରଗ ଅପବ୍ୟବହାର ଏବଂ ବେଆଇନ କାରବାର ବିରୋଧରେ ସଚେତନ ରଥ ଶୁଭାରମ୍ଭ, ସ୍ଥାନ: ରାୟଗଡ଼ାସ୍ଥିତ ସଂସ୍କୃତି ଭବନ, ସମୟ: ସକାଳ ୯ ଟା।
- ଡ୍ରଗ୍ ଅପବ୍ୟବହାରକୁ ନେଇ ସଚେତନତା ଶୋଭାଯାତ୍ରା, ସ୍ଥାନ: କପିଳାସ ଜଙ୍କସନ, ରାୟଗଡ଼ା, ସମୟ: ସକାଳ ୯.୧୫।
- ବ୍ଲକସ୍ତରୀୟ ତ୍ରିଦିବସୀୟ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ କଦମା, ଗୁଡାରୀ, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରଗ ବ୍ୟବହାର କୁପ୍ରଭାବ, ଉପଚାର ଏବଂ ପୁନର୍ବାସ ନେଇ ଆଲୋଚନା, ସ୍ଥାନ: ରାୟଗଡ଼ାସ୍ଥିତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମନ୍ଦିରରେ ପ୍ରବଚନ, ସ୍ଥାନ: ବ୍ରାହ୍ମଣ ସାହିସ୍ଥିତ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର

- ଆନ୍ତର୍ଜାତୀୟ ଆବାଧ ନିଶାଦ୍ରବ୍ୟ ଚାଲାଣ ବିରୋଧ ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ଗାନ୍ଧୀ ଛକଠାରୁ ସାଇ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା।
- ଶିଶୁ ଶ୍ରମିକ ଆଇନ କର୍ମଶାଳା, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚଲାଣ ବିରୋଧ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚଲାଣ ବିରୋଧ ଦିବସରେ ସଚେତନତା ସଭା, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୋରାପୁଟ ଜିଲା କଫି ଉନ୍ନୟନ ଟ୍ରଷ୍ଟ ବୋର୍ଡ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି

- ବେଆଇନ ଟ୍ରାଫିକ ସମ୍ପର୍କିତ ସଚେତନତା ଶୋଭାଯାତ୍ରା, ରଥ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।

## ସମ୍ବଲପୁର

- ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୭ଟା।
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନେଲସନ ମଣ୍ଡେଲା ଛକ, ସମୟ: ସକାଳ ୯ଟା ୩୦।
- ଅଦା ଏବଂ ହଳଦି ବିହନ ବିକ୍ରୟ କାର୍ଯ୍ୟକ୍ରମ, ସ୍ଥାନ: ନିଲଡୁଙ୍ଗୁରୀ ମଡେଲ ନର୍ସରୀ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ପ୍ରତିଷ୍ଠା ଦିବସ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ଅପରାହ୍ନ ୫ ଟା ୩୦।

## ବଲାଙ୍ଗୀର

- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ମାଗଣା ଚାରା ବଣ୍ଟନ, ସ୍ଥାନ: ବୀଜାଖମନ, ବଲାଙ୍ଗୀର, ସମୟ: ସକାଳ ୭ଟା।

## ସୁବର୍ଣ୍ଣପୁର

- ଅନ୍ତର୍ଜାତୀୟ ନିଶା ଦ୍ରବ୍ୟର ଅପବ୍ୟବହାର ଓ ବେଆଇନ ଚୋରା କାରବାରର ନିଷିଦ୍ଧ ଦିବସ ଅବସରରେ ସାଇକେଲ ରାଲି । ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା ୩୦।
- ନିଶା ଦ୍ରବ୍ୟର ଅପବ୍ୟବହାର ଓ ବେଆଇନ ଚୋରା କାରବାରର ନିଷିଦ୍ଧ ପାଇଁ ସଚେତନତା ସଭା, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ମା' ତାରିଣୀଙ୍କ ୨୪ତମ ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧୫, ସମୟ: ସକାଳ ୭ଟା ୩୦।
- ଶିଶୁ ଶ୍ରମିକ ସୁରକ୍ଷା ସଚେତନତା ରାଲି,ସ୍ଥାନ:ରାଉରକେଲା ରେଳ ଷ୍ଟେଶନ,ସମୟ:ସକାଳ ୮ଟା।
- ରଘୁନାଥପାଲି ବିଧାୟକଙ୍କ କୋଏଲ ବ୍ୟାରେଜ ପରିଦର୍ଶନ, ସ୍ଥାନ: ହମିରପୁର, ସମୟ: ସକାଳ ୯ଟା।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ଅନ୍ତର୍ଜାତୀୟ ଡ୍ରଗ ଅପବ୍ୟବହାର ଏବଂ ଅବାଧ କାରବାର ନିରାକରଣ ଦିବସ, ସ୍ଥାନ:ବିକାଶ ଭବନ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସଚେତନତା ରାଲି, ସ୍ଥାନ:ଜିଲାପାଳଙ୍କ ଅଫିସ ପରିସର, ସମୟ: ସକାଳ ୮ଟା୩୦।

## ବରଗଡ଼

- ରକ୍ତଦାନ ଶିବିର, ସ୍ଥାନ: କିଶୋରୀ ମାର୍କେଟ୍ କମ୍ପ୍ଲେକ୍ସ, ଗୋଡ଼ଭଗା କ୍ୟାମ୍ପ, ଅତାବିରା, ସମୟ: ସକାଳ ୯ଟା।
- ଦଧିବାମନଙ୍କ ପାଞ୍ଚମୂଳ ସେବନ, ସ୍ଥାନ: ଦଧିବାମନ ମନ୍ଦିର, ଭଟଲି, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି

- ଅନ୍ତର୍ଜାତୀୟ ନିଶାସେବନ ଓ ବେଆଇନ କାରବାର ବିରୋଧରେ ସଚେତନତା ବୈଠକ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ଏକ୍ସପ୍ରେସ ୱେରେ ବ୍ୟାପକ ଦୁର୍ନୀତି, ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ ଭିଜିଲାନ୍ସ ତଦନ୍ତ ଦାବିରେ ଜନସଂଗ୍ରାମ ସମିତି ପକ୍ଷରୁ ଉପଜିଲାପାଳଙ୍କ ଅଫିସ ଆଗରେ ଗଣ ଧାରଣା, ସ୍ଥାନ: ଧର୍ମଗଡ଼ ଉପଜିଲାପାଳ ଅଫିସ, ସମୟ: ସକାଳ ୯ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ଅର୍ନ୍ତଜାତୀୟ ନିଶାସେବନ ଓ ନିଶାଦ୍ରବ୍ୟ ଅବୈଧ କାରବାର ନିରାକରଣ ଦିବସ ଅବସରରେ ରାଲି, ସ୍ଥାନ: ଜିଲା ମ୍ୟୁଜିୟମ ବୌଦ୍ଧ, ସମୟ: ସକାଳ ୮ଟା।

## ଦେବଗଡ଼

- ଡ୍ରଗ୍ସର ଅବାଧ କାରବାର ଓ ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ, ସ୍ଥାନ: ପୁରୁଣା କଲେକ୍ଟୋରେଟ ଦେବଗଡ, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ନିଶା ମୁକ୍ତ ଦିବସ ପାଳନ, ସଚେନତା ରଥ ବୁଲିବ, ସ୍ଥାନ: ଜିଲାର ତିନି ବ୍ଲକ, ସମୟ: ସକାଳ ୮ଟା
- ଚାଷୀମାନଙ୍କ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ରକ୍ତଦାନ ଶିବିର ଅନୁଷ୍ଠିତ, ସ୍ଥାନ: ସହରସ୍ଥିତ ହୋଟେଲ ମେଘଦୁତ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।
- ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବିଟିଏମସ୍ଥିତ ଭାଜପା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ସହରସ୍ଥିତ କୁମୁଡ଼ାପାଲି ଗ୍ରାମ ମଣ୍ଡପ, ସମୟ: ରାତି ୭ଟା।

## ଢେଙ୍କାନାଳ

- ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ ଢେଙ୍କାନାଳ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ସିଆଇଏସ୍‌ଏଫ୍, ଅଗ୍ନିଶମ ବିଭାଗ ପକ୍ଷରୁ ବହୁମୁଖୀ ମକ୍‌ଡ୍ରିଲ, ସ୍ଥାନ: ପୋର୍ଟ ସିଗ୍‌ନାଲ ଷ୍ଟେସନ, ନିଷିଦ୍ଧାଞ୍ଚଳ, ପାରାଦୀପ, ସମୟ: ସକାଳ ୧୦ଟା।

## କେନ୍ଦ୍ରାପଡ଼ା

- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନିଶା ନିବାରଣ ସଚେନତନା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ମା' ପାଟଦେଇ ମଙ୍ଗଳାଙ୍କ ପୀଠରେ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବଡମଙ୍ଗ, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ସଚେନତା ରାଲି,ସ୍ଥାନ : ଯାଜପୁର ରାମ ମନ୍ଦିରଠାରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀକ ନିଶା ନିବାରଣ ଦିବସ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ମାଦକ ଦ୍ରବ୍ୟ ଅପବ୍ୟବହାର,ଏହାର ଚାଲାଣ ନିରୋଧ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା ଓ ବୈଠକ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଭାଷା ସଂପାନ, ସ୍ଥାନ:ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ପ୍ରେକ୍ଷାଳୟ, ଦଶପଲ୍ଲା, ସମୟ:ପୂର୍ବାହ୍ନ ୧୦ଟା।
- ମା ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ତାରିଣୀ ପୀଠ, ସମୟ: ସକାଳ ୭ଟା୩୦।
- ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷର ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଆଞ୍ଚଳିକ ସାମ୍ବାଦିକ ସଂଘର ଖଣ୍ଡପଡ଼ା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା ।
- ମହିଳା ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମହିଳା ଜୀବିକା ସୁରକ୍ଷା ମଞ୍ଚ ନୟାଗଡ଼ ପକ୍ଷରୁ ସ୍ୱତନ୍ତ୍ର ମହିଳା ଗ୍ରାମସଭା, ସ୍ଥାନ ଦଶପଲ୍ଲା ବ୍ଲକର ଓଲିସାହି ୟୁଜିଏସ୍‌ଏସ୍ ପାଖ ଆମ୍ବତୋଟା, ସମୟ:ପୂର୍ବାହ୍ନ ୧୦ଟା।
- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ୩୨ତମ ଶ୍ରାଦ୍ଧ ବାର୍ଷିକୀରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଦଶପଲ୍ଲା ସହର ବାବୁ ବସା ପୋଖରୀ, ସମୟ: ପୂର୍ବାହ୍ନ ୯ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶସ୍ଥ ଶନିଯୁକ୍ତ ଚନ୍ଦ୍ର ହେତୁ ସମସ୍ୟା ମଧ୍ୟରେ ଅଟକି ରହିଥିବା କାମଟି ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଆତ୍ମୀୟମାନଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ବଢ଼ିପାରେ। ଆର୍ଥିକ ଦିଗଟି ବିଶେଷ ଭଲ ନ ରହିଲେ ମଧ୍ୟ କାମ ଅଟକି ରହିବ ନାହିଁ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରି ପ୍ରଶଂସିତ ହେବେ।

**ବୃଷ** ତୃତୀୟାଧିପତିଙ୍କ ଶୁଭଦୃଷ୍ଟିରୁ ଆତ୍ମୀୟଙ୍କ ସାହାଯ୍ୟରୁ ଆଶା ପୂରଣ ହେବ। କଠୋର ପରିଶ୍ରମରୁ ରାତ୍ରିରେ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟସ୍ତତାର ସହ କରିଥିବା ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ଯାଇ ପାରନ୍ତି। ଇଚ୍ଛା ନ ଥାଇ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ।

**ମିଥୁନ** କର୍ମାଧିପ ଦ୍ୱାଦଶସ୍ଥ ହେତୁ ପୂର୍ବପରିକଳ୍ପିତ କାମକୁ ସମ୍ପନ୍ନ କରିବା କଷ୍ଟକର ହେବ। କାହାରି କଥାରେ ପ୍ରଭାବିତ ହୋଇ ମୂଲ୍ୟହୀନ କାମରେ ମୁଣ୍ଡ ପୂରାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସହମତିରେ କାମ କଲେ ଉପକୃତ ହେବେ। ପୁରାଣ ପଠନ, ସତ୍‌ସଙ୍ଗ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ଆଗ୍ରହୀ ହୋଇପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ଅଷ୍ଟମଭାବ ସଂସ୍ଥାନ ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହି ନ ପାରେ। ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିବ। ଅତୀତର ସମସ୍ୟା ସମୀକ୍ଷା କରି ତଦନୁଯାୟୀ କାର୍ଯ୍ୟପନ୍ଥା ସ୍ଥିର କରିପାରନ୍ତି। ନିର୍ମାଣାଧୀନ ଗୃହ କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କୁ ବିଶ୍ୱାସ କଲେ ନିଜର ଲକ୍ଷ୍ୟ ହାସଲରେ ସମର୍ଥ ହେବେ।

**ସିଂହ** ଲାଭଭାବସ୍ଥ ଗ୍ରହ ପ୍ରଭାବରେ ଯାତ୍ରା, ବାଣିଜ୍ୟ, ଭ୍ରମଣ ଶାନ୍ତିପ୍ରଦ ରହିବ। ଯେମିତି ଚାହୁଁଛନ୍ତି ସେମିତି କାମ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟିର ଆଶଙ୍କା ରହିଛି। ପରିବାରର ଅସଜଡ଼ା ପରିସ୍ଥିତିକୁ ପଡ଼ୋଶୀଙ୍କ ସହାୟତାରେ ସଜାଡ଼ି ନେବେ।

**କନ୍ୟା** ପାପଗ୍ରହ ପ୍ରଭାବରେ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବାରୁ ବ୍ୟବହାରିକ ପରିବର୍ତ୍ତନ ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ଆଶଙ୍କା ରହିଛି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଆନୁସଙ୍ଗିକ ସୁବିଧା ସୁଯୋଗ ପାଇ କାମ ହାସଲ କରିବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ରଚନାତ୍ମକ କାମରେ ସମସ୍ୟା ସମାଧାନ ହେବ।

**ତୁଳା** ଆଜି ଧନାଧିପତିଙ୍କ ରାଶିକୁ ଦୃଷ୍ଟି ଯୋଗୁ ଅର୍ଥଲାଭ ଯୋଗୁ ଖୁସୀ ମନରେ କାମ କରିପାରନ୍ତି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ନିଜ ପକ୍ଷ ସବଳ ରହିବା ହେତୁ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଅଷ୍ଟମ ଭାବସ୍ଥ ତିନୋଟି ଗ୍ରହ ହେତୁ ଅଧିକାଂଶ ସମୟ ଅସ୍ଥିରତା ଲାଗି ରହିବ, ମାତ୍ର ଆର୍ଥିକ ସଂକଟ ଦୂରେଇ ଯିବ। ରାହୁଙ୍କ ପ୍ରଭାବରୁ ସମସ୍ୟାବହୁଳ କର୍ମକ୍ଷେତ୍ର ଓ ଅସଜଡା ପାରିବାରିକ ପରିସ୍ଥିତି ଟେନ୍ସନ ସୃଷ୍ଟି କରିବ। ବୃହସ୍ପତି ପ୍ରଭାବରୁ ଠିକଣା ସମୟରେ ନିଷ୍ପତ୍ତି ନେଇ ଉପକୃତ ହେବେ। ନୂଆ ଯୋଜନା ରୂପାୟନ ସଫଳ ହେବେ।

**ଧନୁ** ଅଷ୍ଟମାଧିପତି ସହ ତୃତୀୟାଧିପତିଙ୍କ ସମ୍ବନ୍ଧ ଭ୍ରାତୃବିବାଦର କାରଣ ହେବ। ପରୋକ୍ଷ ଶତ୍ରୁତାଜନିତ ଭୁଲ୍ ବୁଝାମଣାରୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ କରିବେ। ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟଙ୍କ ସହ ମିତ୍ରତା ସ୍ଥାପନ କଲେ ସମସ୍ୟାମୁକ୍ତ ହେବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାର ମଉକା ପାଇପାରିବେ।

**ମକର** ବୃହସ୍ପତିଙ୍କ ଦୃଷ୍ଟିର ପ୍ରଭାବରେ ବନ୍ଧୁଙ୍କ ସହ ଦୂରଯାତ୍ରାର ଯୋଜନା କରିବେ। ସୁସମ୍ପର୍କ ରହିଥିବା ବିଜାତୀୟ ବ୍ୟକ୍ତିଙ୍କ ସହଯୋଗ ପାଇ କୃତ୍ୟକୃତ୍ୟ ହେବେ। ସକାଳୁ ଖୋଜୁଥିବା ଜିନିଷଟି ନ ପାଇବାରୁ ମାନସିକ ଶାନ୍ତି ବ୍ୟାହତ ହେବ। ଅତିନିକଟତର ବନ୍ଧୁଙ୍କ ଅନାଦର ଭାବ ଯୋଗୁ ସାମୟିକ ମନ ଦୁଃଖ ଘଟିବ।

**କୁମ୍ଭ** ଅନୁକୂଳ ଗ୍ରହସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିପାରିବେ। ଅଟକି ରହିଥିବା ନିର୍ମାଣାଧୀନ କାମ ଆରମ୍ଭକରିବାକୁ ମନ ବଳାଇବେ। ନିଜ ଚତୁଃପାର୍ଶ୍ୱରେ ବିରୋଧ ମନୋଭାବ ପୋଷଣ କରୁଥିବା ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ତଥାପି ସ୍ତ୍ରୀଙ୍କ ସାହାଯ୍ୟ, ସହାନୁଭୂତି ଓ ଦୂରଦର୍ଶିତା ଗୁଣରୁ ମନୋବଳ ବୃଦ୍ଧି ପାଇବ।

**ମୀନ** ମଙ୍ଗଳଙ୍କ ସ୍ୱଭାବ ସ୍ଥିତି ଆର୍ଥିକ ଅଭିବୃଦ୍ଧି ସହ ଭୂସମ୍ପତ୍ତି ଲାଭ କରାଇପାରେ। ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍ସନ ଥିଲେ ମଧ୍ୟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ, ଫଳତଃ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି।

ଆଜି ଜୁନ୍ ୨୬ ତାରିଖ, ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ, ଅଣସର ପଞ୍ଚମୀ, ଶ୍ରୀମନ୍ଦିରରେ ଫୁଲୁରୀଲାଗି, ଆଷାଢ଼ କୃଷ୍ଣ ୫ମୀ ବୁଧବାର, ରାଶିନକ୍ଷତ୍ର- ଧନିଷ୍ଠା/କୁମ୍ଭ, ଦିବା ଘ.୦୧.୦୫ମି. ଗତେ ଶତଭିଷା/କୁମ୍ଭ, ୫ମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୨ମି. ଗତେ ଘ.୦୮.୩୧ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## ଟ୍ରାଫିକ୍‌ରୁ ହଟିବ...

ନିଶ୍ଚୟ ସହଯୋଗ କରିବେ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ମେଟ୍ରୋ ଟ୍ରେନ ଏକ ବଡ଼ ବ୍ୟବସ୍ଥା। ଏନେଇ ସମ୍ୟକ ତଥ୍ୟ ହସ୍ତଗତ ହୋଇଛି। ଆଗାମୀ ଦିନରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ମେଟ୍ରୋ ରେଲ ପ୍ରକଳ୍ପକୁ ଦିଲ୍ଲୀ ମେଟ୍ରୋ ଅଥରିଟିକୁ ଦିଆଯାଇଛି। ଆଗକୁ ବର୍ଷା ଆସୁଛି। ତେଣୁ ଏହାକୁ କିପରି ତ୍ୱରାନ୍ୱିତ ଗତିରେ କରାଯିବ ସେନେଇ ଆଲୋଚନା ହେବ। ଟୁଇନ୍ ସିଟିରେ ମେଟ୍ରୋ ସଂଯୋଗ ହେବ। ଲୋକେ ସୁବିଧାରେ ଯିବା ଆସିବା କରିପାରିବେ। ସେନେଇ ଆମର ନଜର ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀଙ୍କ ଟ୍ରାଫିକ୍ ଲାଇଟ୍ ହଟାଇବା ମନ୍ତବ୍ୟ ପରେ ସଡ଼କ ସୁରକ୍ଷା ବିଶେଷଜ୍ଞ ବିକାଶ ମହାପାତ୍ରଙ୍କ କହିବା ହେଲା ସହରର ୩ ଛକିଆ, ୪ ଛକିଆ ଆଦି ଇଣ୍ଟରସେକ୍ସନ୍‌ର ଟ୍ରାଫିକ୍ ଲାଇଟ୍ ବ୍ୟବସ୍ଥା ରହିଥାଏ, ଯାହା ଯାନବାହାନକୁ ନିୟନ୍ତ୍ରଣ କରିଥାଏ। ଟ୍ରାଫିକ୍ ଲାଇଟ୍ ହଟାଇବାକୁ ହେଲେ ଏଥିପାଇଁ ପ୍ରଥମେ ଭିତ୍ତିଭୂମି ସଜାଡ଼ିବାକୁ ପଡ଼ିବ। ବର୍ତ୍ତର ଆକାରରେ ରାଉଣ୍ଡ୍ ଏବାଉଟ୍ ଦେବାକୁ ପଡ଼ିବ। ଫଳରେ ଗାଡ଼ି ନ ଅଟକି ବିଭିନ୍ନ ଲେନ୍‌ରେ ଗାଡ଼ି ଯାତାୟାତ କରିପାରିବ। ଏଥିପାଇଁ ସେହିସ୍ଥାନରେ ଗୋଲେଇ ଛକ କରିବାକୁ ହେବ। ଭବନେଶ୍ୱରରେ ଏହା ହେବା ପାଇଁ ସମ୍ଭବ ଥିଲେ ମଧ୍ୟ କଟକ, ବ୍ରହ୍ମପୁର, ସମ୍ବଲପୁର ଆଦି ପୁରାତନ ସହରଗୁଡ଼ିକରେ ଗୋଲେଇ ଛକ କରିବାକୁ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମିର ଅଭାବ ରହିଛି। ଟ୍ରାଫିକ୍ ଲାଇଟ୍ ଉଠାଇବାକୁ ହେଲେ ଭୂତଳ ରାସ୍ତା, ଫୁଟ୍ ଓଭରବ୍ରିଜ ଆଦି ବିକଳ୍ପ ବ୍ୟବସ୍ଥା ପ୍ରଥମେ କରିବାକୁ ହେବ ବୋଲି ମହାପାତ୍ର କହିଛନ୍ତି।

## ୪ର୍ଥ ଥର ବାଚସ୍ପତି...

ପକ୍ଷ ସେମାନଙ୍କ ଜିଦ୍‌ରେ ଅଟଳ ରହିବାରୁ ସହମତି ହୋଇପାରି ନ ଥିଲା। ବିରୋଧୀ ପ୍ରାର୍ଥୀଙ୍କୁ ଉପବାଚସ୍ପତି ପଦ ଦିଆଯିବା ପରମ୍ପରାକୁ ସରକାର ଅନୁପାଳନ କରୁ ନ ଥିବା ବେଣୁଗୋପାଳ କହିବା ସହ ବିର୍ଲାଙ୍କ ବିରୋଧରେ ପ୍ରାର୍ଥୀ ଦେବା ନିମନ୍ତେ ନିଷ୍ପତ୍ତି ନିଆଗଲା ବୋଲି ଘୋଷଣା କରିଥିଲେ। ତେବେ ବିରୋଧୀ ଚାପ ରାଜନୀତି କରିବା ସହ ବରିଷ୍ଠ ମନ୍ତ୍ରୀମାନଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପ୍ରାକ୍ ସର୍ତ୍ତରେ ଅଟଳ ରହିଲେ ବୋଲି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଜେଡିୟୁ ନେତା ଲଲନ ସିଂ କହିଛନ୍ତି।

ଲୋକ ସଭାର ୫୪୩ ଆସନ ମଧ୍ୟରୁ ୱାୟନାଡ୍ ଆସନରୁ ରାହୁଲ ଗାନ୍ଧୀ ଇସ୍ତଫା ଦେଇଥିବାରୁ ବର୍ତ୍ତମାନ ସଦସ୍ୟ ସଂଖ୍ୟା ୫୪୨ ରହିଛି। ଏନ୍‌ଡିଏ ପାଖରେ ୨୯୩ ଏମ୍‌ପି ଥିବାବେଳେ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ୨୩୩ ସଦସ୍ୟ ରହିଛନ୍ତି। ଅନ୍ୟୁନ ୩ ବିରୋଧୀ ସଦସ୍ୟ ବିରୋଧୀ ମେଣ୍ଟକୁ ସମର୍ଥନ କରିପାରନ୍ତି। ତେବେ ଏନ୍‌ଡିଏ ପ୍ରାର୍ଥୀ ଓମ୍ ବିର୍ଲାଙ୍କ ସପକ୍ଷରେ ସଂଖ୍ୟା ରହିଛି। କୋଟାରୁ ଭାଜପା ଏମ୍‌ପି ଥିବା ବିର୍ଲା ଯଦି ନିର୍ବାଚିତ ହୁଅନ୍ତି, ତେବେ ଗୋଟିଏ ପାଳିରୁ ଅଧିକ ଦିନ ବାଚସ୍ପତି ରହିବାରେ ଏହା ୫ମ ଘଟଣା ହେବ। କଂଗ୍ରେସ ନେତା ବଳରାମ ଜାଖର ସପ୍ତମ ଓ ଅଷ୍ଟମ ଲୋକ ସଭାରେ ବାଚସ୍ପତି ଭାବେ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିଲେ। ବିର୍ଲା ୩ୟ ଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଥିବାବେଳେ ଏହା ପୂର୍ବରୁ ୩ ଥର ରାଜସ୍ଥାନ ବିଧାୟକ ଥିଲେ। ଅନ୍ୟପକ୍ଷରେ ବିରୋଧୀଙ୍କ ବାଚସ୍ପତି ପ୍ରାର୍ଥୀ ସୁରେଶ ଦଳିତ ସମ୍ପ୍ରଦାୟର ଏବଂ ସେ କେରଳର ମାଭେଲିକାରାରୁ ୮ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ସୁରେଶ କହିଛନ୍ତି, ଏହା ଜିତିବା ହାରିବା କଥା ନୁହେଁ, କିନ୍ତୁ ପରମ୍ପରା ଅନୁଯାୟୀ ବାଚସ୍ପତି ଶାସକ ଦଳରୁ ହେବାବେଳେ ଉପବାଚସ୍ପତି ପଦ ବିରୋଧୀଙ୍କୁ ମିଳିବା କଥା। ପୂର୍ବ ୨ଟି ଲୋକ ସଭାରେ କୌଣସି ଦଳ ବିରୋଧୀ ଦଳ ମାନ୍ୟତା ପାଇ ନ ଥିବା ଦର୍ଶାଇ ଉପବାଚସ୍ପତି ପଦ ଦିଆଯାଇ ନ ଥିଲା। ଏବେ ଆମେ ବିରୋଧୀ ଦଳ ଭାବେ ସ୍ୱୀକୃତି ପାଇଥିବାରୁ ଉପବାଚସ୍ପତି ପଦ ପାଇଁ ହକ୍‌ଦାର ବୋଲି ସୁରେଶ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏମ୍‌ପି କେ. ସୁରେଶଙ୍କୁ ବାଚସ୍ପତି ପଦ ପାଇଁ ଇଣ୍ଡିଆ ବ୍ଲକ୍‌ର ମିଳିତ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସହ ପରାମର୍ଶ କରାଯାଇ ନ ଥିବା ମମତା ବାନାର୍ଜୀଙ୍କ ଦଳ ପକ୍ଷରୁ କୁହାଯାଇଛି। ସୁରେଶଙ୍କ ନାମାଙ୍କନପତ୍ରରେ ଇଣ୍ଡିଆ ବ୍ଲକ୍‌ର ସବୁ ଦଳର ନେତା ସ୍ୱାକ୍ଷର କରିଥିବାବେଳେ ଟିଏମ୍‌ସିକୁ ବାଦ୍ ଦିଆଯାଇଛି। ସେମାନେ ଆମକୁ ନ ପଚାରି ଏକତରଫା ନିଷ୍ପତ୍ତି ନେଇଥିବା ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ କହିଛନ୍ତି। ଯଦି ବୁଧବାର ଲୋକ ସଭାରେ ଭୋଟ ହୁଏ, ତେବେ ପେପର ସ୍ଲିପ୍ ବ୍ୟବହାର କରାଯିବ। କାରଣ ନୂଆ ଲୋକ ସଭାରେ ଇଲେକ୍ଟ୍ରୋନିକ୍ ସିଷ୍ଟମ୍ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ।

ପ୍ରକାଶ ଯେ, ଏହାପୂର୍ବରୁ ୧୯୫୨, ୧୯୬୭ ଏବଂ ୧୯୭୬ରେ ଲୋକ ସଭା ବାଚସ୍ପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୯୫୨ରେ କଂଗ୍ରେସ ସଦସ୍ୟ ଜି.ଭି. ମାଭାଲଙ୍କର ୩୯୪ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ତାଙ୍କ ବିରୋଧରେ ଶାନ୍ତାରାମ ମୋରେ ପ୍ରାର୍ଥୀ ହୋଇଥିଲେ। ୧୯୬୭ରେ କଂଗ୍ରେସ ପ୍ରାର୍ଥୀ ନିଲମ ସଞ୍ଜୀବା ରେଡ୍ଡୀ ୨୭୮ ଭୋଟ ପାଇ ଲୋକ ସଭା ବାଚସ୍ପତି ନିର୍ବାଚିତ ହୋଇଥିବାବେଳେ ଟେନେଟି ବିଶ୍ୱନାଥମ୍ ୨୦୭ ଖଣ୍ଡ ଭୋଟ ପାଇ ହାରିଯାଇଥିଲେ। ଏମର୍ଜେନ୍ସି ପରେ ୧୯୭୬ ଜାନୁଆରୀ ୫ରେ ବଳିରାମ ଭଗତ ଲୋକ ସଭା ବାଚସ୍ପତି ନିର୍ବାଚିତ ହୋଇଥିଲେ। ତାଙ୍କୁ ୩୪୪ ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜନସଂଘ ନେତା ଜଗନ୍ନାଥରାଓ ଜୋଷୀ ୫୮ ଖଣ୍ଡ ଭୋଟ ପାଇଥିଲେ।

## କେନ୍ଦ୍ରୀୟ ଡେପୁଟେଶନରୁ...

ଫେରାଇ ଦେବାକୁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧକୁ ବିଚାର କରି କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ସଂକ୍ରାନ୍ତ କମିଟି ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଆହୁଜା ଏବେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେ ଫେରିବା ପରେ ରାଜ୍ୟରେ ବଡ଼ଧରଣର ପ୍ରଶାସନିକ ଅଦଳବଦଳ ହେବ ବୋଲି ସୂଚନା ମିଳିଛି।

# ଯୁକ୍ତ୩ ପ୍ରଥମ ମେଧା ତାଲିକା ପ୍ରକାଶ

### କଳା, ବିଜ୍ଞାନ, ବାଣିଜ୍ୟରେ ରେଭେନ୍‌ଶା ଆଗୁଆ

ଭୁବନେଶ୍ୱର,୨୫।୬(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ନିମନ୍ତେ ମଙ୍ଗଳବାର ପ୍ରଥମ ମେଧାବୀ ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ମୋଟ ୨,୭୪,୩୩୧ ସିଟ୍ ଥିବାବେଳେ ୨,୩୭,୭୯୫ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ମେଧା ତାଲିକାରେ ୧,୭୮,୯୭୬ଜଣ ମନୋନୀତ ହୋଇଛନ୍ତି। ଏଥିରେ ୧,୦୬,୪୧୪ଜଣ ଛାତ୍ରୀ, ୭୨,୫୫୬ଜଣ ଛାତ୍ର ଓ ୬ଜଣ କିନ୍ନର ରହିଛନ୍ତି। କଳା, ବିଜ୍ଞାନ ଏବଂ ବାଣିଜ୍ୟ ଆଦି ତିନୋଟି ବିଭାଗରେ କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସର୍ବାଧିକ କଟ୍‌ଅଫ୍ ମାର୍କ ରହିଛି। କଳାରେ ସର୍ବାଧିକ କଟ୍‌ଅଫ୍ ମାର୍କ ୮୯.୬୭%(ଭୂଗୋଳ) ରହିଥିବା ବେଳେ ପଦାର୍ଥ ବିଜ୍ଞାନରେ ୯୧.୧୭%, ଜୈବ ବିଜ୍ଞାନରେ ୯୩.୨୦%(ପ୍ରାଣୀ ବିଜ୍ଞାନ) ଏବଂ ବାଣିଜ୍ୟରେ ୮୮.୬୦% କଟ୍ ଅଫ୍ ଯାଇଛି। ସେପଟେ ଶାସ୍ତ୍ରୀରେ ଶ୍ରୀ ରାଧାମାଧମ ସଂସ୍କୃତ କଲେଜ ସର୍ବାଧିକ କଟ୍‌ଅଫ୍ ମାର୍କ ୬୮.୫୭%(ଶାସ୍ତ୍ରୀ) ରହିଛି। ସେଲ୍‌ଫ ଫାଇନାନ୍ସିଂରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୮୭.୪୦%(ବାୟୋ-ଟେକ୍ନୋଲୋଜି) ଏବଂ ଆଇନ ବିଭାଗରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ସର୍ବାଧିକ କଟ୍‌ଅଫ୍ ମାର୍କ ୮୧% ଯାଇଛି। ତେବେ ମୋଟ ମନୋନୀତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କଳାରେ ୧,୦୯,୮୫୪ଜଣ ଛାତ୍ରୀଛାତ୍ର ଥିବାବେଳେ ବିଜ୍ଞାନରେ ୪୫,୬୧୪, ବାଣିଜ୍ୟରେ ୧୭,୧୫୬, ଶାସ୍ତ୍ରୀରେ ୩,୫୭୪, ସେଲ୍‌ଫ ଫାଇନାନ୍ସିଂରେ ୨,୬୨୬, ଆଇନରେ ୧୫୨ଜଣ ରହିଛନ୍ତି। ମନୋନୀତ ଛାତ୍ରୀଛାତ୍ର ୨୬ତାରିଖ ସକାଳ ୯ଟାରୁ ୨୯ ତାରିଖ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ। ସେହିଭଳି ଜୁଲାଇ ୫ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧାବୀ ତାଲିକା ପ୍ରକାଶ ପାଇବ। ୬ ରୁ ୯ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ଜୁଲାଇ ୧୫ ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧାବୀ ତାଲିକା ପ୍ରକାଶ ପାଇବ ଓ ମନୋନୀତ ଛାତ୍ରୀଛାତ୍ର ୧୬ ରୁ ୧୯ତାରିଖ ଭିତରେ ନାମ ଲେଖାଇପାରିବେ। ଅଗଷ୍ଟ ୧ରୁ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

# ଘୂର୍ଣ୍ଣିବଳୟ ସୃଷ୍ଟି, ୫ଦିନ ଯାଏ ବର୍ଷା

ଭୁବନେଶ୍ୱର,୨୫।୬(ଅସମାପିକା ସାହୁ)

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆଗାମୀ ୫ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଉ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତିଙ୍କ କହିବାନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ଓଡ଼ିଶାର କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଭିନ୍ନ ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗୁରୁବାରଠାରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ମଧ୍ୟ କିଛି ଜିଲାକୁ ପ୍ରବଳରୁ ଅତି ପ୍ରବଳରୁ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ୩୪ ଲକ୍ଷ ଠକାମିର ଶିକାର ହେଲେ ଡାକ୍ତର

ବାରିପଦା,୨୫।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ବିଶ୍ୱନାଥ ଦାସ ଅନ୍‌ଲାଇନ ଟ୍ରେଡିଂଆପ୍ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଠକାମିର ଶିକାର ହୋଇଛନ୍ତି। ଏନେଇ ସେ ଜିଲା ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୧୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, କାର୍ଲିଲ ଗ୍ରୁପ ଇଣ୍ଡିଆ ଇକ୍ୟୁଟି ଫାଇନାନ୍ସ କ୍ଲବ ନାମକ ଏକ ବାଣିଜ୍ୟ ପୁଞ୍ଜି ବିନିଯୋଗ ଗୋଷ୍ଠୀର ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଡା. ଦାସ ଯୋଗ ଦେଇଥିଲେ। ଏହି ଗ୍ରୁପ୍‌ରେ ତରୁଣ ଜୈନ ମେଣ୍ଟର ଓ ଆସିଷ୍ଟାଣ୍ଟ ଭାବେ ରାମ ଶର୍ମାଙ୍କ ନେତୃତ୍ୱରେ ପୁଞ୍ଜି ବିନିଯୋଗ କରାଯାଉଥିଲା। ଏହାକୁ ଅନୁକରଣ କରି ଶେୟାର କ୍ରୟ ଏବଂ ବିକ୍ରୟ ପାଇଁ ମେ ୩ରୁ ୭ ଜୁନ୍ ମଧ୍ୟରେ ଡା. ଦାସ ବିଭିନ୍ନ ଆକାଉଣ୍ଟରେ ଟଙ୍କା ଟ୍ରାନ୍ସଫର କରିବାକୁ ଲାଗିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଜରିଆରେ ୧୮ଲକ୍ଷ ୨୦ହଜାର, ପିଏନ୍‌ବି ଜରିଆରେ ୩ଲକ୍ଷ ୫୦ହଜାର ଓ ଏସ୍‌ବିଆଇ ଜରିଆରେ ୧୨ଲକ୍ଷ ୭୪ହଜାର ଟଙ୍କାଙ୍କୁ ମିଶାଇ ମୋଟ ୩୪ଲକ୍ଷ ୪୪ହଜାର ଟଙ୍କା ସେ ୯ଟି ବିଭିନ୍ନ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ। ତେବେ ଜୁନ୍ ୭ରେ ଭିଲାସ ଟ୍ରାନ୍ସକୋର ଲିମିଟେଡ୍‌ରୁ ୪୧ଲକ୍ଷ ୭୦ହଜାର ଟଙ୍କା ଆଇପିଓ କିଣିବାର ୭ଦିନ ପରେ ସବ୍‌ସ୍କ୍ରିପସନ(ସଦସ୍ୟତା) ଥିବା ୩୦ହଜାର ଶେୟାରକୁ ୧୦ଜୁନରେ କାର୍ଲିଲ ଆକାଉଣ୍ଟକୁ ବିକ୍ରି କରିବା ସମୟରେ ଆକାଉଣ୍ଟଟି ଦେଖିବାକୁ ମିଳି ନ ଥିଲା। ଆକାଉଣ୍ଟର ମେଣ୍ଟର, ଆସିଷ୍ଟାଣ୍ଟ ଓ ଗ୍ରାହକଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିଲା ନାହିଁ। ଫଳରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଛନ୍ତି।

# ରୁଙ୍ଗ୍‌ଟା କାରଖାନା ପରିସରରେ ଗୋଷ୍ଠୀ ସଂଘର୍ଷ

## ଓଡ଼ିଆ-ଅଣଓଡ଼ିଆ ଶ୍ରମିକ ହାତାହାତିରୁ ଉତ୍ତେଜନା

ଢେଙ୍କାନାଳ,୨୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଝାଡବନ୍ଧ ଗ୍ରାମସ୍ଥିତ ରୁଙ୍ଗଟା ମାଇନ୍ସ ଲିମିଟେଡ୍ କାରଖାନା ପରିସରରେ ମଙ୍ଗଳବାର ପୁଣି ଉତ୍ତେଜନା ଦେଖାଦେଇଥିଲା। ସୋମବାର ଏକ ଷ୍ଟ୍ରକଚର ଭୁଶୁଡ଼ି ପଶ୍ଚିମବଙ୍ଗର ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ସକାଳ ପ୍ରାୟ ୮ଟାରେ କମ୍ପାନୀ ପରିସରରେ କାର୍ଯ୍ୟରତ ଓଡ଼ିଆ ଓ ଅଣଓଡ଼ିଆ ଶ୍ରମିକ ୨ ଗୋଷ୍ଠୀ ହୋଇ ହାତାହାତି ହେବା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷ ଯୋଗୁ ଉଭୟ ପକ୍ଷର ୪ଜଣ ଆହତ ହୋଇଥିଲେ। ସେମାନଙ୍କୁ ବଅଁରପାଳସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବରପାଇ ବାଲିମୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଦୁର୍ଘଟଣା ଘଟିଥିବା ସ୍ଥାନରେ କାମ କରିବା ଏବଂ ନ କରିବାକୁ ନେଇ ଓଡ଼ିଆ, ଅଣଓଡ଼ିଆ ଶ୍ରମିକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବାରୁ ଏହି ସଂଘର୍ଷ ହୋଇଥିଲା। ପରେ ପୋଲିସ ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଦୁଇଗୋଷ୍ଠୀ ଶ୍ରମିକଙ୍କୁ ଏକାଠି କରି ଘଟଣାର ସମାଧାନ କରିଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି, ଘଟଣାକୁ ନେଇ କୌଣସି ମାମଲା ହୋଇନାହିଁ। ପୋଲିସ ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଓ ୨ ଗୋଷ୍ଠୀର ଶ୍ରମିକ ମିଶି ଆଲୋଚନା କରିବା ପରେ ସମାଧାନ ହୋଇଛି।



ଢେଙ୍କାନାଳ ଜିଲା ଝାଡ଼ବନ୍ଧ ଗ୍ରାମସ୍ଥିତ ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍ କାରଖାନା।

# କାର୍ ଦୁର୍ଘଟଣାରେ ଚାଲିଗଲା ୨ ଜୀବନ

ପାଇକମାଳ,୨୫।୬
(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ପଦ୍ମପୁର ରାସ୍ତା ଗୌରଜୁରି ଓ ଭଗତପୁର ମଧ୍ୟରେ ଏକ କାର୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ୨ଜଣ ହେଲେ ନୂଆପଡ଼ା ଜିଲା ଖରିଆରୋଡ୍‌ର ବି. ବାଲକ୍ରିଷ୍ଣା ରାଓ (୪୭) ଓ ଘନଶ୍ୟାମ ପାଣ୍ଡେ (୪୮)। ଆହତ ହେଲେ ପରମାନନ୍ଦ ସାହୁ (୪୪)। ପ୍ରାପ୍ତ ସୂଚନା ଅନୁସାରେ ମଙ୍ଗଳବାର ମଧ୍ୟାହ୍ନ ସାଢେ ୧୨ଟାରେ ନୂଆପଡା ଜିଲା ଖରିଆରୋଡ୍‌ରୁ ଏକ କାର୍ (ନଂ. ଓଡି୨୬ଜି୦୧୧୮) ଯୋଗେ ୩ଜଣ ବି. ବାଲକ୍ରିଷ୍ଣା, ଘନଶ୍ୟାମ ଓ ପରମାନନ୍ଦ ଗାଈ କିଣିବା ପାଇଁ ପଦ୍ମପୁରକୁ ଆସୁଥିଲେ। ଗୌରଜୁରି ଓ ଭଗତପୁର ମଧ୍ୟରେ ଭାରସାମ୍ୟ ହରାଇ କାର୍ ରାସ୍ତାରୁ ୧୦୦ ଫୁଟ ଦୂର ଯାଇ ଓଲଟିପଡିଥିଲା। ଘଟଣାସ୍ଥଳରେ ବି. ବାଲକ୍ରିଷ୍ଣାଙ୍କ ମୃତ୍ୟୁ ହୋଇଥିବା ବେଳେ ଆମ୍ବୁଲାନ୍ସରେ ନେବା ବାଟରେ ଘନଶ୍ୟାମଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗୁରୁତର ପରମାନନ୍ଦଙ୍କୁ ପଦ୍ମପୁରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି। ପାଇକମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୧/୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ସୁଶାନ୍ତ କୁମାର ବଢ଼େଇ ସୂଚନା ଦେଇଛନ୍ତି।

# ଚିକିତ୍ସା ନ ପାଇ ରୋଗୀମୃତ୍ୟୁ ଅଭିଯୋଗ

## ଏସ୍‌ସିବିରେ ୧୨ ଘଣ୍ଟା ପଡ଼ିରହିଲେ

କଟକ,୨୫।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଚିକିତ୍ସା ନ ପାଇ ମଙ୍ଗଳବାର ପୂର୍ବାହ୍ନରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଭଦ୍ରକ ଜିଲା ବେତାଳି ଗ୍ରାମର କଲରେଇ ମଲ୍ଲିକ(୬୫)। ଏହାକୁ ନେଇ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବା ପାଇଁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଲରେଇଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ରାତି ପ୍ରାୟ ୧୦ଟାରେ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦିଆଯାଇ ନ ଥିଲା। ଦୀର୍ଘ ସମୟ ପଡି ରହିବା ପରେ କାଜୁଆଲ୍‌ଟିରେ କାର୍ଯ୍ୟରତ ଡାକ୍ତର ରାତି ପ୍ରାୟ ୨ଟାରେ ତାଙ୍କୁ ପୁରାତନ ମେଡିସିନ ବିଭାଗକୁ ପଠାଇ ଦେଇଥିଲେ। ହେଲେ ସେଠାରେ ମଧ୍ୟ ଡାକ୍ତର ତାଙ୍କର ଚିକିତ୍ସା କରି ନ ଥିଲେ। ଫଳରେ ବିନା କୌଣସି ଚିକିତ୍ସା ଯୋଗୁ କଲରେଇଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଜ୍ୱାଇଁ ଭାଗବତ ମଲ୍ଲିକ ଅଭିଯୋଗ କରିଛନ୍ତି। ଏନେଇ ଭାଗବତ କହିଛନ୍ତି, ଶାଶୁଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲକୁ ଆଣିଥିଲି। ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରହିଥିଲେ ମଧ୍ୟ ବେଡ୍ ମିଳିଲା ନାହିଁ କି ଚିକିତ୍ସା କରାଗଲା ନାହିଁ। ଫଳରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଶାଶୁଙ୍କ ମୃତ୍ୟୁ ଘଟିଲା। ମେଡିକାଲରେ ଡାକ୍ତର ଓ ନର୍ସଙ୍କ ମନମୁଖି ଶାସନ ଚାଲିଛି। ନିଜ ଇଚ୍ଛା ଅନୁଯାୟୀ ସେମାନେ କାମ କରୁଛନ୍ତି। ସେମାନଙ୍କ ପାଇଁ ରୋଗୀଙ୍କ ଜୀବନର କୌଣସି ମୂଲ୍ୟ ନାହିଁ। ମେଡିକାଲକୁ ବିଶ୍ୱସ୍ତରୀୟ କଥାରେ ନୁହେଁ କାମରେ କରି ଦେଖାଇବା ଆବଶ୍ୟକତା ରହିଛି ବୋଲି ଭାଗବତ କହିଛନ୍ତି। ଏନେଇ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, କେଉଁ କାରଣରୁ ଏହି ରୋଗୀଙ୍କ ଚିକିତ୍ସା କରାଯାଇ ନାହିଁ ସେ ନେଇ ତଦନ୍ତ କରାଯିବ। ଅପରପକ୍ଷରେ ଏସ୍‌ସିବିକୁ ବହୁ ରୋଗୀ ସ୍ଥାନାନ୍ତର ହେଉଛନ୍ତି। ଫଳରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ଯଦି ଏ ଦିଗରେ ସରକାର କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରନ୍ତେ ତେବେ ସମସ୍ତ ରୋଗୀ ଉପଯୁକ୍ତ ଚିକିତ୍ସା ପାଇପାରନ୍ତେ ବୋଲି ମିଶ୍ର କହିଛନ୍ତି।

# କୂଅରେ ପଡ଼ି ମହିଳା ମୃତ

ବଲାଙ୍ଗୀର, ୨୫।୬ (ବୀରେନ୍ଦ୍ର କୁମାର ଝାଙ୍କର)- ବଲାଙ୍ଗୀର ପୋଲିସ ଲାଇନ୍‌ପଡ଼ାରେ ମଙ୍ଗଳବାର ସକାଳେ ଏକ ଅଘଟଣ ଘଟିଛି। ଜଣେ ମହିଳା କୂଅରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ମହିଳା ଜଣକ ହେଲେ ଶୁଭତା ରାଉତ (୪୫)। ପରିବାର ସଦସ୍ୟଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ସକାଳ ପ୍ରାୟ ୬ଟାରେ ମହିଳା ଜଣକ କୂଅରେ ପଡି ଭାସୁଥିବା ଦେଖି ତାଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ଏହାପରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଅଣାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

STAFF WANTED
Qualification 10th second Division, Computer Operational Experience Age- 30-50. Salary-10,000/- on merit (yearly increment) Free Accommodation even family. Apply Bio-data, documents, mobile number through post suitable applicant will be telephoned for interview at Candidates expenses. L R PALO (CONVENOR), PALO COLONY, BHANJANAGAR-761126, 9438572007

କର୍ମଚାରୀ ଆବଶ୍ୟକ
Construction Office ଭୁବନେଶ୍ୱରରେ Office କାର୍ଯ୍ୟରେ ଅଭିଜ୍ଞ ଥିବା Computer/Data Entry Operator, Engineer ସହ Marketing, Office Staff, Store Keeper, Accountant ଏବଂ Driver ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ
Contact: 9937199625

ଶିକ୍ଷକ ଆବଶ୍ୟକ
୬ଷ୍ଠରୁ ୮ମ ଶ୍ରେଣୀ ପାଇଁ ଏକ ତାଲିମପ୍ରାପ୍ତ ଗଣିତ ଶିକ୍ଷକ ଆବଶ୍ୟକ।
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
ପାଣ୍ଡରା, ରସୁଲଗଡ଼, ଭୁବନେଶ୍ୱର
Mob.: 8763123782
9937619497

WANTED
ଭୁବନେଶ୍ୱର ଏକ କଲ୍ୟାଣ ମଣ୍ଡପ ପାଇଁ ବଗିଚା କାମ/କେୟାର ଟେକର ଆବଶ୍ୟକ। ଦରମା: ୯୦୦୦/- + (Extra Tips). ସ୍ୱାମୀ/ସ୍ତ୍ରୀ ରହିବା ପାଇଁ ଘର ଦିଆଯିବ।
ଯୋଗାଯୋଗ:
7504690838, 9827516256

See Career Appointment on every Wednesday & Saturday

WANTED
CIVIL ENGINEER DEGREE/ DIPLOMA OR DRAFTSMAN CIVIL CANDIDATES WITH AUTOCAD EXPERIENCE
9777247762

WANTED
ଧରିତ୍ରୀ DHARITRI Oriya daily
is looking for
SENIOR ACCOUNTS EXECUTIVES
- Candidates should have at least 5 years + experience in the field of Accounts.
- Should have handled the Debtors Account, Bank reconciliation, Income Tax, Balance Sheet, Cash handling, MIS, day to day accounting, verification of bills and Tally entry.
- Proficiency in MS Excel, MS Word, & Tally is a must.
Apply immediately to :
recruitment@dharitri.com
Attractive salary commensurate with experience

# ବୃଦ୍ଧାଙ୍କୁ କଚାଡ଼ି ମାରିଲା ହାତୀ

ନୀଳଗିରି, ୨୫।୬
(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଉପଖଣ୍ଡରେ ଦିନକୁ ଦିନ ବୃଦ୍ଧି ପାଇଛି ହାତୀପଲଙ୍କ ଆତଙ୍କରାଜ। କୁଲଡିହା ଅଭୟାରଣ୍ୟରୁ ହାତୀପଲ ଗାଁ ମୁହାଁ ହୋଇ ଆଖପାଖ ଅଞ୍ଚଳରେ ପଶି ଧନଜୀବନ ନଷ୍ଟ କରୁଛନ୍ତି। ଗତ ସୋମବାର ବିଳମ୍ବିତ ରାତିରେ ୩ଟି ହାତୀ ଖସି ଆସି ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀଦେଇପୁର ନିକଟ କାଇଂଶପାଳ ଗ୍ରାମର ଜଣେ ୬୨ବର୍ଷୀୟ ବୃଦ୍ଧାଙ୍କୁ କଚାଡ଼ି ମାରିଦେଇଥିବା ଅଭିଯୋଗ ପରେ ବନବିଭାଗ ତଦନ୍ତ ଆରମ୍ଭ ହୋଇଛି। ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ସ୍ତ୍ରୀ ପୁଷ୍ପି ଗତ ସୋମବାର ରାତି ପ୍ରାୟ ୧୨ଟା ବେଳେ ପରିସ୍ରା କରିବାକୁ ଘରବାଡ଼ି ପଛକୁ ଯାଇଥିଲେ। ଉକ୍ତ ବାଡ଼ିରେ ଆମ୍ବ ଓ କଦଳୀ ଗଛ ଖାଇବାକୁ ପଶିଆସିଥିବା ୩ଟି ହାତୀ ମଧ୍ୟରୁ ଗୋଟିଏ ହାତୀ ଆକ୍ରମଣରେ ବୃଦ୍ଧାଜଣକ ପଡିଯିବାରୁ ହାତୀଟି ଶୁଣ୍ଢରେ କଚାଡି ଦେଇଥିଲା। ବୃଦ୍ଧାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲକୁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ବେଳେ ପରିବାର ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଛି।

# ସ୍ତ୍ରୀ ହତ୍ୟା ମାମଲା: ଦୋଷୀଙ୍କୁ ଆଜୀବନ ଜେଲ

ଚମ୍ପୁଆ,୨୫।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ଏକ ସ୍ତ୍ରୀ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସରୋଜ କୁମାର ଦାଶ ଏହାର ବିଚାରକରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବଡ଼ବିଲ ଥାନା ଅଧୀନ ସେରେଣ୍ଡା ଜଗଦାସାହିର ମଙ୍ଗଳ ମୁଣ୍ଡା। ମାମଲାର ବିବରଣୀ ଅନୁଯାୟୀ, ସ୍ତ୍ରୀ ଓ ୪ ପିଲାଙ୍କ ସହ ମଙ୍ଗଳ ରହିଆସୁଥିଲା ବେଳେ କୌଣସି କାମଧନ୍ଦା କରୁ ନ ଥିଲେ। ପ୍ରତ୍ୟେକ ଦିନ ମଦ ପିଇବା ପାଇଁ ସ୍ତ୍ରୀ ବମାଇ ମୁଣ୍ଡାଙ୍କ ରୋଜଗାର ଉପରେ ନିର୍ଭର କରୁଥିଲେ। ଟଙ୍କା ନ ଦେଲେ ମାରପିଟ କରୁଥିଲେ। ୨୦୨୨ ଫେବୃୟାରୀ ୨୭ ତାରିଖରେ ମଙ୍ଗଳ ମଦ ପିଇବାକୁ ଟଙ୍କା ମାଗିବାରୁ ବମାଇ ମନା କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ମଙ୍ଗଳ ଏକ ପେଚ୍‌କସ୍‌ରେ ବମାଇଙ୍କୁ ଆକ୍ରମଣ କରିବା ସହ ନିର୍ମମ ଭାବେ ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ବମାଇଙ୍କ ଭାଇ ଏତୁଆ ଚାତାରଙ୍କ ଅଭିଯୋଗକ୍ରମେ ବଡ଼ବିଲ ପୋଲିସ ଏକ ମାମଲା(ନଂ.୩୬/୨୨) ରୁଜୁକରି ଅଭିଯୁକ୍ତ ସ୍ୱାମୀ ମଙ୍ଗଳଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମଧୁସୂଦନ ପତି ମାମଲା ପରିଚାଳନା କରୁଥିଲେ।

# ପୁଅକୁ ବିଷ ପିଆଇବା ପରେ ମା' ପିଇଦେଲେ'

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଉଦଳା,୨୫।୬
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ନାବରା କଲୋନି ଗ୍ରାମରେ ପାରିବାରିକ କଳହରୁ ଜଣେ ମହିଳା ତାଙ୍କ ୪ ବର୍ଷର ଶିଶୁପୁତ୍ରଙ୍କୁ ବିଷଦେଇ ନିଜେ ପିଇ ଗୁରୁତର ହୋଇଛନ୍ତି। ମା' ପୁଅଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ନାବରା କଲୋନି ଗ୍ରାମର ଆଲୋକ ବାଘଡ଼ା ମଙ୍ଗଳବାର ମଧ୍ୟାହ୍ନରେ ୪ବର୍ଷର ପୁଅ ରାଜେଶ ସହ ଘରେ ଖାଉଥିଲେ। ଏହି ସମୟରେ ଆଲୋକଙ୍କ ସ୍ତ୍ରୀ ସବିତା ହଠାତ୍ ପୁଅକୁ ସାଙ୍ଗରେ ନେଇ ଘର ଭିତରକୁ ପଶିଯାଇ ଭିତରପଟୁ କବାଟ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ରାଜେଶ ବାହାରକୁ ଆସି ବାନ୍ତି କରିବାରୁ ସବିତା ତାଙ୍କୁ ବିଷ ପିଆଇ ନିଜେ ବିଷ ପିଇଦେଇଥିବା ଜଣାପଡ଼ିଥିଲା। ପରିବାର ଲୋକେ ମା' ପୁଅଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ବାରିପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଗୁଣିଆଙ୍କୁ ଭରସାକରି ଜୀବନ ଗଲା

## ଅନ୍ଧବିଶ୍ୱାସର କରୁଣ ପରିଣତି

ହାଟଡିହୀ,୨୫।୬
(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଜାବିନପୁର ଗାଁରେ ଅନ୍ଧବିଶ୍ୱାସ ଯୋଗୁ ଗୁଣିଆଙ୍କ ଉପରେ ଭରସାକରି ଜଣେ ସାପ କାମୁଡ଼ା ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ୱର୍ଗତ ମଥୁରା ମୁଣ୍ଡାଙ୍କ ପୁଅ ମାନସ(୩୦)।

ସୂଚନା ଅନୁଯାୟୀ, ସୋମବାର ରାତିରେ ଘରେ ଶୋଇଥିବା ବେଳେ ମାନସଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସଚେତନତା ଅଭାବରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଗୁଣିଆଙ୍କ ନିକଟକୁ ନେଇଯାଇଥିଲେ। ଗୁଣିଆ ୪ ଘଣ୍ଟା କାଳ ଝଡ଼ାଫୁଙ୍କା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ମାନସଙ୍କୁ ପ୍ରଥମେ ଶାଳନିଆ ଡାକ୍ତରଖାନା ଓ ପରେ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ନନ୍ଦିପଦା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୪) ରୁଜୁ ହୋଇଛି। ମାନସ ଜଣେ ଗରିବ ଏବଂ ଦିନ ମଜୁରିଆ। ତାଙ୍କର ଛୋଟ ଛୋଟ ଦୁଇଟି ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ଏହି ଗରିବ ଆଦିବାସୀ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଆନୁକୂଲ୍ୟରେ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ
ପକ୍ଷରୁ ଆୟୋଜିତ
"ନାଟ୍ୟ କର୍ମଶାଳା"
ଉକ୍ତ ନାଟ୍ୟ କର୍ମଶାଳା ତା୧୬।୦୭।୨୦୨୪ରିଖଠାରୁ ତା୨୨।୦୭।୨୦୨୪ରିଖ ପର୍ଯ୍ୟନ୍ତ ଉତ୍କଳ ରଙ୍ଗମଞ୍ଚ ପ୍ରେକ୍ଷାଳୟ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଭୁବନେଶ୍ୱରଠାରେ ଆୟୋଜିତ ହେଉଅଛି। ଏହି ନାଟ୍ୟ କର୍ମଶାଳାରେ ଅଭିନୟ, ନିର୍ଦ୍ଦେଶନା, ଆଲୋକ ସଂପାତ ଓ ମଞ୍ଚକଳା ଉପରେ ଜାତୀୟ ନାଟ୍ୟ ବିଦ୍ୟାଳୟ, ନୂଆଦିଲ୍ଲୀର ଓ ଭାରତବର୍ଷର ଅଭିଜ୍ଞ ନାଟ୍ୟବିତ୍‌ମାନଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯିବ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ନାଟ୍ୟଶିଳ୍ପୀମାନେ ନିଜର ଜୀବନୀ ପଞ୍ଜିକା (ବାୟୋଡାଟା) ତା୧୦।୦୭।୨୦୨୪ରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କୁ ଡାକଯୋଗେ କିମ୍ବା ମେଲ୍ :osnakademi@gmail.com ଯୋଗେ ଆବେଦନ କରିପାରିବେ। ସର୍ବମୋଟ ୨୦୦ ଜଣ ନାଟ୍ୟଶିଳ୍ପୀଙ୍କୁ ଗ୍ରହଣ କରାଯିବ । ଏଥିପାଇଁ ପ୍ରଥମ ଆବେଦନକାରୀଙ୍କୁ ଗୁରୁତ୍ୱ ପ୍ରଦାନ କରାଯିବ। ନାଟ୍ୟଶିଳ୍ପୀମାନଙ୍କୁ ୭ ଦିନ ପାଇଁ ମଧ୍ୟାହ୍ନ ଭୋଜନ ଏକାଡେମୀ ପକ୍ଷରୁ ଯୋଗାଇ ଦିଆଯିବ। ରହଣି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ନାଟ୍ୟଶିଳ୍ପୀ ନିଜେ ବ୍ୟବସ୍ଥା କରିବେ।
ଶ୍ରୀ ପ୍ରବୋଧ ରଥ
ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

TP SOUTHERN ODISHA DISTRIBUTION LIMITED
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010
NOTICE INVITING TENDER
Dt.: 26.06.2024
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | SITC of maintenance free 300 nos. of earthing pit (set) along with earthing chamber and jointing with existing earth pit at different 33/11 kV PSS of TPSODL. | TPSODL/OT/ 2024-25/021 | 50,000 | 5,000 | 08.07.2024; 18:00 Hrs. |
| 2 | Rate Contract for Underground cable fault detection and maintenance. | TPSODL/OT/ 2024-25/020 | 2,00,000 | 5,000 | 08.07.2024; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, राँची
ई–निविदा आमंत्रण सूचना
पत्रांकः–
दिनांक–
ई–निविदा संख्याः–25/2023-24/RWD /EE/RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/RANCHI / 47/ STPKG/15/ 2023-24 | बुढ़मू–ठाकुरगांव आर0सी0डी0 पथ गुरगाई से कोराबार भाया ठाकुरगाँव बस्ती बेरवारी एवं तुरमुली पथ का सुदृढ़ीकरण कार्य। (ल0–5.965 कि0मी0); उमेडण्डा बाजारटांड़ से हरिनलेटा भाया हाई स्कूल एण्ड डिग्री कॉलेज नैदा एण्ड ऐरिड पथ तक पथ का सुदृढ़ीकरण कार्य। (ल0–8.570 कि0मी0) | 13,60,89,000.00 | तेरह करोड़ साठ लाख नवासी हजार रूपये मात्र। | 15 माह | प्रथम |

1. वेबसाईट में निविदा प्रकाशन की तिथिः–27.06.2024
2. ई–निविदा प्राप्ति की अंतिम तिथि एवं समयः–18.07.2024 अपराह्न 5.00 बजे तक।
3. निविदा खोलने की तिथि एवं समयः–20.07.2024 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
कार्यपालक अभियंता
ग्रामीण कार्य विभाग,कार्य प्रमण्डल, राँची
PR 327643 REO(24-25).D

CENTRE FOR DISTANCE AND ONLINE EDUCATION
SAMBALPUR UNIVERSITY, ODISHA
Email: ddccadmn@gmail.com
No. 1045/CDOE Date: 25.06.24
ADMISSION OPEN FOR OPEN AND DISTANCE LEARNING PROGRAMME: 2024-25
ACADEMIC SESSION BEGINNING FROM SEPTEMBER - 2024
Online applications are invited for admission into different PG and UG programmes through Open and Distance Learning Mode under Centre for Distance and Online Education, Sambalpur University.
UG Programme : BBA
PG Programme : MBA, M.Com
Last Date of Online Submission of Application : 15th August, 2024
Candidates are advised to visit Website of Centre for Distance and Online Education, Sambalpur University (cdoe.suniv.ac.in) for details information of admission procedure.
Sd./- Director, CDOE

पर्यटन मंत्रालय MINISTRY OF TOURISM
सत्यमेव जयते
NCHMCT
Institute of Hotel Management
Veer Surendra Sai Nagar, Bhubaneswar-751010
Tel: 0674-2589241, E-mail id: hospitality@ihmbbs.org
Website: www.ihmbbs.org
ADMISSION-2024
On behalf of National Council for Hotel Management and Catering Technology, Noida, IHM Bhubaneswar calls for application, from the eligible candidates to get admission in to 1st year of 3-Years B.Sc.-HHA (Hospitality & Hotel Administration) program with the following eligibility criteria against the residual vacancies at IHM Bhubaneswar which is an affiliated of NCHMCT.
1. Candidate must have passed 12th Exam with minimum of 40% marks (in aggregate, in 10+2 system from a recognized board, either of any stream (Science/Arts/ Commerce/Vocational).
2. English should be one of the compulsory subject in 12th level and have passed the subject.
3. There is No Age bar.
4. The program recognized by Jawaharlal Nehru University to award the final degree.
5. Reservation as per government rules.
Interested candidate must apply to the Institute by attaching the copies of testimonials latest by 1st July, 2024 either in person/by posts or vide email at hospitality@ihmbbs.org .
Admission form and other details are available on the website www.ihmbbs.org .
Admission helpline numbers: 9438810851 and 9937453823
Name of contact person: Gyana Ranjan Satapathy
Mobile number of contact person: 9937453823
Admission will be offered on the basis of a written test to be conducted shortly by NCHMCT for residual vacancies for which the dates will be intimated to the eligible applicants. Candidates may follow institute website for information on the written test schedule.
Sd/-
Principal

ଅତିମାନବ କିଏ ? ଯେ ଏହି ଜଡମୁଖୀ ବିଭଗ୍ନ ମାନବୀୟ ବ୍ୟକ୍ତିଜୀବନର ଊର୍ଦ୍ଧ୍ୱକୁ ଉଠିଯାଇ ପାରେ- ଏବଂ ନିଜକୁ ବିଶ୍ୱମୟ କରିଦେଇ ଏକ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦ ଓ ଦିବ୍ୟଜ୍ଞାନରେ ନିଜକୁ ଦିବ୍ୟମଣିଷ କରି ଦେଇପାରେ। -ଶ୍ରୀଅରବିନ୍ଦ



# ଜୀବନ ପାଣିଫୋଟକା

ଓଡ଼ିଶାରେ ଶିଳ୍ପ ବିକାଶ ପାଇଁ ନିବେଶକୁ ଉତ୍ସାହିତ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଉତ୍ପାଦନର ପ୍ରମୁଖ ଭୂମିକାରେ ଥିବା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ଆର୍ଥିକ ଦିଗକୁ ଅଣଦେଖା କରାଯିବାର ଖବର ସାମ୍ନାକୁ ଆସୁଛି। ବିଶେଷକରି ନିୟମିତ ବ୍ୟବଧାନରେ ବିଭିନ୍ନ ଶିଳ୍ପକେନ୍ଦ୍ରରେ ଦୁର୍ଘଟଣା ଯୋଗୁ ଶ୍ରମିକ ମୃତାହତ ହେବା ଚିନ୍ତାର ବିଷୟ। ୨୦୨୧ରେ ରାଉରକେଲା ଇସ୍ପାତ କାରଖାନାରେ ବିଷାକ୍ତ ଗ୍ୟାସ ସଂସ୍ପର୍ଶରେ ଆସି ୪ ଜଣ ଶ୍ରମିକଙ୍କ ମୃତ୍ୟୁ, ୨୦୨୩ରେ ସୁନ୍ଦରଗଡ଼ର ଶୁଭ ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଓ ୨ ଆହତ ହେବା ପ୍ରାୟ ସମସ୍ତଙ୍କର ମନେଅଛି। ଚଳିତ ସପ୍ତାହ ଅର୍ଥାତ୍ ୨୪ ଜୁନ ୨୦୨୪ରେ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖାଡ଼ବନ୍ଧ ଗ୍ରାମରେ ଥିବା ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍ କାରଖାନାର ମେକାନିକାଲ ଷ୍ଟ୍ରକ୍‌ଚର ଭୁଶୁଡ଼ି ୨ ଶ୍ରମିକଙ୍କର ମୃତ୍ୟୁ ହେବା ସହ ୨ ଗୁରୁତର ଆହତ ହୋଇଛନ୍ତି। ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୧୯ରୁ ୨୦୨୨ ମଧ୍ୟରେ ବିଭିନ୍ନ କଳକାରଖାନା ଦୁର୍ଘଟଣାରେ ୧୩୭ ଶ୍ରମିକଙ୍କ ମୃତ୍ୟୁ ହେବା ସହ ୧୩୨ ଜଣ ଆହତ ହୋଇଥିଲେ। କେନ୍ଦ୍ର ସରକାରଙ୍କ ତଥ୍ୟ ଦର୍ଶାଏ, କାରଖାନା ଦୁର୍ଘଟଣାରେ ଭାରତରେ ଦିନକୁ ହାରାହାରି ୩ ଜଣଙ୍କର ମୃତ୍ୟୁ ହେଉଛି। ଦେଖିବାକୁ ଗଲେ ରାଜ୍ୟରେ ବିଭିନ୍ନ କଳକାରଖାନା ସମେତ କ୍ରଶର, ପଥର ଖାଦାନ, ଖଣି ଖନନ, ନିର୍ମାଣ, ଇଟାଭାଟି ଭଳି ଅସଙ୍ଗଠିତ କ୍ଷେତ୍ରରେ ଶ୍ରମିକମାନେ ଦୁର୍ଘଟଣାରେ ମୃତାହତ ହେଉଛନ୍ତି।

ଏଭଳି ଦୁର୍ଘଟଣା ପଛରେ ଅନେକ କାରଣ ରହିଛି। ଶ୍ରମିକମାନେ ନିଜ ସୁରକ୍ଷା ପାଇଁ ଯତ୍ନବାନ ନୁହନ୍ତି। ଭାରତରେ ଏହା ଏକ ଚିରାଚରିତ ସମସ୍ୟା। ମଣିଷ ଜୀବନର କୌଣସି ମୂଲ୍ୟ ଏହି ଦେଶରେ ପୂର୍ବରୁ ନ ଥିଲା କି ଆଜି ମଧ୍ୟ ନାହିଁ। ଉଦାହରଣ ସ୍ୱରୂପ ଜୁନ ୧୭ ତାରିଖରେ କାଞ୍ଚନଜଙ୍ଘା ରେଳ ଦୁର୍ଘଟଣାରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଥିଲେ ମଧ୍ୟ ସେମାନଙ୍କ ବିଷୟରେ କୌଣସି ତଥ୍ୟ ଦେଶବାସୀ ଜାଣିନାହାନ୍ତି। ଅର୍ଥାତ୍ ସେହି ସବୁ ମୃତ ଯାତ୍ରୀଙ୍କ ଜୀବନର କୌଣସି ମୂଲ୍ୟ ଥିଲା ଭଳି ଏ ଜାତି ଭାବେ ନାହିଁ। ଯେଉଁ ପରିବାରର ବ୍ୟକ୍ତି ମୃତ୍ୟୁର ସମ୍ମୁଖୀନ ହୁଏ, କେବଳ ସେହି ପରିବାର ସେଥିପାଇଁ ବ୍ୟସ୍ତ ହୁଏ। କିନ୍ତୁ ଯେହେତୁ ସାମାଜିକ ସ୍ତରରେ ଏହିସବୁ ଦୁର୍ଘଟଣା ପ୍ରତି କେବେହେଲେ କୌଣସି ପ୍ରତିକ୍ରିୟା ପ୍ରକାଶ ପାଏନାହିଁ, ସେଥିପାଇଁ ସରକାର ମଧ୍ୟ ଦୀର୍ଘମିଆଦୀ ସମାଧାନ ଖୋଜିବା ଲାଗି ଚିନ୍ତା କରେ ନାହିଁ। ଭାବିବାକୁ ଗଲେ କାଞ୍ଚନଜଙ୍ଘା ଏକ୍ସପ୍ରେସ, ବାହାନଗା ଟ୍ରେନ ଦୁର୍ଘଟଣା ଭଳି ବିରାଟକାୟ ଦୁର୍ଘଟଣା ଏବଂ ଅନେକଙ୍କ ମୃତ୍ୟୁଠାରୁ ଆରମ୍ଭ କରି ପ୍ରତ୍ୟେକ ଦିନ ଭାରତର ବିଭିନ୍ନ କଳକାରଖାନାରେ ସୁସ୍ଥସବଳ ଲୋକଙ୍କର ଅକାଳ ବିୟୋଗ ଘଟିବାରେ ଲାଗିଛି। ଯେଉଁମାନେ ମୂଲ ଲାଗି ରୋଜଗାର କରୁଛନ୍ତି, ସେମାନେ ନିଶ୍ଚିତ ଭାବେ ତାଙ୍କ ପଛରେ ଥିବା ଗୋଟିଏ ପରିବାରର ଦାୟିତ୍ୱ ବହନ କରୁଥିବେ। ସେହି ରୋଜଗାର କରୁଥିବା ବ୍ୟକ୍ତିର ମୃତ୍ୟୁପରେ ତାଙ୍କର ପରିବାର ତଳିତଳାନ୍ତ ହୋଇଯାଇଥାଆନ୍ତି। ସାଧାରଣ ଭାରତୀୟଙ୍କ ଚରିତ୍ର ହେଉଛି ସମସ୍ୟା ନିଜ ମୁଣ୍ଡ ଉପରେ ପଡ଼ି ନ ଥିବା ହେତୁ ସେହି ସମସ୍ୟା କାହାରି ଆଖିକୁ ଦେଖାଯାଏ ନାହିଁ। ତେଣୁ ଇସ୍ପାତ କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କଠାରୁ ଆରମ୍ଭ କରି ବଡ଼ ଅଟ୍ଟାଳିକା ନିର୍ମାଣ କରୁଥିବା ମିସ୍ତ୍ରିର ଜୀବନ ପାଣିଫୋଟକା ଭଳି। ସକାଳୁ ଜଳଖିଆ ଖାଇ ଘରୁ ବାହାରିଲାବେଳକୁ ଜଣା ନଥାଏ ସନ୍ଧ୍ୟାରେ ପୁନର୍ବାର ଘରକୁ ଫେରିବେ କି ନାହିଁ। ଏଭଳି ପ୍ରଚ୍ଛଦପଟରେ ସୁଧାର ଆଣିବାକୁ ହେଲେ କେବଳ ଆଇନ ପ୍ରଣୟନ ଯଥେଷ୍ଟ ହେବ ନାହିଁ। ଯେଉଁସବୁ ସରକାରୀ ସଂସ୍ଥାକୁ ଶ୍ରମିକ ସୁରକ୍ଷା ସମ୍ବନ୍ଧୀୟ ଦାୟିତ୍ୱ ଦିଆଯାଇଛି, ତାହାର ତଳତଳିଆ କର୍ମଚାରୀମାନେ ଅଳ୍ପ କିଛି ଅର୍ଥ ହାସଲ କରି ବଡ଼ ବିପଦ ପ୍ରତି ଦୁଆର ଖୋଲି ଦେଇଥାଆନ୍ତି। ଯେଉଁ ପର୍ଯ୍ୟନ୍ତ ଦୁର୍ଘଟଣା ଘଟି ନ ଥାଏ, ସେ ପର୍ଯ୍ୟନ୍ତ ସବୁକିଛି ସୁରୁଖୁରୁରେ ଚାଲିଥାଏ। ସେହିସବୁ କନିଷ୍ଠ ସରକାରୀ କର୍ମଚାରୀମାନେ ଭଲ ଦୁଇ ପଇସା ମଧ୍ୟ ରୋଜଗାର କରିଚାଲିଥାନ୍ତି। ଯେତେବେଳେ ଦୁର୍ଘଟଣା ଘଟେ, ସେତେବେଳେ ମାନ୍ଦା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ଯାହାର କୌଣସି ପ୍ରଭାବ ପଡ଼େନାହିଁ ଏବଂ ପରବର୍ତ୍ତୀ ସମୟରେ ମଧ୍ୟ ପରିସ୍ଥିତିରେ ପରିବର୍ତ୍ତନ ଆସେନାହିଁ। ଏଥିସହିତ ଯୋଡ଼ି ହୋଇଯାଏ ଶ୍ରମିକ ଜୀବନର ବେପରୁଆ ଆଭିମୁଖ୍ୟ। ସଡ଼କ, ରେଳ ଏବଂ ଶିଳ୍ପ ଦୁର୍ଘଟଣାରୁ ଆରମ୍ଭ କରି ଟ୍ୟୁବ୍‌ୱେଲ ଭିତରେ ପିଲା ପଡ଼ିଯିବା ଭଳି ଅସ୍ୱାଭାବିକ ଦୁର୍ଘଟଣା କେବଳ ଭାରତରେ ଅଧିକ ପରିମାଣରେ ଘଟିଥାଏ। ସେଥିପାଇଁ ଯାହା ପୂର୍ବରୁ ଉଲ୍ଲେଖ କରାଯାଇଛି ତାହା ଦୋହରାଯାଇପାରେ ଯେ, କେବଳ ଆଇନ ନୁହେଁ, ମଣିଷ ଜୀବନର ମୂଲ୍ୟକୁ ସମ୍ମାନ ଦେଇ ସବୁ ସ୍ତରରେ ଯଦି ଆଭିମୁଖ୍ୟର ପରିବର୍ତ୍ତନ ଘଟିବ, ତେବେ ଅନେକ ଦୁର୍ଘଟଣାରୁ ବଞ୍ଚିବା ସମ୍ଭବପର ହେବ।

> ସାଧାରଣ ଭାରତୀୟଙ୍କ ଚରିତ୍ର ହେଉଛି ସମସ୍ୟା ନିଜ ମୁଣ୍ଡ ଉପରେ ପଡ଼ି ନ ଥିବା ହେତୁ ସେହି ସମସ୍ୟା କାହାରି ଆଖିକୁ ଦେଖାଯାଏ ନାହିଁ। ତେଣୁ ଇସ୍ପାତ କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କଠାରୁ ଆରମ୍ଭ କରି ବଡ଼ ଅଟ୍ଟାଳିକା ନିର୍ମାଣ କରୁଥିବା ମିସ୍ତ୍ରିର ଜୀବନ ପାଣିଫୋଟକା ଭଳି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 4 | 3 | | | | | 8 | |
| | | | | 5 | | | | 9 |
| | | 1 | | | | 6 | | 2 |
| | | 2 | | | | | | 4 |
| | 6 | | | | | 5 | | |
| 1 | | | | | | | 9 | |
| | | | | | 3 | | | 7 |
| | | | | 7 | 8 | 1 | | |
| 5 | | 8 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 7 | 1 | 8 | 9 | 5 | 2 | 6 |
| 6 | 5 | 9 | 4 | 7 | 2 | 8 | 1 | 3 |
| 1 | 8 | 2 | 6 | 3 | 5 | 9 | 7 | 4 |
| 5 | 7 | 6 | 9 | 2 | 4 | 3 | 8 | 1 |
| 8 | 3 | 1 | 5 | 6 | 7 | 4 | 9 | 2 |
| 2 | 9 | 4 | 8 | 1 | 3 | 7 | 6 | 5 |
| 4 | 1 | 5 | 2 | 9 | 8 | 6 | 3 | 7 |
| 9 | 6 | 3 | 7 | 5 | 1 | 2 | 4 | 8 |
| 7 | 2 | 8 | 3 | 4 | 6 | 1 | 5 | 9 |

ଗତକାଲିର ଉତ୍ତର



# ଅବସର ଜୀବନ: ଏକ ସ୍ୱର୍ଣ୍ଣିମ ଅଧ୍ୟାୟ

ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ଦେଶର ଆଇନ ଅନୁସାରେ ଷାଠିଏ ବର୍ଷ ବୟସ ହୋଇଗଲେ ଜଣକୁ କୁହାଯାଏ ବୟସ୍କ ବା ବରିଷ୍ଠ ନାଗରିକ। କର୍ମଜୀବୀ ହୋଇଥିଲେ ସେବେଠାରୁ ସେବାନିବୃତ୍ତ ହେବାକୁ ପଡ଼େ ଏବଂ ଆରମ୍ଭ ହୁଏ ଅବସର ଜୀବନ। ଅବସର ନେବା ଅନେକ ଆଗରୁ ମନେମନେ ଚାଲିଥାଏ ଦିନ ଗଣନା। ବାକି ରହିଲା ବର୍ଷେ ଛ'ମାସ ବା ମାସେ ଇତ୍ୟାଦି। ଏମିତି ଦିନ ଗଣୁଗଣୁ ସେହି ନିର୍ଦ୍ଧାରିତ ଦିନଟା ଆସି ପହଞ୍ଚିଯାଏ ଏବଂ ଜାଣିହୁଏନି କେମିତି ଏତେଶୀଘ୍ର ସରିଗଲା ଚାକିରିକାଳ। ଆଗେ ଛୁଟି ପାଇଁ ଉହଳ ବିକଳ ହେଉଥିବା ମନଟା ସହଜରେ ଗ୍ରହଣ କରିପାରେନି ଅସରନ୍ତି ଛୁଟି। ପୂର୍ବ ପ୍ରସ୍ତୁତି ସତ୍ତ୍ୱେ କାର୍ଯ୍ୟାଳୟର ଶେଷ ଦିନଟା ମନକୁ ବିଷାଦଗ୍ରସ୍ତ କରେ ଏବଂ କଣ୍ଟା ଫୋଡ଼ି ହେଲା ପରି ଲାଗେ ସହକର୍ମୀଙ୍କ ପ୍ରଶଂସା ଓ ଫୁଲତୋଡ଼ା। ବିଶେଷକରି ଯେଉଁମାନେ ବୃତ୍ତିକୁ ଆତ୍ମ ପରିଚିତିର ମୁଖ୍ୟ ଅଙ୍ଗ ବୋଲି ଭାବିଥାନ୍ତି, ସେମାନଙ୍କୁ ଅବସନ୍ନ କରିଦିଏ ବୃତ୍ତି ସମ୍ବନ୍ଧୀୟ ସୁବିଧା, ସୁଯୋଗ ଓ ସମ୍ମାନ ହରେଇବାର ଭୟ। ଅବସର ପରବର୍ତ୍ତୀ କର୍ମହୀନତା ତାଙ୍କୁ ଅବସାଦ ଆଣିଦିଏ ଏବଂ କର୍ମକ୍ଷେତ୍ରରେ କଟୁଥିବା ସମୟ ପାଲଟିଯାଏ ବୋଝ। କିନ୍ତୁ କର୍ମଠଙ୍କ କଥା ଅଲଗା। ସେମାନଙ୍କ ପାଇଁ ଅବସର ଅର୍ଥ ବାର୍ଦ୍ଧକ୍ୟ ନୁହେଁ କି ବିଶ୍ରାମ ନୁହେଁ ବରଂ ସମୟର କଡ଼ ଲେଉଟାଣି। ନୂଆ ରାସ୍ତା ପାଇଁ ନୂଆ ଠିକଣା। ଜୀବନର ଏକ ନୂଆ ସତେଜ ଅଧ୍ୟାୟକୁ ସାଦର ଆମନ୍ତ୍ରଣ।

ପୂର୍ବରୁ ଲୋକମାନେ ଷାଠିଏ ବର୍ଷ ବେଳକୁ ଜରାଗ୍ରସ୍ତ ହେଉଥିଲେ ଏବଂ ସେହି କାରଣରୁ ଅବସର ବୟସ ଥିଲା ଷାଠିଏ। ଏବେ ବିଜ୍ଞାନର ଆଶୀର୍ବାଦରୁ ବଞ୍ଚିବାର ଅବଧି ବଢୁଛି ଏବଂ ପ୍ରଲମ୍ବିତ ହେବାରେ ଲାଗିଛି ଅବସର ପରବର୍ତ୍ତୀ ଜୀବନ। ଜଣେ ବ୍ୟକ୍ତି ଯେତିକି ଦିନ ଚାକିରି କରୁଛି, ପ୍ରାୟତଃ ତା'ଠାରୁ ବେଶିଦିନ ବଞ୍ଚୁଛି ଅବସର ପରେ। କେବଳ ବଞ୍ଚୁନାହିଁ, ସୁସ୍ଥ ଓ ସବଳ ରହି ପାରୁଛି ଉତ୍ତର-ବାର୍ଦ୍ଧକ୍ୟ (ଅଶୀବର୍ଷ) ପର୍ଯ୍ୟନ୍ତ। ତେଣୁ ଏବେ କାର୍ଯ୍ୟରୁ ଅବସର ଅର୍ଥ ବସି ବସି କିମ୍ବା ଖବରକାଗଜ ପଢ଼ି ଓ ଟେଲିଭିଜନ ଦେଖି ସମୟ କାଟିଦେବା ନୁହେଁ, ବରଂ ଚାକିରି କାଳରେ ଯାହା ହୋଇପାରି ନ ଥିଲା, ତାହା କାର୍ଯ୍ୟକାରୀ କରିବାର ଅବକାଶ।

ଯେଉଁମାନେ କର୍ମବୀର- ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଅନୁଭବ କରିପାରନ୍ତିନି କର୍ମହୀନତା। ଗୋଟିଏ କର୍ମରୁ ଅବସର ନେଲେ ବାକିଥାଏ ଆଉ ଗୋଟିଏ କର୍ମ। ଆମେରିକାର ରାଷ୍ଟ୍ରପତି ଜିମି କାର୍ଟର। ଦେଶର ଉନ୍ନତି ପାଇଁ ଅବିରାମ ଉଦ୍ୟମ ସତ୍ତ୍ୱେ ଅନେକ ବିବାଦରେ ଛନ୍ଦି ହୋଇ ହରେଇ ବସିଲେ ଲୋକଙ୍କ ଆସ୍ଥା। ଶେଷରେ ନିର୍ବାଚନରେ ହାରି (୧୯୮୦) ରାଜନୀତିରୁ ବିଦାୟ ନେଇଥିଲେ ଛପନବର୍ଷ ବୟସରେ। ଅଳ୍ପଦିନ ପରେ ଏମେରୀ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ ଅଧ୍ୟାପକ ଭାବରେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ମାନବିକ ଅଧିକାର ଉପରେ ଅନେକ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରିବା ସହିତ ରଚନା କଲେ ଚଉଦଟି ପୁସ୍ତକ। ଏଭଳି କୃତିତ୍ୱ ପାଇଁ ଦେଶ ବିଦେଶରୁ ଛୁଟିଲା ପ୍ରଶଂସା ଓ ସମ୍ମାନର ସୁଅ। ଶେଷରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରି ବୟସ୍କଙ୍କ ପାଇଁ ପାଲଟିଗଲେ ପ୍ରେରଣାର ଉତ୍ସ। ଷାଠିଏ ବର୍ଷ ବୟସରେ ପଦାର୍ପଣ କଲାପରେ ରବୀନ୍ଦ୍ରନାଥ ଟାଗୋର ଆରମ୍ଭ କରିଥିଲେ ଚିତ୍ରବିଦ୍ୟା। ସତାବନ ବର୍ଷ ବୟସରେ ଗଳ୍ପଲେଖା ଆରମ୍ଭ କରିଥିଲେ ଫକୀରମୋହନ ସେନାପତି। ଅର୍ଥାତ୍ ସମାଜରେ ଏମିତି ଅନେକ କ୍ଷେତ୍ର ଅଛି, ଯାହା ବୟସ ଉପରେ ନୁହେଁ ନିର୍ଭର କରେ ଅନୁଭୂତି, ଅଭିଜ୍ଞାନ ଓ ସୃଜନଶୀଳତା ଉପରେ। ଗବେଷକଙ୍କ ମତରେ ବୟସାଧିକ୍ୟ ହିଁ ମେଧା ପ୍ରଦର୍ଶନର ଅନୁକୂଳ ସମୟ। କାରଣ ବୟସ ବଢ଼ିବା ସହିତ ବୃଦ୍ଧିପାଏ ଭାଷାଗତ ଜ୍ଞାନ, ଶିଳ୍ପକୌଶଳ ତଥା ଅନୁଶୀଳନ ଦକ୍ଷତା। ମାଇକେଲ ଆଞ୍ଜେଲୋ ସବୁଠାରୁ ସୁନ୍ଦର ମୂର୍ତ୍ତି ନିର୍ମାଣ କରିଥିଲେ ଅଶୀ ବର୍ଷ ବୟସରେ। ବୟାନବେ ବର୍ଷ ବୟସରେ ଟଲଷ୍ଟୟ ଲେଖିଥିଲେ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଆଇ କେନ୍‌ନଟ୍ ବି ସାଇଲେଣ୍ଟ'। ଜର୍ମାନ ଲେଖକ ଗେଟେ ତାଙ୍କର ବିଖ୍ୟାତ ପୁସ୍ତକ 'ଫଷ୍ଟ' ଲେଖା ସଂପୂର୍ଣ୍ଣ କରିଥିଲେ ୮୩ ବର୍ଷ ବୟସରେ। ବୈଜ୍ଞାନିକ ଏଡିସନ୍ ଅଶୀବର୍ଷ ବୟସ ପରେ ଉଦ୍ଭାବନ କରିଥିଲେ ଡିକ୍ଟୋଫୋନ୍ ଯନ୍ତ୍ର। ବରିଷ୍ଠଙ୍କ ଅନୁଭୂତିରେ ଥାଏ ଏକ ପ୍ରୟୋଗାତ୍ମକ ମୂଲ୍ୟ। ଏଥିସହିତ ଅଭ୍ୟାସ ଓ ଆତ୍ମପ୍ରତ୍ୟୟ ମିଶିଗଲେ ପଛରେ ପଡ଼ିଯାଏ ବୟସ। ପଞ୍ଜାବର ଚଉରାନବେ ବର୍ଷ ବୟସ୍କ ଫୌଜ ସିଂ। ଅଭ୍ୟାସ ବଳରେ ଛଅଶହ ପ୍ରତିଯୋଗୀଙ୍କୁ ପଛରେ ପକାଇ ସଫଳତା ଅର୍ଜନ କରିଥିଲେ ଇଡେନବର୍ଗରେ ଅନୁଷ୍ଠିତ ମାରାଥନ (୨୦୦୬) ଦୌଡ଼ରେ। ନବେବର୍ଷ ବୟସରେ ଚମତ୍କାର ସାହାନାଇ ବାଦନ କରୁଥିଲେ ବିସମିଲ୍ଲା ଖାଁ। ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସ୍‌କର୍ ଓ ଆଶା ଭୋଂସଲେ ସୁଲଳିତ କଣ୍ଠରେ ସଙ୍ଗୀତ ପରିବେଷଣ କରି ପାରୁଥିଲେ ପାଖାପାଖି ଅଶୀବର୍ଷ ପର୍ଯ୍ୟନ୍ତ।

ଚାକିରି ଅବଧି ପରିମିତ। କିନ୍ତୁ ସଂସାର ପାଠଶାଳାର ପାଠ ଅସରନ୍ତି। ଯେତେ ଅନୁଭୂତି ଅଭିଜ୍ଞତା ହାସଲ କଲେ ବି ଜାଣିବାପାଇଁ ବାକି ଥାଏ ଆହୁରି ଅନେକ କିଛି। ଯେଉଁମାନେ ଭାବନ୍ତି ମୋର ଯାହା ଶିଖିବାର ଥିଲା ଶିଖିସାରିଛି ଓ ଯାହା କରିବାର ଥିଲା କରି ସାରିଛି, ସେଇମାନେ ପ୍ରକୃତରେ ବୃଦ୍ଧ। କାରଣ ଏଭଳି ଭାବନା ହିଁ ବାର୍ଦ୍ଧକ୍ୟର ଲକ୍ଷଣ ଏବଂ ଏହା ମନରେ ଜାଗ୍ରତ ହେବା ମାତ୍ରେ ଆରମ୍ଭ ହୁଏ ଅବନତି ପ୍ରକ୍ରିୟା। ଅନ୍ୟପକ୍ଷରେ ଯେଉଁମାନେ ଭାବନ୍ତି ଯାହାକିଛି ଜାଣିଛି ତାହା ସାମାନ୍ୟ ଏବଂ ଯେତେବାଟ ଯାଇଛି ତା'ଠାରୁ ଅନେକ ଆଗକୁ ଯିବାର ଅଛି, ସେହିମାନଙ୍କ ଭିତରେ ଥାଏ ଅପରାହ୍ନକୁ ଆଭାମୟ କରିବାର ପ୍ରଚୁର ସମ୍ଭାବନା। ଥରେ ଗୋଟିଏ ଜାହାଜର ଡେକ୍ ଉପରେ ଜଣେ ଅତି ବୟସ୍କ ବ୍ୟକ୍ତି କିଛି କରୁଥିବାର ଦେଖି ବ୍ରିଟିଶ ଲେଖକ ବ୍ରୁସ୍ ଚାର୍‌ୱିନ୍ ତାଙ୍କ ପାଖକୁ ଯାଇ ଜାଣିଲେ ସେ ଚୀନା ଅକ୍ଷରର କାଲିଗ୍ରାଫି ଅଭ୍ୟାସରେ ମଗ୍ନ। କୌତୂହଳ ଏଡ଼ି ନ ପାରି ବ୍ରୁସ୍ ତାଙ୍କ ସହିତ ଆଳାପ ଜମାଇ ପଚାରିଲେ ପରିଣତ ବୟସରେ ଏସବୁ ଶିଖିବାରେ ଲାଭ କ'ଣ? ବୃଦ୍ଧ ଉତ୍ତର ଦେଲେ ଏଥିରୁ ମିଳୁଥିବା ପ୍ରଚୁର ଆନନ୍ଦ ହିଁ ଲାଭ। ବ୍ରୁସ୍ ବୟସ ଜାଣିବାକୁ ଚାହିଁବାରୁ ସେ କହିଲେ- ମାତ୍ର ଚାରି ବର୍ଷ। କାରଣ ଚାରି ବର୍ଷ ତଳେ ସେ ଏହା ଶିଖିବା ଆରମ୍ଭ କଲେ ଏବଂ ସେବେଠାରୁ ଯେଉଁ ଆନନ୍ଦ ଅନୁଭବ କରୁଛନ୍ତି, ତାହା ତାଙ୍କୁ ଆଣିଦେଇଛି ନବଜନ୍ମ। ବୃଦ୍ଧଙ୍କର ଏଭଳି ଉତ୍ସାହକୁ ଲକ୍ଷ୍ୟ କରି ବ୍ରୁସ୍ ଲେଖିଛନ୍ତି - ବୟସ ହେଉଛି ଏକ ସଂଖ୍ୟା ମାତ୍ର। ବୟସ ଦେହରେ ନ ଥାଏ, ଥାଏ ମନରେ। ଅର୍ଥାତ୍ ଜୈବିକ ବୟସ ନୁହେଁ ଗୁରୁତ୍ୱପୂର୍ଣ୍ଣ ହେଉଛି ମନସ୍ତାତ୍ତ୍ୱିକ ବୟସ।

କର୍ମତତ୍ପରତାରେ ଥାଏ ବାର୍ଦ୍ଧକ୍ୟକୁ ଜିଣିବାର ଅସଲ କୌଶଳ। ବୟସକୁ ପ୍ରତିବନ୍ଧକ ବୋଲି ନ ଭାବି କାମରେ ଯୋଡ଼ିହୋଇ ରହିଲେ ବୃଦ୍ଧିପାଏ ଆତ୍ମପ୍ରତ୍ୟୟ, ଆତ୍ମମର୍ଯ୍ୟାଦା ଓ ଆତ୍ମସାମର୍ଥ୍ୟବୋଧ। ଅନ୍ୟପକ୍ଷରେ ଯେଉଁମାନେ ଦେହର ବଳକୁ ଅସଲ ବଳ ବୋଲି ଭାବନ୍ତି, ଅବସର ପରେ ସେଇମାନଙ୍କୁ ହିଁ ଘାରେ ବଳ ହଜିଯିବାର ଭୟ। ସୁସ୍ଥ ସବଳ ଥାଇ ବି ଭଙ୍ଗାମନ ନେଇ ଉଦାସ କଣ୍ଠରେ କହନ୍ତି - ଆଉ ବଳ ବୟସ କାହିଁ, ପାରିବି ପୁତ୍ର ଉପୁଜାଇ। ସ୍ୱପ୍ନକୁ ପଛରେ ଛାଡ଼ି ଆସିଥିବାରୁ ଦେହର ବଳ ଥାଇ ବି ଏମାନେ କିଛି କରିବାକୁ ଚାହାନ୍ତିନି ବରଂ ତାଙ୍କ ପ୍ରତି ଅବହେଳାର ଅଭିଯୋଗ ନେଇ ବ୍ୟକ୍ତ କରନ୍ତି ଅସନ୍ତୋଷ। ଅବସର ଜୀବନକୁ ଉତ୍ସବମୁଖର କରିବାର ଅସଲ ଉପାୟ ହେଉଛି ସାମାଜିକ ସମ୍ପର୍କ। ଆଜିକାଲି ପୁଅବୋହୂ ନାତିନାତୁଣୀଙ୍କ ଗହଣରେ ଶେଷ ଜୀବନ କାଟିବାର ସମ୍ଭାବନା ବି କମ୍। ତେଣୁ ବରିଷ୍ଠଙ୍କ ପାଇଁ ଏବେ ବଡ଼ ସମସ୍ୟା ହୋଇ ଉଭା ହୋଇଛି ଏକାକୀତ୍ୱ ଓ ନିଃସଙ୍ଗତା। ଯେଉଁମାନେ ମେଳାପୀ, ବନ୍ଧୁବତ୍ସଳ ଓ ପରୋପକାରୀ ସେମାନେ ଆଧ୍ୟାତ୍ମିକ ଆଲୋଚନାରେ ମାତନ୍ତି ଏବଂ ସମଭାବାପନ୍ନ ଲୋକଙ୍କୁ ଏକାଠି କରି ଲାଗିପଡ଼ନ୍ତି ସମାଜସେବା ଓ ସାଙ୍ଗଠନିକ କାର୍ଯ୍ୟରେ। ବରିଷ୍ଠମାନେ ସାଧାରଣତଃ ଅନେକ ପ୍ରକାର ସମ୍ପର୍କରେ ଧନୀ ଏବଂ ସେମାନଙ୍କ ପାଖରେ ଥାଏ ସାମାଜିକ ସମସ୍ୟାକୁ ବୁଝିବା ଓ ତା'ର ସମାଧାନ କରିବାର ସାମର୍ଥ୍ୟ। ତେଣୁ ସକାରାତ୍ମକ ଭାବନା ନେଇ ସେମାନେ ପଡ଼ୋଶୀଙ୍କ ଭଲମନ୍ଦରେ ନିଜକୁ ବାନ୍ଧି ପାରିଲେ କ୍ଳାନ୍ତ ଅପରାହ୍ନ ବି ପାଲଟିଯିବ ସ୍ୱର୍ଣ୍ଣିମ ଅଧ୍ୟାୟ।

ଅବସର ପ୍ରାପ୍ତ ଅଧ୍ୟକ୍ଷ
ବିଜୁପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪





# ମାଗଣାର ଭୟଙ୍କର ପରିଣତି

ଉପେନ୍ଦ୍ର ବିଶ୍ୱାଳ

ନୋବେଲ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ଆମେରିକୀୟ ଲେଖକ ଜନ୍ ଷ୍ଟେନ୍‌ବେକ୍ କହୁଥିଲେ, ''ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମାତ୍ରାଧିକ କ୍ଷମତାଲୋଭ ହିଁ ଭ୍ରଷ୍ଟ ବ୍ୟବସ୍ଥାର ଜନକ।'' ଭ୍ରଷ୍ଟ ବ୍ୟବସ୍ଥା ମଧ୍ୟରେ 'ମାଗଣା' ବ୍ୟବସ୍ଥା ହେଉଛି ଅତୀବ ସାଙ୍ଘାତିକ। ମାଗଣା ବ୍ୟବସ୍ଥା ହେଉଛି ପଶୁବୁଦ୍ଧିର ପରିଣାମ। ଅର୍ଥାତ୍ ଏକପ୍ରକାର ଅତ୍ୟାଚାର। ୨୦୨୨ ଜୁଲାଇରେ ବରିଷ୍ଠ ଅଧିବକ୍ତା ଅଶ୍ୱିନୀ ଉପାଧ୍ୟାୟଙ୍କ ଏକ ଯାଚିକା ଉପରେ ବିଚାରକରି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ, ''ଲାଞ୍ଚ ଦେବାନେବା ଯେମିତି ଏକ ଅପରାଧ, ଠିକ୍ ସେମିତି ରାଜନୈତିକ ଦଳଗୁଡ଼ିକ ଦ୍ୱାରା ମାଗଣା ବଣ୍ଟନ, ପ୍ରତିଶ୍ରୁତି ପୂର୍ବକ ଭୋଟ ହାତେଇବା ଏକ ପ୍ରକାର ଲାଞ୍ଚ ପ୍ରକ୍ରିୟା, ଯାହାକି ଜନ ପ୍ରତିନିଧି ଆଇନର ବିରୁଦ୍ଧାଚରଣ କରୁଛି। ଏଣୁ ତାହା ଅପରାଧ ପର୍ଯ୍ୟାୟଭୁକ୍ତ।'' ଏହା କିଭଳି ରୋକାଯାଇପାରିବ ସେ ସମ୍ବନ୍ଧେ ସମୁଚିତ ଉପାୟ ବାହାରକରି ନ୍ୟାୟାଳୟକୁ ଅବଗତ କରାଇବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ। କୁହାଯାଏ, ଯଦି ଗୋଟେ ଜାତିକୁ ବିନଷ୍ଟ କରିବାର ଇଚ୍ଛା, ତେବେ ଏପରି ବ୍ୟବସ୍ଥା ଖଞ୍ଜିଦିଅ ଯେମିତି କି ସେ ତା'ର ଶକ୍ତି, ସାମର୍ଥ୍ୟ ସବୁ ଭୁଲିଯିବ ଏବଂ ସ୍ୱାଭିମାନଶୂନ୍ୟ ହୋଇ ସତ୍ୟାନାଶକୁ ଅନାଇ ରହିଥିବ। ମରଣମୁହାଁ ଯୋଜନା ମଧ୍ୟରେ 'ମାଗଣା' ସେଭଳି ଏକ ଭୟଙ୍କର ବରବାଦୀ ବ୍ୟବସ୍ଥା।

ମନେପଡ଼େ ପିଲାବେଳର ବନିଶୀରେ ମାଛ ଧରିବା କଥା। ସାମାନ୍ୟ ଟିକେ ଆହାର ଲୋଭ ଦେଖାଇ ଶିକାର କରିଥାଉ ମାଛଟିକୁ। ନିଜର ନିରୀହପଣରେ ମାଛଟି ଜାଣିପାରେନା କାଣିଚାଏ କରୁଣା ବିନିମୟର କୁପରିଣତିକୁ। 'ମାଗଣା'ର ମୋହ ଏମିତି ଏକ ରୋଗ ଯେ ଥରେ ଯଦି ଗ୍ରାସକଲା, ତେବେ ସେଥିରୁ ମୁକୁଳିବା ଖୁବ୍ କଷ୍ଟସାଧ୍ୟ। ଦେଶ ଓ ଜାତିକୁ ସେଥିପାଇଁ ଅନେକ ମୂଲ୍ୟ ଦେବାକୁ ପଡ଼େ। ମେଣ୍ଢାଲୋମରେ ମେଣ୍ଢାଙ୍କ ପାଇଁ କମ୍ବଳ ତିଆରିକରି ବାଣ୍ଟିବାରେ ନେତାମାନେ ଖୁବ୍ ଓସ୍ତାଦ। ଏକଦା ଜଣେ ନେତା ମେଣ୍ଢାପଲଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଲେ ଯେ, ମୁଁ ଏଥର ଜିତିଲେ ପ୍ରତି ମେଣ୍ଢାକୁ ଗୋଟେ ଗୋଟେ କମ୍ବଳ ବାଣ୍ଟିବି। ସବୁ ମେଣ୍ଢା ଖୁସିରେ ଗଦଗଦ ହୋଇଗଲେ। ନେତା ଜଣକ ସେଠାରୁ ଚାଲିଗଲା ପରେ ମେଷ ଶାବକଟିଏ ଅବୁଝା ଦୃଷ୍ଟିରେ ତା'ମାଆକୁ ପଚାରିଲା - ସବୁ ମେଣ୍ଢା ଆଜି ଖୁସି କାହିଁକି? କମ୍ବଳ କଥା ଶୁଣିଲା ପରେ ପୁଣି ପଚାରିଲା - ଆମ ପାଇଁ ଏତେ ସଂଖ୍ୟାରେ ଯେଉଁ କମ୍ବଳ ବ୍ୟବସ୍ଥା ହେବ, ସେଥିପାଇଁ ଲୋମ କେଉଁଠୁ ଆଣିବେ ସେ? ଆମ ଦେହରୁ କାଟିନେଇ ବା ଆମ ଚମଡ଼ା ଉତାରିନେଇ କମ୍ବଳ ତିଆରି କରିବେ ନାହିଁ ତ? ବେକାରି ଭତ୍ତା, ଗରିବ ଭତ୍ତା, ଚାଷୀ ଭତ୍ତା, ମହିଳା ଭତ୍ତା, ମାଗଣା ବିଜୁଳି, ଶସ୍ତା ବା ମାଗଣା ଗ୍ୟାସ୍ ଆଦି ବ୍ୟବସ୍ଥାରେ ପ୍ରଲୁବ୍ଧ ହେଉଥିବା ଆମେମାନେ କେବେ ପଚାରିଛୁ କି, ଏତେ ସବୁ ବ୍ୟବସ୍ଥା ତୁଲାଇବାକୁ ପଇସା ଆସିବ କେଉଁଠୁ? ମାଗଣାର ପୃଷ୍ଠପୋଷକମାନେ ତାଙ୍କ ଜମିବାଡ଼ି, ସ୍ଥାବର/ଅସ୍ଥାବର ସମ୍ପତ୍ତି ବିକି ଭରଣା କରିବେ କି? ଗୋଟିଏ ପରିବାରର ଜଣେ ବ୍ୟକ୍ତି ଯଦି କିଛି କାମ ନ କରି ବସି ଖାଏ, ତେବେ ପରିବାର ଚଳେଇବା ପାଇଁ ଆର ଜଣଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ତାକୁ ଅନେକ କଷ୍ଟ ଓ ତ୍ୟାଗ ସ୍ୱୀକାର କରିବାକୁ ହେବ। ଠିକ୍ ସେମିତି ଦେଶର ଗୋଟେ ବର୍ଗ ଯଦି ବସି ଖାଇଲେ ବା ମାଗଣା ପାଇଲେ, ତାକୁ ଭରଣ କରିବାକୁ ଅନ୍ୟ ବର୍ଗଙ୍କୁ ଅଧିକ ଯାତନା ସହିବାକୁ ପଡ଼ିବ, ଅଧିକରୁ ଅଧିକ କର ଦେବାକୁ ପଡ଼ିବ।

ଏକଦା ହିଟ୍‌ଲର ଗୋଟେ କୁକୁଡ଼ାକୁ ସଂସଦ ଭିତରକୁ ସାଥିରେ ନେଇ ଆସିଲେ। ଆଶ୍ଚର୍ଯ୍ୟ ହୋଇ ସମସ୍ତେ ଦେଖୁଥାନ୍ତି ଓ ମନେ ମନେ ଭାବୁଥାନ୍ତି ଏହାର ରହସ୍ୟ କ'ଣ ହୋଇପାରେ। ଏହି ସମୟରେ କୁକୁଡ଼ା ପରଗୁଡ଼ିକୁ ସେ ଉପାଡ଼ିବାକୁ ଲାଗିଲେ, ଗୋଟେ ପରେ ଗୋଟେ। ସବୁ ପର ଉପାଡ଼ି ସାରି ତାକୁ ତଳେ ଛାଡ଼ିଦେଲେ। ତା'ପରେ ଦାନା ଦୁଇଟା ଦେଲେ ଖାଇବାକୁ। କୁକୁଡ଼ା ଦାନା ଖାଇ ଖାଇ ହିଟ୍‌ଲରଙ୍କ ଗୋଡ଼ ପାଖକୁ ଚାଲି ଆସିଲା। ହିଟ୍‌ଲର ଯୁଆଡ଼େ ଚାଲିଲେ, ଯନ୍ତ୍ରଣାକୁ ପାସୋରିପକେଇ ସାମାନ୍ୟ ଦାନା ଲୋଭରେ କୁକୁଡ଼ା ବି ତାଙ୍କ ପଛେ ପଛେ ଚାଲିଲା। ସେଇଠୁ ବାଚସ୍ପତିଙ୍କ ମୁହଁକୁ ଅନେଇ ହିଟ୍‌ଲର କହିଲେ, ''ଗଣତନ୍ତ୍ର ବ୍ୟବସ୍ଥାରେ ନେତାମାନେ ୫ବର୍ଷ ଜନତାଙ୍କୁ ଠିକ୍ ଏମିତି ଲୁଟିବେ ଏବଂ ନିର୍ବାଚନ ସମୟ ଆସିଲେ ତାଙ୍କ ଉପରକୁ ଏହିଭଳି କିଛି ଦାନା ଫୋପାଡ଼ିବେ। ସେଇ ଦାନା ଦିଇଟା ପାଇ ଜନତା ଖୁସ। ତା'ପରେ ଏହି କୁକୁଡ଼ା ପରି ସେମାନେ ଚାଲୁଥିବେ ନେତାଙ୍କ ଗୁଣ ଗାଇ ଗାଇ। ଅର୍ଥାତ୍ ଶୋଷକ ସାଜୁଥିବା ସେହି ନେତାମାନେ ତାଙ୍କର ଯାବତୀୟ ଯନ୍ତ୍ରଣାର କାରଣ ଜାଣି ମଧ୍ୟ ନେତାଙ୍କ ଗୋଲାମ ହେବାକୁ ଗୌରବ ମଣିବେ ଜନତା।''

ଯେତେ ପ୍ରାଚୁର୍ଯ୍ୟ ଭରି ରହିଥିଲେ ବି ମାଗଣା ପ୍ରତି ମୋହାବିଷ୍ଟ ହେଲେ, ଦୁର୍ଦ୍ଦିନ ଓ ଦୁର୍ଭାଗ୍ୟ ଘୋଟି ଆସିବ ଭୂମିର ଭାଗ୍ୟାକାଶରେ, ଠିକ୍ ଭେନେଜୁଏଲା ପରି। ସୁନାଖଣି, ତୈଳଖଣିରେ ସମୃଦ୍ଧ ଥିବା ଦକ୍ଷିଣ ଆମେରିକାର ସବୁଠୁ ବିତ୍ତଶାଳୀ ଭୂମି ଥିଲା ଭେନେଜୁଏଲା। ଶହ ଶହ ମାଇଲ ବ୍ୟାପୀ ପରିବ୍ୟାପ୍ତ ଥିଲା ତୈଳ ଭଣ୍ଡାରମାନ, ତା'ସାଙ୍ଗକୁ ଅନେକ ସୁନାଖଣି। ବିଶ୍ୱର ସର୍ବାଧିକ ତୈଳ ଭଣ୍ଡାରର ଦେଶ, ସେଦିନର ସମୃଦ୍ଧ ଭୂମିଟି ଆଜି ଏକ କାଙ୍ଗାଳ ଦେଶରେ ପରିଣତ। କର୍ମଠ ଜାତିଟି ମାଗଣା ବ୍ୟବସ୍ଥାରେ ମୋହାବିଷ୍ଟ ହୋଇ ଏକ କର୍ମକୁଣ୍ଠ ଜାତିରେ ପରିଣତ ହୋଇଗଲା ଅଚିରେ। ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ତଥ୍ୟାନୁଯାୟୀ ମାଗଣା ବ୍ୟବସ୍ଥାର ଘାତକ ପରିଣତିରେ ଅନ୍ୟୂନ ୯୪ ଭାଗ ବ୍ୟକ୍ତି ଦାରିଦ୍ର୍ୟଜନିତ ଯନ୍ତ୍ରଣାରେ ନିଷ୍ପେଷିତ ଆଜି। ଆଫ୍ରିକୀୟ ଦେଶ ସୋମାଲିଆ ବିଶ୍ୱର ଅନ୍ୟ ଏକ ପ୍ରମୁଖ ଅପରାଧ ଓ ଅରାଜକତାର ଦେଶ ଭାବେ ପରିଗଣିତ।

ଗୋଡ଼ିଶୁଳ, ନୀଳଗିରି, ବାଲେଶ୍ୱର
ମୋ:୯୪୩୭୪୩୬୦୭୩



## ଏଇ ଭାରତରେ

ବୟସ ଏକ ସଂଖ୍ୟା, ଏହା ପ୍ରମାଣ କରି ଦେଖାଇଛନ୍ତି ସୁରଟର ବକୁଳାବେନ ପଟେଲ। ତାଙ୍କ ବୟସ ଏବେ ୮୦। ସେ ୫୯ ବର୍ଷରେ ସୁଇମିଂ ଶିଖି ୫୦୦ରୁ ଅଧିକ ମେଡାଲ ଓ ଟ୍ରଫି ଜିତିଛନ୍ତି। ସେ ଭାରତ ନାଟ୍ୟମ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ୭୫ ବର୍ଷ ବୟସରେ ସେ ଅଢ଼େଇ ଘଣ୍ଟା ନୃତ୍ୟ ପ୍ରଦର୍ଶନ କରି ବୁକ୍ ଅଫ୍ ଲିମ୍‌କା ରେକର୍ଡସରେ ସ୍ଥାନ ପାଇଛନ୍ତି। ଏହି ନୃତ୍ୟ ପ୍ରଦର୍ଶନରେ ସେ ହେଉଛନ୍ତି ବୟୋଜ୍ୟେଷ୍ଠ ମହିଳା। ବକୁଳାବେନ ପିଲାଦିନୁ ମାତାପିତାଙ୍କୁ ହରାଇଥିଲେ। ଏହି କାରଣରୁ ଅଧିକ ପଢ଼ିପାରି ନ ଥିଲେ। ନବମରେ ପଢୁଥିବାବେଳେ ତାଙ୍କର ବିବାହ ହୋଇଯାଇଥିଲା। ତେବେ ପିଲାଦିନରୁ ଖେଳ ପ୍ରତି ରୁଚି ରଖିଥିବା ବକୁଳାବେନ ଗୃହିଣୀ ଜୀବନରେ ତାହାକୁ ସାକାର କରିଛନ୍ତି। ୧୯୯୪ରେ ସ୍ୱାମୀଙ୍କ ଦେହାନ୍ତ ପରେ ପିଲାଙ୍କ ଯତ୍ନ ନେବା ସହ ସୁଇମିଂ ଓ ନାଚ ଶିଖିବା ଆରମ୍ଭ କରିଥିଲେ। ଏବେ ୮୦ ବର୍ଷ ବୟସରେ ବକୁଳାବେନ ୮୦ ଦେଶରେ ସୁଇମିଂ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସେ ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ ମହାସାଗର, ବଙ୍ଗୋପସାଗରରେ ପହଁରି ପୁରସ୍କୃତ ହୋଇଛନ୍ତି। ସେ ସକାଳ ୪ଟାରୁ ଉଠି ସୁଇମିଂ ପାଇଁ ୫ କି.ମି. ଚାଲି ଚାଲି ଯାଆନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଜୁନ୍ ୧୯୭୫

- ହିମାଚଳପ୍ରଦେଶ ପରିବହନ ସଂସ୍ଥାର ଏକ ବସ୍ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୦ ଯାତ୍ରୀଙ୍କ ମୃତ୍ୟୁ।
- କେରଳ ରାଜ୍ୟ ଅନ୍ତର୍ଗତ କୋଝିକୋଡ଼ ଜିଲାର ୫ଟି ସ୍ଥାନରେ ୮୦ ନିୟୁତ ଟନ ଲୁହାପଥର ଗଚ୍ଛିତ ଥିବାର ସନ୍ଧାନ ମିଳିଛି।
- ନ୍ୟୁଅର୍ଲିନସରୁ ୧୨୨ ଯାତ୍ରୀଙ୍କୁ ଘେନି ଆସୁଥିବା ଇଷ୍ଟର୍ଣ୍ଣ ଏୟାରଲାଇନ୍ସର ଏକ ବିମାନ କେନେଡି ଅନ୍ତର୍ଜାତୀୟ ବିମାନ ବନ୍ଦର ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୦୭ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଭିତରକାଠ ନିକଟରେ ଭକ୍ତଙ୍କ ଗହଳି

ମହାଶୟ,

ଶ୍ରୀ ଜଗନ୍ନାଥ ମନ୍ଦିରର ଚାରିଦ୍ୱାର ଖୋଲିବା ଲୋକଙ୍କୁ ଖୁସି କରିଛି। ଭିତରକାଠ ନିକଟରେ ଭକ୍ତଙ୍କ ଗହଳି ଫଳରେ ଦର୍ଶନରେ ଅହେତୁକ ବିଳମ୍ବ ହେଉଛି। ତିରୁମାଲା, ସିରିଡି ଏବଂ ଭାରତର ଅନ୍ୟାନ୍ୟ ବିଖ୍ୟାତ ମନ୍ଦିରରେ କରାଯାଇଥିବା ଷ୍ଟେନଲେସ ଷ୍ଟିଲ ବାଡ଼ ବ୍ୟବହାର କରି ତିନୋଟି ଧାଡିରେ ଦର୍ଶନ କଲେ ଏହାର ସମାଧାନ ହୋଇପାରିବ। ଭିତରକାଠ ନିକଟରେ ଅବସ୍ଥାପିତ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ ଧାଡ଼ିଗୁଡିକର ନିରନ୍ତର ଅଗ୍ରଗତି କରିବା ପାଇଁ ସାହାଯ୍ୟ କରିବା ଦରକାର। ଆଳତୀ, ତୁଳାସୀ ପତ୍ର ଏବଂ ପାଦୁକ ମନ୍ଦିର ବାହାରେ ଯୋଗାଇ ଦିଆଯିବା ଉଚିତ। ଶ୍ରୀମନ୍ଦିର ବାହାର ପରିକ୍ରମା ଅଞ୍ଚଳର ମେଘନାଦ ପାଚେରୀ କଡ଼ରେ ଏକ କ୍ୟୁ କମ୍ପ୍ଲେକ୍ସ ବିକଶିତ କରାଯାଉ, ଯାହାର ଛାତରେ ପଙ୍ଖା ଲାଗିଥିବ ଏବଂ ଧାଡି ପାଖରେ ବସିବା ପାଇଁ ବେଞ୍ଚ ଥିବ। ଏଭଳି ବ୍ୟବସ୍ଥା ଅନ୍ୟ ବଡ଼ବଡ଼ ତୀର୍ଥ ଅଞ୍ଚଳରେ ରହିଛି। ତେଣୁ ଓଡିଶା ସରକାର ଏହା କରିବା ଆବଶ୍ୟକ।

-ବିଶ୍ୱନାଥ ପଣ୍ଡା, ସଭାପତି, ଶ୍ରୀ ଜଗନ୍ନାଥଙ୍କ ଭକ୍ତ ସଂଘ, ଓଡ଼ିଶା

## ଚିରନ୍ତନୀ

ସବୁ ଜୀବ-ଗ୍ରାମ
ପଥ ଛାଡ଼ି ଗୃହେ ଏବେ ଲୋଡ଼ଇ ବିଶ୍ରାମ
କ୍ଷୀଣସ୍ରୋତେ ଶୁଭ୍ର ବାଲି ପରେ
ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭାଜପା କର୍ମୀ ହତ୍ୟା ମାମଲାରେ ଆଉ ଜଣେ ଗିରଫ

ଛତ୍ରପୁର/ଖଲ୍ଲିକୋଟ ୨୫।୬ (ସନ୍ତୋଷ ପାଢ଼ୀ/ପ୍ରଶାନ୍ତ ମିଶ୍ର)

ରାଜନୈତିକ ହିଂସାରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ଭାଜପା କର୍ମୀ ଦିଲୀପ ପାହାନଙ୍କ ହତ୍ୟା ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ସୁକାନ୍ତ ତରେଇ। ବର୍ତ୍ତମାନ ସୁଦ୍ଧା ମୋଟ ଗିରଫ ସଂଖ୍ୟା ୨୧କୁ ବୃଦ୍ଧି ପାଉଛି। ଏସଆଇଟି ଗଠନ କରାଯାଇ ତଦନ୍ତ ଜାରି ରହିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରାଯିବ ବୋଲି ସୂଚନା ଦିଆଯାଇଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଖଜୁରିପଡ଼ା,୨୫।୬(ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ପିରିକୁଡ଼ି ପଞ୍ଚାୟତ ଗୁଡ୍ରି ସାହିରେ ସୋମବାର ରାତିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜାନକୀ କହଁର (୪୨ )। ଜାନକୀ ଏବଂ ତାଙ୍କ ସ୍ୱାମୀ ରାମଚନ୍ଦ୍ର କହଁର ରାତିରେ ଖାଇପିଇ ଶୋଇଥିଲେ। ଏହି ସମୟରେ ଜାନକୀଙ୍କୁ କୌଣସି ଏକ ବିଷାକ୍ତ ସାପ କାମୁଡି ଦେବାରୁ ସେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ସ୍ୱାମୀ ରାମଚନ୍ଦ୍ର ଆମ୍ବୁଲାନ୍ସରେ ଜାନକୀଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ରାମଚନ୍ଦ୍ର ଖଜୁରିପଡ଼ା ଥାନାରେ ଏତଲା ଦେବା ପରେ ପୋଲିସ ନଂ.୧୨/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଟ୍ରାକ୍ଟର-ବାଇକ୍ ଧକ୍କା, ଜଣେ ମୃତ

ପାତ୍ରପୁର,୨୫।୬(ଉମା ଚରଣ ନେପାଳ)

ଜରଡ଼ା ଥାନା ତୁମ୍ବା ଫାଣ୍ଡି ବଙ୍ଗଳାଛକ ଠାରେ ମଙ୍ଗଳବାର ଭୋରରେ ବାଲି ବୋଝେଇ ଟ୍ରାକ୍ଟର ଓ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସାମନ୍ତରାପୁର ପଞ୍ଚାୟତ ତାଳପଦର ଗ୍ରାମର ବୈଦ୍ୟନାଥ ଶବରଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ଶବର। ତୁମ୍ବା ପଞ୍ଚାୟତ କୁରାଙ୍ଗ ଗ୍ରାମର ଲିପୁ ଶବର ଓ ଡେଙ୍ଗପାଣି ଗ୍ରାମର ଜୟ କାର୍ତ୍ତି ଆହତ ହୋଇଛନ୍ତି। ଖବରପାଇ ତୁମ୍ବା ଫାଣ୍ଡି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଆହତଦ୍ୱୟ ପାତ୍ରପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି।

### ଭାଜପା ପକ୍ଷରୁ କଳା ଦିବସ ପାଳିତ

ଛତ୍ରପୁର, ୨୫।୬ (ଦିଲ୍ଲୀପ ସାମଲ)

ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ଛତ୍ରପୁର କଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୁଦ୍ଧିଜୀବୀ ସମ୍ମିଳନୀରେ ବରିଷ୍ଠ ଆଇନଜିବୀ ତଥା ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ନରସିଂହ ପାଢୀ, ସନ୍ତୋଷ କୁମାର ସାହୁ, ଚୈତନ୍ୟ ପ୍ରଧାନ, ମନୋଜ କୁମାର ବେହେରା, ଗଙ୍ଗାଧର ପଣ୍ଡା, ଶିବ ପ୍ରସାଦ ସାହୁ, ପି. ଧର୍ମା ରେଡ୍ଡୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ବ୍ରଜମୋହନ ଆଚାର୍ଯ୍ୟ, ପଦ୍ମଚରଣ ସାହୁ, ପ୍ରଫୁଲ୍ଲ ପଣ୍ଡା, ତ୍ରିନାଥ ରେଡ୍ଡୀ, ଡି. ପୂର୍ଣ୍ଣ, ଜି. ମନୋଜ ରେଡ୍ଡୀ, ସି. ଏଚ. ଉଦୟ, ଇ. ପ୍ରମୋଦ କୁମାର, କେଶବ ବିହାରୀ ନାୟକ, ବସନ୍ତ ନାହାକ, ଏସ. ବନମାଳୀ ରେଡ୍ଡୀ, ବାଦଲ ପ୍ରମୁଖ ଯୋଗଦେଇ କଂଗ୍ରେସର କାର୍ଯ୍ୟକଳାପକୁ ନିନ୍ଦା କରି କଳା ଦିବସ ପାଳନ କରିଥିଲେ ।

### ସାହିତ୍ୟ ସୃଜନୀ ପ୍ରଶିକ୍ଷଣ ଶିବିର

ଆସିକା,୨୫।୬ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାରଠାରୁ ୩ ଦିନିଆ ସାହିତ୍ୟ ସୃଜନୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଭାଷାଗତ ଦକ୍ଷତା ବୃଦ୍ଧି ନିମନ୍ତେ ବିସ୍ତୃତ ଆଲୋଚନା ହେବ । ଆସିକା ବ୍ଲକରେ ଅଧ୍ୟୟନରତ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠ୍ୟ ପୁସ୍ତକର ସମୀକ୍ଷା ମୋ କଥା ମୋ କାହାଣୀ, ଶବ୍ଦ କୁହୁକ, କବିତା ଲିଖନ, ନାଟକ ରଚନା, ଅଭିନୟ କୌଶଳ, ବ୍ୟାକରଣ ଏବଂ ରଚନା ଓ ପତ୍ର ଲିଖନ ସମ୍ପର୍କରେ ଏହି ପ୍ରଶିକ୍ଷଣ ଦିଆଯିବ । ଶିବିରରେ ୩୧ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶ ଗ୍ରହଣ କରିଛନ୍ତି । ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନତି କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରଜ୍ଞାପରମିତା ପ୍ରଧାନ ଓ ଚିତ୍ତରଞ୍ଜନ ପଣ୍ଡା ସାଧନ କର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଉଛନ୍ତି।

# ଉଦ୍‌ଘାଟନ ପରଠୁ ପାନୀୟ ଜଳ ପ୍ରକଳ୍ପ ଅଚଳ

## ୧୦ ବର୍ଷ ହେଲା ଲୋକେ ହନ୍ତସନ୍ତ




ଦିଗପହଣ୍ଡି,୨୫।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଆଙ୍କୋରଡା ପଞ୍ଚାୟତ ଅଧିନସ୍ଥ ଚାଞ୍ଚଡ଼ାପଲ୍ଲୀ ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ପରଠାରୁ ଅଚଳ ଅବସ୍ଥାରେ ପଡିରହିଛି। ଫଳରେ ଦୀର୍ଘ ବର୍ଷ ହେଲା ପାନୀୟ ଜଳ ସେବାରୁ ବଞ୍ଚିତ ହୋଇ ଆସୁଥିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

୨୦୧୪-୧୫ ଆର୍ଥିକ ବର୍ଷରେ ଚାଞ୍ଚଡ଼ାପଲ୍ଲୀ ଏବଂ ନବରଙ୍ଗପୁର ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଦିଗପହଣ୍ଡି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଆନୁକୂଲ୍ୟରେ ବସୁଧା ଯୋଜନାରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ଉଦଘାଟନ ହୋଇଥିଲା। ଏହି ପ୍ରକଳ୍ପ ନିମନ୍ତେ ୪୨ ଲକ୍ଷ ୫୮ ହଜାର ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା। କିନ୍ତୁ ଉଦଘାଟନର ୧୦ ବର୍ଷ ବିତି ଯାଇଥିଲେ ମଧ୍ୟ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା କ୍ଷେତ୍ରରେ ପ୍ରକଳ୍ପ ସମ୍ପୂର୍ଣ୍ଣ ବିଫଳ ହୋଇପଡିଛି। ଉଭୟ ଗ୍ରାମର ୧୫ ଶହରୁ ଉର୍ଦ୍ଧ୍ୱ ବାସିନ୍ଦା ବିଶୁଦ୍ଧ ପାନୀୟ ଜଳ ନିମନ୍ତେ ନଳକୂପ ଉପରେ ନିର୍ଭରଶୀଳ। ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଜିଲା ଓ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଥିପ୍ରତି କେହି ହେଲେ କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏପରିକି ଜଳଯୋଗାଣ ନିମନ୍ତେ ଥିବା ବିଛା ଯାଇଥିବା ପାଇପଗୁଡ଼ିକ ଭାଙ୍ଗିରୁଜି ପଡି ରହିଛି। ସେହିପରି ପଞ୍ଚାୟତର ଅନ୍ୟ ଦୁଇ ଗ୍ରାମ ଆଙ୍କୋରଡା ଓ ରାଜପୁରରେ ମଧ୍ୟ ଗତ ୮ରୁ ୧୦ ଦିନ ହେଲା ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ବନ୍ଦ ହୋଇଯିବା ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଶିଶିର କୁମାର ପ୍ରଧାନ କହିଛନ୍ତି। ଏ ନେଇ ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସଙ୍କୁ ଯୋଗାଯୋଗ କରିବାରୁ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ମଙ୍ଗଳବାର ସେ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ଭିମାରାଓଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଗ୍ରାମବାସୀ ଧାନ ଖଣି ପାଇଁ ମାଟି ଖୋଳି ଦେବାରୁ ପାଇପ ଗୁଡ଼ିକ ଫାଟି ଯାଇଛି। ପ୍ରାୟ ୧୫୦ରୁ ୨ ଶହ ମିଟର ପାଇପ ସଂଯୋଗ କରାଯାଇ ଖୁବ୍‌ଶୀଘ୍ର ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଙ୍କୋରଡ଼ା ଏବଂ ରାଜପୁର ଗ୍ରାମ ପାନୀୟଜଳ ପ୍ରକଳ୍ପ ଅଚଳ ହେବା ନେଇ କୌଣସି ଅଭିଯୋଗ ହୋଇନାହିଁ। ଏ ନେଇ ତଦନ୍ତ କରାଯିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରକଳ୍ପ ମରାମତି କରାଯାଇ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ପୋଲସରାରେ ମନ୍ତ୍ରୀଙ୍କ ବିଜୟ ଶୋଭାଯାତ୍ରା



ପୋଲସରା,୨୫।୬(ସୁବ୍ରତ ବେହେରା)

ପୋଲସରା ସହରରେ ମଙ୍ଗଳବାର ଭାରତୀୟ ଜନତା ଦଳ ପକ୍ଷରୁ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ପୋଲସରା ଅନ୍ତର୍ଗତ ରାଣୀପଡାସ୍ଥିତ ଶ୍ରୀରାମ ମନ୍ଦିରଠାରୁ ମୁଖ୍ୟରାସ୍ତା ଦେଇ ବାହାରି ସହର ପରିକ୍ରମା କରି ଲୁଣିଘାଟି ପଡ଼ିଆରେ ହଜାର ହଜାର ଭାଜପା ସମର୍ଥକ ଓ ସାଧାରଣ ଲୋକଙ୍କ ଗହଣରେ ସରିଥିଲା। ଶୋଭାଯାତ୍ରାରେ ପୋଲସରାର ନବ ନିର୍ବାଚିତ ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, କ୍ଷୁଦ୍ର ଓ ଅତି କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ଆରତୀ ଦେବୀ ସାମିଲ ହୋଇଥିଲେ। ପୋଲସରା ସହରର ବିଭିନ୍ନ ଛକରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ଏବଂ କଳା ବିନୋଦ କେନ୍ଦ୍ରର ଯୁବ ଗୋଷ୍ଠୀ ପକ୍ଷରୁ ମନ୍ତ୍ରୀ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମୋତିରାମ ସାହୁ, ଜୟନ୍ତୀ ପଡିଆରୀ, ପ୍ରତିମା ସାହୁ, ଯଜ୍ଞ ନାରାୟଣ ସାହୁ, ବଳରାମ ପ୍ରଧାନ, ସୁଲତା ପ୍ରଧାନ, ସୁଶାନ୍ତ ମଳିକ, ମନୋଜ କୁମାର ଖଟୁଆ, ପଞ୍ଚାନନ ଦାସ ଯୋଗଦେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KURENHM-BAM-262-2024

**କାର୍ଯ୍ୟର ନାମ :** 03 ବର୍ଷ ସମୟାବଧି ନିମନ୍ତେ ପ୍ଲାଟଫର୍ମ, ଅଫିସ୍ ବିଲ୍ଡିଂ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ ଏରିଆ, ପରିଚାଳନା କ୍ଷେତ୍ର, ପ୍ରତୀକ୍ଷା ହଲ, ୟାର୍ଡ଼, ହୋମ୍ ସିଗ୍ନାଲ ଟୁ ହୋମ୍ ସିଗ୍ନାଲ ପର୍ଯ୍ୟନ୍ତ ୟାର୍ଡ଼ ସହିତ ବ୍ରହ୍ମପୁର ଷ୍ଟେସନର ସଫେଇ ଏବଂ ବ୍ରହ୍ମପୁର(BAM) କଲୋନୀର ଦୈନିକ ସଫେଇ ଏବଂ ଝାଡୁମାରିବା ତଥା ବ୍ରହ୍ମପୁରର ଷ୍ଟେସନ ଏବଂ କଲୋନୀଠାରୁ ନଗରପାଳିକା ମାର୍ଗଦର୍ଶିକା ଇତ୍ୟାଦି ଅନୁଯାୟୀ ଡମ୍ପିଂ ୟାର୍ଡ଼ ପର୍ଯ୍ୟନ୍ତ 165 Cu Ft. ଆବର୍ଜନାଗୁଡ଼ିକରର ନିଷ୍କାସନ ।

**ବିଜ୍ଞାପିତ ମୂଲ୍ୟ (₹) :** 6,42,50,721.02, EMD (₹) : 4,71,300.00, ଟେଣ୍ଡର ନଥିପତ୍ର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.06.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.07.2024ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧା ରୋଡ୍

PR-243/P/24-25

# ଗ୍ୟାସ୍ ଲିକରୁ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ଗଞ୍ଜାମ,୨୫।୬(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୋଡ଼ମପେଟା ଗ୍ରାମ ଓଡ଼ିଆରପି କଲୋନୀରେ ମଙ୍ଗଳବାର ଏନ. ଓଜିଲାଙ୍କ ଘରେ ରୋଷେଇ ବେଳେ ଗ୍ୟାସ୍ ଲିକ୍ରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲୁଗାପଟା, ଚାଉଳ ବସ୍ତା, ବହୁ ଦରକାରୀ କାଗଜପତ୍ର, ଘରକରଣା ସାମଗ୍ରୀ ପୋଡ଼ିଯାଇଛି। ଏପରିକି ଘରେ ଥିବା ଲକ୍ଷାଧିକ ଟଙ୍କାରେ ନିଆଁ ଲାଗି ଯାଇଥିଲା। ସେଥି ମଧ୍ୟରୁ ୪୮ ହଜାର ଟଙ୍କାର ୫ଶହ ଟଙ୍କିଆ ନୋଟ ଉଦ୍ଧାର ହୋଇପାରିଛି। ଅଗ୍ନିକାଣ୍ଡ ପରେ ଗ୍ୟାସ ସିଲିଣ୍ଡରକୁ ସ୍ଥାନୀୟ ସାହେବ କେନାଲରେ ଅଞ୍ଚଳବାସୀ ନେଇ ପକାଇଥିଲେ। ଦମକଳ ବାହିନୀ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ନିଆଁକୁ ଆୟତ କରିଥିଲେ। ଖବରପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଶାସନକୁ କ୍ଷୟକ୍ଷତି ଆକଳନ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ପୂର୍ବତନ ପାଳିବନ୍ଧ ପଞ୍ଚାୟତ ସରପଞ୍ଚ ଦିଲ୍ଲୀପ ଛୋଟରାୟ ମଧ୍ୟ ଅଗ୍ନି ବିପନ୍ନପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆର୍‌ଆଇ



ଭଞ୍ଜନଗର/ବେଲଗୁଣ୍ଠା, ୨୫।୬ (ବାବୁଲା ପ୍ରଧାନ/କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଆରଆଇ ପ୍ରଦୀପ କୁମାର ଗୌଡ଼ଙ୍କୁ ମଙ୍ଗଳବାର ଭିଜିଲାନ୍ସ ଟିମ ଗିରଫ କରିଛି। ସେ ଜଣଙ୍କ ଠାରୁ ଜମି ପଟ୍ଟା କରାଇଦେବା ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଟିମ ତାଙ୍କୁ ମାଡ଼ି ବସିଥିଲେ। ଏହାପରେ ରଙ୍ଗେହାତ ଟଙ୍କା ତାଙ୍କ ଠାରୁ ଜବତ କରାଯାଇଛି। ଏଥିସହ ପ୍ରଦୀପଙ୍କ ବାସଗୃହ ସମେତ ପ୍ରମୁଖ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି। ପ୍ରକାଶ ଯେ, ଗାଙ୍ଗପୁରର ଜଣେ ବ୍ୟକ୍ତି ନିଜ ଜମିର କିଛି କାଗଜପତ୍ର କରିଦେବା ପାଇଁ ଆର୍‌ଆଇ ଗୌଡ଼ଙ୍କୁ କହିଥିଲେ। ଶ୍ରୀ ଗୌଡ ଏ ନେଇ ୭ ହଜାର ଟଙ୍କା ଦାବି କରିଥିଲେ। ଫଳରେ ସମ୍ପୃକ୍ତ ବ୍ୟକ୍ତି ବ୍ରହ୍ମପୁର ଭିଜିଲାନ୍ସ ଏସପିଙ୍କ ସହଯୋଗ ଲୋଡ଼ିଥିଲେ। ଫଳରେ ଆଜି ପୂର୍ବ ଯୋଜନା ପ୍ରକାରେ ଭିଜିଲାନ୍ସ ଟିମ ପ୍ରଦୀପଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛକି ରହିଥିଲେ। ଏହି ସମୟରେ ଅଭିଯୋଗକାରୀ ପହଞ୍ଚି ଆର୍‌ଆଇଙ୍କୁ ଟଙ୍କା ଦେବା ବେଳେ ଭିଜିଲାନ୍ସ ଟିମ ତାଙ୍କୁ ମାଡ଼ି ବସିଥିଲେ।

# ୨୮ ଦିନରେ ମା’ ରାମାୟାଣାମ୍ବାଙ୍କ ଯାତ୍ରା



ଛତ୍ରପୁର, ୨୫।୬ (ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ)

ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା’ ରାମାୟଣାମ୍ବାଙ୍କ ପାରମ୍ପରିକ ଠାକୁରାଣୀ ଯାତ୍ରା ୨୮ ଦିନରେ ପହଞ୍ଚିଛି। ଛତ୍ରପୁରର ସୁଧୀର ପଟ୍ଟନାୟକଙ୍କ ପରିବାର ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା । ବିଭିନ୍ନ ଭୋଗରାଗ ସହ ହଳଦୀ କୁଙ୍କୁମ ନେଇ ମା’ଙ୍କୁ ନିମନ୍ତ୍ରଣ କରିଥିଲେ ସୁଧୀରଙ୍କ ଧର୍ମପତ୍ନୀ ସମାପ୍ତି ପଟ୍ଟନାୟକ ଏବଂ ପରିବାର ସଦସ୍ୟ। ଏହା ପରେ ମଧ୍ୟାହ୍ନରେ ମା’ଙ୍କ ଅନ୍ନଭୋଗ ଅର୍ପଣ କରାଯାଇଥିଲା। ଶେଷରେ ସନ୍ଧ୍ୟାରେ ମା’ ବିରାଟ ପଟୁଆରରେ ବାହାରି ସହର ପରିକ୍ରମା କରି ହାଇସ୍କୁଲ ରୋଡ ନିକଟସ୍ଥ ସୁଧୀର ପଟ୍ଟନାୟକଙ୍କ ବାସଭବନ ନିକଟରେ ପହଁଚି ଭୋଗ ଗ୍ରହଣ କରିଥିଲେ। ଭକ୍ତମାନଙ୍କ ନିମନ୍ତେ ଏକ ସଙ୍ଗୀତ ସମାରୋହ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ କରାଯାଇଥିଲା । ଯାତ୍ରାରେ ସିଏଚ .ଦୟାନିଧି ରେଡ୍ଡୀ ମ୍ୟାନେଜର, ଏମ ସମରେନ୍ଦ୍ର ସେନାପତି ଆସିଷ୍ଟାଣ୍ଟ ମ୍ୟାନେଜର, ପି. ରାଜୁ ରେଡ୍ଡୀ କ୍ୟାସିୟର, ଏସ. ରାମୁଡୁ ରାଓ, କୁନି ଦାସ, ବାଲାଜୀ ଗୌଡ଼, ଶ୍ରୀନିବାସ ରାଓ, କୃଷ୍ଣା ରାଓ ଅନ୍ୟାନ୍ୟ କମିଟି ସଦସ୍ୟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ପାରଳା ଜଗନ୍ନାଥ ମନ୍ଦିରରେ ପଟିଦିଅଁ ପୂଜା



ପାରଳାଖେମୁଣ୍ଡି,୨୫।୬(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ଅଛନ୍ତି। ମହାପ୍ରଭୁ ଗତ ଶନିବାରଠାରୁ ଅଣସରରେ ଥିବା ବେଳେ ସେବକମାନେ ଗୁପ୍ତ ଭାବେ ଚିକିତ୍ସା କରୁଛନ୍ତି। ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ଶ୍ରୀବିଗ୍ରହମାନଙ୍କୁ ପଥି ଦିଆଯାଉଛି। ବୁଧବାର ଫୁଲିରି ତେଲ ଲାଗି ପରେ ମହାପ୍ରଭୁ ଧୀରେ ଧୀରେ ସୁସ୍ଥ ହେବେ। ଜ୍ୱର ହେଲେ ମଣିଷ ଯେପରି ଫଳ ମୂଳ ସେବନ କରିଥାଏ ଠିକ୍ ସେହିପରି ଠାକୁରଙ୍କୁ ପଣା ଓ ଚକଟା ଭୋଗ ଲାଗି କରାଯାଇଥାଏ ବୋଲି ପାରଳାଖେମୁଣ୍ଡି ଶ୍ରୀଜଗନ୍ନାଥ ମନ୍ଦିରର ସେବକ କହିଛନ୍ତି। ଅନ୍ୟପଟେ ତିନିଠାକୁରଙ୍କ ପଟିଦିଅଁ ପୂଜା ପାଉଛନ୍ତି। ଅଣସରର ଗୁପ୍ତ ନୀତି ପରେ ମହାପ୍ରଭୁଙ୍କ ନବ ଯୌବନ ବେଶ ସହ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରକୁ ବାହାରିବେ।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. 17-KUR-TRD-OT-2024-25

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ନଂ. 183, 274, 317 ଏବଂ 320 କୁ ବନ୍ଦ କରିବା ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) / ରୋଡ଼ ଅଣ୍ଡର ବ୍ରିଜ୍ (RUB) ସହିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ।

**ବିଜ୍ଞାପିତ ମୂଲ୍ୟ (₹) :** 14,32,273.78, EMD (₹) : 28,700.00 ।

(2) ଟେଣ୍ଡର ସଂ. 14-KUR-TRD-OT-2024-25

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ପରିସୀମା ଅଧୀନସ୍ଥ ମିଶନ-3000 MT ସମ୍ବନ୍ଧୀୟ ଖୋର୍ଦ୍ଧା ରୋଡ଼-ପଲାସା ସେକ୍ସନରେ ମେଜର ପୋଲ (BGML) ଗର୍ଡ଼ରଗୁଡ଼ିକର ପ୍ରସ୍ତାବିତ ସ୍ଥାନାନ୍ତରଣ ସମ୍ବନ୍ଧୀୟ OHE ରୂପାନ୍ତରଣ ।

**ବିଜ୍ଞାପିତ ମୂଲ୍ୟ (₹) :** 1,17,42,034.51, EMD (₹) : 2,08,700.00 ।

ଶେଷ ହେବା ଅବଧି : 180 ଦିନ (କ୍ରମ ସଂ. 1 ଏବଂ 2 ପାଇଁ) ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.06.2024 ରିଖ (କ୍ରମ ସଂ. 1 ଏବଂ 2 ପାଇଁ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.07.2024 ରିଖ 1300 ଘଟିକାରେ (କ୍ରମ ସଂ. 1 ଏବଂ 2 ପାଇଁ) ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-240/P/24-25

# ବ୍ରହ୍ମପୁରରେ କଳା ଦିବସ ପାଳିଲା ଭାଜପା

ବ୍ରହ୍ମପୁର,୨୫।୬(ନରସିଂହ ସାହୁ)

ବ୍ରହ୍ମପୁରରେ ଭାଜପା ପକ୍ଷରୁ ମଙ୍ଗଳବାର କଳା ଦିବସ ପାଳିତ ହୋଇଥିଲା। ୧୯୭୫ ମସିହା ଆଜିର ଦିନରେ ଦେଶରେ ଘୋଷଣା ହୋଇଥିବା ଜରୁରୀକାଳିନ ପରିସ୍ଥିତିକୁ ମନେ ପକାଇ ତତ୍କାଳୀନ କଂଗ୍ରେସ ସରକାରକୁ କଡ଼ା ଭାଷାରେ ଟାର୍ଗେଟ କରାଯାଇଥିଲା। ସନ୍ଧ୍ୟାରେ ଡ଼ାଇମଣ୍ଡ ଜୁବୁଲି ଟାଉନ ହଲରେ ଆୟୋଜିତ ସମାବେଶରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି ଡ଼ା. ସୁବାସ ସାହୁ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ପୀତବାସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅନେକ ଭାଜପା କର୍ମୀ ଏବଂ ବିଭିନ୍ନ ସ୍ତରର ସଚେତନ ଲୋକେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୧୯୭୫ ଜୁନ ୨୫ ସନ୍ଧ୍ୟାରେ ବ୍ରହ୍ମପୁରସ୍ଥ ପ୍ରକାଶମ ହଲରେ ହୋଇଥିବା ବୁଦ୍ଧିଜୀବୀ ସମାବେଶରେ ତତ୍କାଳୀନ ଜନତା ପାର୍ଟିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜର୍ଜ ଫର୍ଣାଣ୍ଡିସ୍ ଯୋଗ ଦେଇଥିଲେ। ସଭା ଚାଲିଥିବା ବେଳେ ରାତି ସୁଦ୍ଧା ଦେଶରେ ଜରୁରୀକାଳିନ ପରିସ୍ଥିତି ଜାରି ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ସେ ହଠାତ୍ ସଭାସ୍ଥଳରୁ ଉଠିଯାଇ ଗୋପାଳପୁର ବେଳାଭୂମିରେ ଥିବା ତାଙ୍କ ଶ୍ୱଶୁର ତଥା ପ୍ରାକ୍ତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ହୁମାୟନ କବୀରଙ୍କ ବଙ୍ଗଳାକୁ ପଳାଇଥିଲେ। ସେତେବେଳ ଜର୍ଜ ରେଳବାଇ ଶ୍ରମିକ ସଂଗଠନର ଜାତୀୟ ନେତା ଥିଲେ ଏବଂ ଅର୍ଦ୍ଧରାତ୍ର ବେଳକୁ ଗୋପାଳପୁର ଠାରୁ ଚମ୍ପଟ ମାରିଥିଲେ। ଶ୍ରମିକ ସଂଗଠନର ନେତାମାନେ ତାଙ୍କୁ ସୁରକ୍ଷିତ ଭାବେ କୁଆଡ଼େ ନେଇଥିଲେ।

ପରଦିନ ଜୁନ ୨୬ ସକାଳେ ଏହି ବିଷୟ ଜଣାପଡ଼ିଥିଲା। ସୋସାଲିଷ୍ଟ ପାର୍ଟିର ଗଞ୍ଜାମ ଜିଲା ନେତା ସ୍ୱର୍ଗତ ତାରିଣୀ ଚରଣ ପଟ୍ଟନାୟକ ଏହି ବିଷୟ ସୂଚାଇଥିଲେ। ୧୯୭୭ରେ ଜରୁରୀକାଳିନ ସ୍ଥିତି ବଦଳିଗଲା ଏବଂ ସାଧାରଣ ନିର୍ବାଚନ ହୋଇଥିଲା। ଗଞ୍ଜାମର କବିସୂର୍ଯ୍ୟନଗର ଆସନରୁ ଜନତା ପାର୍ଟି ପ୍ରାର୍ଥୀ ଭାବେ ତାରିଣୀ ପଟ୍ଟନାୟକ ଲଢ଼ି ବିଧାୟକ ହୋଇଥିଲେ। ଫର୍ଣାଣ୍ଡିସଙ୍କ ଯୋଗୁଁ ଟିକେଟ ମିଳିଥିବା ପଟ୍ଟନାୟକ ସେତେବେଳେ ସହକର୍ମୀଙ୍କୁ ଜଣାଇଥିଲେ। ଅନ୍ୟପକ୍ଷରେ ଏମେର୍ଜେନ୍‌ସି ଘୋଷଣା ରାତିରେ ଗୋପାଳପୁର ସମୁଦ୍ର କୂଳ ନିକଟରେ ଥିବା ଫର୍ଣାଣ୍ଡିସ୍ ରହିଥିବା ଶ୍ୱଶୁରଙ୍କ ବିରାଟ ବଙ୍ଗଳାର ଏବେ ସତ୍ତା ନାହିଁ।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଖଲ୍ଲିକୋଟ,୨୫।୬(ପ୍ରଶାନ୍ତ କୁମାର ମିଶ୍ର)

କୋଦଳା ଥାନା ଖଲ୍ଲିକୋଟ ବ୍ଲକ କଞ୍ଚଣା ପଞ୍ଚାୟତର ରାଣୀପଡ଼ା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଞ୍ଚଣା ଗ୍ରାମର ଶଙ୍କର ଦାସ (୨୪)। ଶଙ୍କର ଗାଁ ନିକଟ ରାସ୍ତାରେ ଯାଉଥିବା ବେଳେ ହଠାତ ବଜ୍ରପାତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଖଲ୍ଲିକୋଟ ମେଡିକାଲକୁ ନିଆଯାଇଥିଲା। ସେଠାରେ ଶଙ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

**ଚକ୍ରଧରପୁର ଡିଭିଜନର ଷ୍ଟେଶନଗୁଡ଼ିକରେ ଟିକେଟ ବିକ୍ରୟ ଯନ୍ତ୍ର (ଏଟିଭିଏମ୍) ଜରିଆରେ ଅଣସଂରକ୍ଷିତ ଟିକେଟ ଜାରି କରିବା ପାଇଁ ସୁବିଧାକାରୀଙ୍କ ନିୟୋଜନ**

ବିଜ୍ଞାପନ ଅଧିସୂଚନା ନଂ.: ସିଡବ୍ଲ୍ୟୁଏମ୍‌ଏମ୍‌ଏଲ୍.୮୦/ୟୁଟିଏସ୍ ପିଆର୍‌ଏସ୍ ସେଲ୍/ଏଟିଭିଏମ୍ ଫାସିଲିଟେଟର/୦୬/୨୪, ତାରିଖ: ୨୧।୦୬।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନ ଅବସରପ୍ରାପ୍ତ ରେଳପଥ କର୍ମଚାରୀ ଏବଂ ଜନସାଧାରଣଙ୍କଠାରୁ ନଅଟି ଷ୍ଟେଶନରେ ସ୍ମାର୍ଟ କାର୍ଡ ବ୍ୟବହାରକରି ସ୍ୱୟଂଚାଳିତ ଟିକେଟ ବିକ୍ରୟ ଯନ୍ତ୍ର (ଏଟିଭିଏମ୍) ଜରିଆରେ ଅଣସଂରକ୍ଷିତ ଟିକେଟ ଜାରି କରିବା ପାଇଁ ସୁବିଧାକାରୀଙ୍କ ନିୟୋଜନ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି। ସ୍ମାର୍ଟ କାର୍ଡର ପ୍ରତ୍ୟେକ ରିଚାର୍ଜ ପାଇଁ କେବଳ ୩% ବୋନସ ଦିଆଯିବ। ଜଣେ ସୁବିଧାକାରୀ ଭାବେ କାର୍ଯ୍ୟ କରିବା ପାଇଁ ପ୍ରାରମ୍ଭିକ ଭାବେ ତା୩୧।୦୩।୨୦୨୫ରିଖ ପର୍ଯ୍ୟନ୍ତ ଅନୁମତି ଦିଆଯିବ ଏବଂ ସମୟ ସମୟରେ ପ୍ରାପ୍ତ ହୋଇଥିବା ଅର୍ଡରଗୁଡ଼ିକ ଆଧାରରେ ଉପରୋକ୍ତ ଅବଧିକୁ ବୃଦ୍ଧି କରାଯିବ। ଷ୍ଟେଶନ ସହିତ ତାହାର ବର୍ଗ ନିମ୍ନପ୍ରଦତ୍ତ ସାରଣୀରେ ଦିଆଯାଇଛି:

| କ୍ର.ସଂ. | ରେଳ ଷ୍ଟେଶନର ନାମ | ବର୍ଗ (ଏନ୍‌ଏସ୍‌ଜି) | ଆବଶ୍ୟକ ସୁବିଧାକାରୀଙ୍କ ସଂଖ୍ୟା |
|---|---|---|---|
| ୧ | ଟାଟାନଗର (ଟାଟା) | ୨ | ୦୪ |
| ୨ | ଆଦିତ୍ୟପୁର (ଏଡିଟିପି) | ୫ | ୦୧ |
| ୩ | ଗମ୍ହାରିଆ (ଜିଏମ୍‌ଏଚ୍) | ୫ | ୦୧ |
| ୪ | ସିନି (ଏସ୍‌ଆଇଏନ୍‌ଆଇ) | ୫ | ୦୧ |
| ୫ | ଚାଇଁବାସା (ସିବିଏସ୍‌ଏ) | ୫ | ୦୧ |
| ୬ | ଚକ୍ରଧରପୁର (ସିକେପି) | ୪ | ୦୨ |
| ୭ | ରାଉରକେଲା (ଆର୍‌ଓୟୁ) | ୩ | ୦୩ |
| ୮ | ରାଜଗାଙ୍ଗପୁର (ଜିପି) | ୫ | ୦୧ |
| ୯ | ଝାରସୁଗୁଡ଼ା (ଜେଏସ୍‌ଜି) | ୩ | ୦୧ |

ଅଧିସୂଚନା ଏବଂ ଆବେଦନ ଫର୍ମ **ତା୧୪।୦୭।୨୦୨୪ରିଖ ୧୮.୦୦ ଘଟିକା** ପର୍ଯ୍ୟନ୍ତ ରେଳପଥର ୱେବ୍‌ସାଇଟ୍: **www.ser.indianrailways.gov.in**ରୁ ଡାଉନ୍‌ଲୋଡ୍ କରାଯିବ ଏବଂ ଏ୪ ଆକାର କାଗଜରେ ତାହାର ପ୍ରିଣ୍ଟଆଉଟ୍ ନିଆଯିବ। ଆବଶ୍ୟକ ସମସ୍ତ ସଂଲଗ୍ନକ ସମ୍ବଳିତ ଆବେଦନ ଫର୍ମକୁ ଏକ ଲଫାପାରେ ସିଲ୍ କରାଯାଇ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର, ପଶ୍ଚିମ ସିଂହଭୂମ ଜିଲ୍ଲା, ଝାଡ଼ଖଣ୍ଡ-୮୩୩୧୦୨ଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ଡ୍ରପ୍ ବକ୍ସରେ **ତା୧୫।୦୭।୨୦୨୪ରିଖ ୧୩.୩୦ ଘଟିକା** ସୁଦ୍ଧା ପକାଇଯାଇପାରିବ। ସେଗୁଡ଼ିକୁ **ତା୧୫।୦୭।୨୦୨୪ରିଖ ୧୫.୩୦ ଘଟିକା**ରେ ଖୋଲାଯିବ। ଯଦି କୌଣସି ଅପ୍ରତ୍ୟାଶିତ କାରଣ ଯୋଗୁ କାର୍ଯ୍ୟାଳୟ ବନ୍ଦ ରହିଥାଏ, ତେବେ ଆବେଦନକୁ **ପରବର୍ତ୍ତୀ କାର୍ଯ୍ୟଦିବସର ୧୩.୩୦ ଘଟିକା ପର୍ଯ୍ୟନ୍ତ** ପକାଯାଇପାରିବ। ଯୋଗ୍ୟତା ମାନଦଣ୍ଡର ବିବରଣୀ ଆବେଦନ ଫର୍ମରେ ଦେଖାଯାଇପାରିବ। ଡାକରେ ପ୍ରାପ୍ତ ହୋଇଥିବା ଆବେଦନଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

(PR-302) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

# ଜାତି ପ୍ରମାଣପତ୍ର ମିଳୁ ନ ଥିବାରୁ ତହସିଲଦାରଙ୍କୁ ଘେରାଉ




ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଆଦିବାସୀ ।

ମୋହନା,୨୫।୬(ମନ୍ମଥ ମିଶ୍ର)

ଖ୍ରୀଷ୍ଟିଆନ୍ ଆଦିବାସୀଙ୍କୁ ଜାତିଗତ ପ୍ରମାଣପତ୍ର ମିଳୁ ନ ଥିବା ପ୍ରତିବାଦରେ ମଙ୍ଗଳବାର ଶତାଧିକ ଆଦିବାସୀ ମହିଳା ପୁରୁଷ ତହସିଲଦାରଙ୍କୁ ଘେରାଉ କରିଛନ୍ତି। ଗଜପତି ଜିଲା ମୋହନା ତହସିଲ ଅଧୀନରେ ବସବାସ କରୁଥିବା କନ୍ଧ ଓ ସୌରା ଖ୍ରୀଷ୍ଟିଆନ୍ ଆଦିବାସୀମାନେ ଜାତି ପ୍ରମାଣ ପତ୍ର ପାଇଁ ଆବେଦନ କରିଥିଲେ। କିନ୍ତୁ ସେମାନଙ୍କ ପଟ୍ଟାରେ ଜାତି ସୌରା ଖ୍ରୀଷ୍ଟିଆନ ଏବଂ କନ୍ଧ ଖ୍ରୀଷ୍ଟିଆନ୍ ବୋଲି ଉଲ୍ଲେଖ ଥିବାରୁ ତହସିଲଦାର ସେମାନଙ୍କ ଆବେଦନକୁ ଖାରଜ କରିଛନ୍ତି। ଏହାକୁ ନେଇ ଅଞ୍ଚଳର ଖ୍ରୀଷ୍ଟିଆନ୍ ଆଦିବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି। ଛାତ୍ରୀଛାତ୍ରମାନଙ୍କ ଆଡ଼ମିସନ୍ ଚାଲିଥିବାରୁ ଜାତିଗତ ପ୍ରମାଣପତ୍ର ଆବଶ୍ୟକ ଥିବାରୁ ୩ ଦିନ ମଧ୍ୟରେ ସମସ୍ୟା ସମାଧାନ କରି ଜାତି ପ୍ରମାଣପତ୍ର ଦେବା ସହ ଖୁବଶୀଘ୍ର ପଟ୍ଟା ସଂଶୋଧନ କରାଯିବ ବୋଲି ତହସିଲଦାର କହିଛନ୍ତି। ତେବେ ୩ ଦିନ ମଧ୍ୟରେ ଛାତ୍ରୀଛାତ୍ରମାନଙ୍କ ଜାତିଗତ ପ୍ରମାଣପତ୍ର ନ ମିଳେ ଅଞ୍ଚଳର ସମସ୍ତ ଆଦିବାସୀ ତହସିଲ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ନାବାଳିକା ବୋହୂ ହତ୍ୟା ଘଟଣା, ୫ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି, ୨୫।୬(ଅଶେଷନାଥ ମିଶ୍ର)

ଦିଗପହଣ୍ଡି ଥାନା ଅଧିନସ୍ଥ ଭୀଷ୍ମଗିରି ଗ୍ରାମରେ ଗତ ଶନିବାର ଜଣେ ନାବାଳିକା ବୋହୂ ନନ୍ଦିନୀଙ୍କୁ ହତ୍ୟା ଘଟଣାରେ ମଙ୍ଗଳବାର ପୋଲିସ ପର୍ଦ୍ଦାଫାଶ କରିଥିବା ଜଣାପଡିଛି। ଏହି ଯୋଜନାବଦ୍ଧ ହତ୍ୟା ମାମଲାରେ ସାମିଲ ଥିବା ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନନ୍ଦିନୀଙ୍କ ସ୍ୱାମୀ ଜିତେନ୍ଦ୍ର ବିଷୋୟୀ, ଶ୍ୱଶୁର ରମେଶ ବିଷୋୟୀ, ଶାଶୁ ମାମୀ ବିଷୋୟୀ, ଦିଅର ରିତୁ ବିଷୋୟୀ ଓ ନଣନ୍ଦ ମାମା ବିଷୋୟୀ। ଭୀଷ୍ମଗିରି ଗ୍ରାମ ମହାମାୟୀ ନଗର ପ୍ରଥମ ଲେନର ରମେଶ ବିଷୋୟୀଙ୍କ ପୁଅ ଜିତେନ୍ଦ୍ର ଗ୍ରାମର ଶିବରାମ ସାହୁଙ୍କ ନାବାଳିକା ଝିଅ ନନ୍ଦିନୀଙ୍କୁ ନେଇ ଗ୍ରାମରୁ ଫେରାର ହେବା ପରେ କିଛି ଦିନ ପରେ ଗ୍ରାମକୁ ଫେରି ବିବାହ କରିଥିଲେ। ନବବଧୂ ବେଶରେ ନନ୍ଦିନୀ ଶ୍ୱଶୁର ଘରକୁ ଆସିଥିଲେ। ସବୁକିଛି ଠିକଠାକ ଚାଲିଥିଲା। ସମସ୍ତେ ହସଖୁସିରେ ଚଳୁଥିଲେ। ଗତ ଶନିବାର ନନ୍ଦିନୀଙ୍କୁ ବାପଘରୁ ଯୌତୁକ ଆଣିବା ପାଇଁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ବାଧ କରିଥିଲେ। ନନ୍ଦିନୀ ନିଜର ଅକ୍ଷମତା ପ୍ରକାଶ କରିବାରୁ ସମସ୍ତେ ଉତ୍ତେଜିତ ହୋଇ ତାଙ୍କ ଗଳା ଚିପି ହତ୍ୟା କରିବା ପରେ ତରବରିଆ ଭାବେ ପୋଡ଼ି ଦେଇଥିଲେ, ଯାହାକୁ ଗ୍ରାମବାସୀ ଓ ନନ୍ଦିନୀଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ। ଏନେଇ ନନ୍ଦିନୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ସୋମବାର ପୋଲିସ ଓ ସାଇଣ୍ଟିଫିକ ଟିମ୍ ଗ୍ରାମ ଶ୍ମଶାନରେ ପହଞ୍ଚି ମୃତକଙ୍କ ହାଡ଼ ଓ ପାଉଁଶ ଜବତ କରିଥିଲେ। ଏପରିକି ପୋଲିସ ସ୍ୱାମୀ ଓ ଶ୍ୱଶୁରଙ୍କୁ ଜେରା କରିବା ପରେ ନାବାଳିକା ବୋହୂ ନନ୍ଦିନୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଥାନା ମାମଲା ନଂ. ୨୫୫/୨୪ ଅନୁସାରେ ସମସ୍ତ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରାଯିବା ପରେ ଜାମିନ ଖାରଜ ହେବାରୁ ସେମାନଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇଦିଆଯାଇଥିବା ଥାନା ଆଇଆଇସି ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି।

### ତେଜସ୍ୱୀ କନ୍ୟାର ଜନ୍ମକଳଙ୍କ ନାଟକ ମଞ୍ଚସ୍ଥ

ବେଲଗୁଣ୍ଠା, ୨୫।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସମ୍ପ୍ରତି ସଫଳତାର ଶୀର୍ଷରେ ପହଞ୍ଚି ମହିଳାମାନେ ସମ ସହାଭାଗିତା ପ୍ରଦାନ କରିଥିଲେ ଶୁଦ୍ଧା ଅନେକ ଜାଗାରେ ଲିଙ୍ଗଗତ ମତଭେଦ ନଜରକୁ ଆସେ। ଅମାବାସ୍ୟା ରାତ୍ରିରେ ଜନ୍ମ ଝିଅ ତେଜସ୍ୱିନୀ ଜନ୍ମହେଲା ପରଠାରୁ ହିଁ ତିରସ୍କାର ପାଇଲା। କିନ୍ତୁ ତେଜସ୍ୱିନୀର ବାପା ଭାଙ୍ଗି ନପଡ଼ି ଉପଯୁକ୍ତ ପରିବେଷ୍ଟନୀରେ ଲାଳନ ପାଳନ ପରେ ସର୍ବ ଭାରତୀୟ ସ୍ତରରେ ଉତ୍କର୍ଷତା ସହ ସଫଳ ପ୍ରତିପାଦିତ କରିଛି ଉଆଁସୀ କନ୍ୟା ତେଜସ୍ୱିନୀ। କିନ୍ତୁ ବିନୟୀ, ଶିଷ୍ଟାଚାରୀ ଓ ବାସ୍ତବ ବିଦ୍ୱାନପଣକୁ ସମାଜ ଓ ରାଷ୍ଟ୍ର ହିତରେ ଉତ୍ସର୍ଗ କରିଛି ତେଜସ୍ୱୀ କନ୍ୟା ତେଜସ୍ୱିନୀ। ଏହିଭଳି ଭିନ୍ନ ସ୍ୱାଦର, ନାରୀ ଜାଗରଣ, ସଂସ୍କାର, ସଂଘର୍ଷ ଓ ସଫଳତାର ବିଷୟ ବସ୍ତୁକୁ ନେଇ ନାଟ୍ୟକାର ସ୍ୱସ୍ତି ସୁନ୍ଦରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ତେଜସ୍ୱୀ କନ୍ୟାର ଜନ୍ମ କଳଙ୍କ ନାଟକ ସାରିଆପଲ୍ଲୀଠାରେ ମଞ୍ଚସ୍ଥ ହୋଇଯାଇଛି। ସଂଳାପ ଓ ରୂପସଜ୍ଜା ଦାୟିତ୍ୱ ଶିବରାମ ରାଉତ ନିର୍ବାହନ କରିଥିବା ବେଳେ ସଂଗୀତ ଦେଇଥିଲେ ଦିବାକର ପରିଡା। କେବଳ କନ୍ୟା ସନ୍ତାନମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ନାଟକରେ ବର୍ଷାରାଣୀ, ରୁପାଲୀ, ଅଙ୍କିତା, ଆରତୀ, ସୁନମ, ପୁନମ, ଶ୍ରାବଣୀ, ରେଶମା, ବର୍ଷାଙ୍କ ଭୂମିକା ଦର୍ଶକମାନଙ୍କୁ ଅତ୍ୟନ୍ତ ଆକୃଷ୍ଟ କରିଥିଲା। ଉକ୍ତ ନାଟକ ନିଖିଳ ଉତ୍କଳ ଆଲିୟ ଖଣ୍ଡାୟତ ସମାଜ, ସାରିଆପଲ୍ଲୀ ପଲ୍ଲୀପରିଷଦର ବାର୍ଷିକ ଉତ୍ସବ ଅବସରରେ ପରିବେଷଣ ହୋଇଥିଲା। ଅନୁଷ୍ଠାନିକ ଭାବେ ସମାଜର କୁଳାଧିପତି ପ୍ରହଲ୍ଲାଦ ଲେଙ୍କା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ମୁଖ୍ୟବକ୍ତା ଅଧ୍ୟାପକ ଦିବ୍ୟଲୋଚନ ବିଶ୍ୱାଳ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଶୁକଦେବ ସ୍ୱାଇଁ, ରେସ୍କଣ୍ଡ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱସ୍ତି ସୁନ୍ଦର ସିଅ, ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ ସମାଜ ଓ ସଙ୍ଗଠନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ମଖ୍ୟ ପରିଚାଳନା ଦାୟିତ୍ୱ ସଭାପତି ଓ ସମ୍ପାଦକଙ୍କ ତତ୍ତ୍ୱାବଧାନରେ ସମୀର ରାଉତ, ରୋହିତ ରାଉତ ନେଇଥିବା ବେଳେ ଦେବାଶିଷ, ଆଶିଷ, ଲକ୍ଷ୍ମଣ ମଳିକ, ସଂଯୁକ୍ତା ପ୍ରଧାନ, ସୁହାସିନୀ ମଳିକ, ବିଶ୍ୱଜିତ, କାହ୍ନା ପ୍ରମୁଖ ସହଯୋଗ କରିଥିଲେ। ଏହିଭଳି ସଂସ୍କାରଧର୍ମୀ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# କେଏସ୍‌ୟୁବି କଲେଜକୁ ସ୍ୱୟଂଶାସିତ ମାନ୍ୟତା ମିଳିବ

## ନାଗପୁରର ବରିଷ୍ଠ ନାଗରିକଙ୍କ ପରାମର୍ଶକୁ ଭାଜପା ଗ୍ରହଣ କରେ: ବିଧାୟକ

ଭଞ୍ଜନଗର, ୨୫।୬(ବାବୁଲା ପ୍ରଧାନ)

ଭଞ୍ଜନଗର ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ମଙ୍ଗଳବାର ସନ୍ଧ୍ୟାରେ ଭଞ୍ଜନଗର ନବ ନିର୍ବାଚିତ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଘୁମୁସର ବିକାଶ ପରିଷଦ କର୍ମକର୍ତ୍ତା ମଧ ଭେଟି ବିଭିନ୍ନ ଦାବି ଉପସ୍ଥାପନା କରିଛନ୍ତି। ଉଭୟ ସଂଘର କର୍ମକର୍ତ୍ତା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ସଙ୍ଘର କର୍ମକର୍ତ୍ତାମାନେ ବିଧାୟକଙ୍କୁ ଅନୁରୋଧ କରିଥିଲେ। ସମସ୍ୟାଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ



ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ବିଧାୟକଙ୍କ ସହ ଆଲୋଚନା କରୁଛନ୍ତି।

ବରିଷ୍ଠ ନାଗରିକ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀ ନାୟକ ତାଙ୍କ ଭାଷଣରେ କହିଥିଲେ ଯେ ଭାଜପା ସର୍ବଦା ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦିଏ। ତେଣୁ ଖୁବ ଶୀଘ୍ର ବରିଷ୍ଠ ନାଗରିକଙ୍କ କାର୍ଯ୍ୟାଳୟ ପାଇଁ ଏକ ଜମି ଭଞ୍ଜନଗରରେ ଯୋଗାଇ ଦିଆଯିବ। କେନ୍ଦ୍ର ସରକାର ଯେତେବେଳେ ଦେଶର ମଙ୍ଗଳ ପାଇଁ କିଛି ପଦକ୍ଷେପ ନିଅନ୍ତି ସେତେବେଳେ ବରିଷ୍ଠ ନାଗରିକଙ୍କ ମତାମତ ନିଅନ୍ତି। ଆପଣମାନଙ୍କ ଭଳି ନାଗପୁରରେ ବସିଥିବା ବରିଷ୍ଠ ନାଗରିକଙ୍କ ପରାମର୍ଶକୁ ଭାଜପା ସର୍ବଦା ଗ୍ରହଣ କରିଥାଏ ବୋଲି ଶ୍ରୀ ନାୟକ କହିଥିଲେ। ଘୁମୁସର ଜିଲା ହେଲେ ପ୍ରଥମେ ମୁଁ ବେଶୀ ଖୁସି ହେବି। ତେଣୁ ଜିଲା ଉପରେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବି। ବ୍ରହ୍ମପୁର ରେଢ଼ାଖୋଲ ରେଳଲାଇନ ମଧ କିଭଳି ହେବ ସେ ନେଇ ପଦକ୍ଷେପ ନେବି। ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟକୁ କିଭଳି ସ୍ୱୟଂ ଶାସିତ ମାନ୍ୟତା ମିଳିବ ସେନେଇ ମୁଁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ଖୁବଶୀଘ୍ର ଭଞ୍ଜନଗର କଲେଜକୁ ସ୍ୱୟଂଶାସିତ ମାନ୍ୟତା ମିଳିବ ବୋଲି ଶ୍ରୀ ନାୟକ ଖବରଦାତାଙ୍କ ସହ ଆଲୋଚନା ସମୟରେ ପ୍ରକାଶ କରିଛନ୍ତି। ବୈଠକରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୋମନାଥ ନାୟକ, କର୍ମକର୍ତ୍ତା ଶିବରାମ ପଣ୍ଡା, ପ୍ରକାଶ ସାହୁ, ଗୋପାଳ ଲେଙ୍କା, ରବି ସାମନ୍ତ, ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ହୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ହୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ବିଧାୟକ।

ଗଞ୍ଜାମ, ୨୫।୬(ବିଦ୍ୟାଧର ସାହୁ)

ଛତ୍ରପୁର ବିଧାୟକ କୃଷ୍ଣ ନାୟକ ମଙ୍ଗଳବାର ହୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ହୁମ୍ମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ବରିଷ୍ଠ ଭାଜପା ନେତା ସୁରେନ୍ଦ୍ର ସାହୁ, ଯୁବନେତା ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ମେଡିକାଲର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ନିୟମିତ ଲୋକଙ୍କ ସେବା କରିବାକୁ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ପରେ ପାଣିରେ ବୁଡି ମୃତ୍ୟୁ ଘଟିଥିବା ମନ୍ଦଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ। ଆରଆଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ସହ ଜିଲା ପ୍ରଶାସନ ପକ୍ଷରୁ ସହାୟତା ଦେବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି।

## କେରଳରୁ ୫ ଦିନିଆ ତାଲିମ ପାଇ ଫେରିଲେ କନ୍ଧମାଳର ୨ ସିଆରସିସି

ଜି.ଉଦୟଗିରି, ୨୫।୬(ଶିଶିର ପଟ୍ଟନାୟକ)

ବିଦ୍ୟାଳୟ ଶିକ୍ଷାଦାନରେ ଏକ ସଫଳ ନେତୃତ୍ୱ, ଉପଯୁକ୍ତ ବ୍ୟବହାର, ଉଚ୍ଚ ମନୋବୃତ୍ତି, ସମୟାନୁବର୍ତ୍ତିତା, ସମସ୍ୟା ସମାଧାନର କୌଶଳ, ଦଳଗତ କାର୍ଯ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ବିଦ୍ୟାଳୟ ରୂପାନ୍ତରଣ ଆଦି କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିବା କନ୍ଧମାଳ ଜିଲାର ୨ ଜଣ ସିଆରସିସି କେରଳ ଯାଇ ପାଞ୍ଚ ଦିନିଆ ତାଲିମ ନେଇ ଫେରିଛନ୍ତି। ଆଧୁନିକ ଶିକ୍ଷାରେ ଏହି ସବୁ ଜ୍ଞାନକୌଶଳ ଓ କାର୍ଯ୍ୟଦକ୍ଷତାକୁ ନିଜର ବିଦ୍ୟାଳୟ ତଥା ନିଜ ଅଞ୍ଚଳର ସମସ୍ତ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ନିମନ୍ତେ ସେମାନେ ପ୍ରତିଶ୍ରୁତିବଦ୍ଧ ଓ ସେମାନଙ୍କର ଶିକ୍ଷା କ୍ଷେତ୍ରରେ ଅଭିନ୍ନ ଜ୍ଞାନକୌଶଳ, କାର୍ଯ୍ୟଦକ୍ଷତା ପାଇଁ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ପଞ୍ଚାୟତର ସିଆରସିସି ରଶ୍ମିତା ମହାରଣା ଏବଂ ଫୁଲବାଣୀ ଦୁବଗଡ଼ର ସିଆରସିସି ପ୍ରଦୀପ କୁମାର ମହାନ୍ତିଙ୍କୁ କନ୍ଧମାଳ ଜିଲାରୁ ମନୋନୀତ ହୋଇ କେରଳ ଯାଇ ତାଲିମ ଗ୍ରହଣ କରି ଫେରିଛନ୍ତି ଓ ଶ୍ରେଷ୍ଠ ଶିବିରାର୍ଥୀ ଭାବେ ସମ୍ମାନିତ ହୋଇଛନ୍ତି।

## ଟ୍ରାକ୍ଟର ଧକ୍କାରେ ନାବାଳକ ମୃତ

ବେଲଗୁଣ୍ଠା, ୨୫।୬(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମରେ ଏକ ଟ୍ରାକ୍ଟର୍ ଧକ୍କାରେ ଜଣେ ନାବାଳକର ମୃତ୍ୟୁ ଘଟଣା ଗ୍ରାମରେ ଶୋକର ଛାୟା ଖେଳାଇଦେଇଛି। ମୃତ ନାବାଳକ ଜଣକ ହେଲେ ପାଲକଷଣ୍ଡା ଗ୍ରାମର ରବି ନରାୟଣ ବିଷୋୟୀଙ୍କ ସାନ ପୁଅ ଶ୍ରୀତମ କୁମାର ବିଷୋୟୀ। ଶ୍ରୀତମ ବିଲରେ କାମସାରି ଘରକୁ ଫେରୁଥିବା ବେଳେ ଗ୍ରାମର ମଝି ଅକଟା ନାମକ ସ୍ଥାନରେ ଏକ ଟ୍ରାକ୍ଟର ଶ୍ରୀତମଙ୍କର ସାଇକେଲକୁ ଧକ୍କା ଦେବା ଫଳରେ ସେ ପଡ଼ିଯାଇଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରି ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆଦିବାସୀ ଉନ୍ନୟନ ସଙ୍ଗଠନର ମହାସଭା

ଦିଗପହଣ୍ଡି, ୨୫।୬(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଆଦିବାସୀ ଉନ୍ନୟନ ସଙ୍ଗଠନର ମହାସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପଲ୍ଲୀ ଠାରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ମହାସଭାରେ ଗଞ୍ଜାମ ଜିଲା ଆଦିବାସୀ ଉନ୍ନୟନ ସଙ୍ଗଠନର ସଭାପତି ଶରତ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ଗଞ୍ଜାମ ଜିଲା କାର୍ଯକାରୀ ସଭାପତି ନାରାୟଣ ମଲ୍ଲିକ, ଗଞ୍ଜାମ ଜିଲା ସମ୍ପାଦକ ସୁଦାମ ମଲ୍ଲିକ ଯୋଗ ଦେଇଥିଲେ। ଏହି ମହାସଭାରେ ଧରାକୋଟ ଓ ଘୁମୁସର ତାଲୁକାର ନୂତନ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରଘୁନାଥ ମଳିକ, ଉପସଭାପତି ସୁରେନ୍ଦ୍ର ମଳିକ, କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀକାନ୍ତ ମଳିକ, ସମ୍ପାଦକ ସୁଦାମ ମଳିକ, ସହ ସମ୍ପାଦକ ପ୍ରଫୁଲ୍ଲ ମଳିକ, କୋଷାଧ୍ୟକ୍ଷ ଗଣେଶ ମଳିକ ଏବଂ ଉପଦେଷ୍ଟା ମଣ୍ଡଳୀର କର୍ମକର୍ତ୍ତା ଭାବେ ବିଦ୍ୟାଧର ମଳିକ, ନିର୍ମଳ ମଳିକ, ମହେଶ୍ୱର ମଳିକ, କୈଳାଶ ମଳିକ, ରମେଶ ମଳିକ, ବିପ୍ର ମଳିକଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ମହାସଭାରେ ସମାଜରେ ବାଲ୍ୟ ବିବାହ ରୋକିବା, ମୌଳିକ ଶିକ୍ଷାର ବିକାଶ କରିବା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ପ୍ରତି ଗ୍ରାମକୁ ପକ୍କା ସଡ଼କ ରାସ୍ତାର ଆବଶ୍ୟକତା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ସୁଦାମ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚତୁର୍ଥ ଦିନରେ ସପ୍ତଠାକୁରାଣୀଙ୍କ ଘଟ ପରିକ୍ରମା

## ମା' ଫୁଲକେଶିନୀଙ୍କ ଯାତ୍ରାରେ ବାହାରିଲେ ମାନସିକ ବେଶଧାରୀ



ପଣାପାଣି ଧରି ମହିଳାମାନେ ପୀଠକୁ ଯାଉଛନ୍ତି।

ଆସିକା, ୨୫।୬(ସୁରେନ୍ଦ୍ର ନାଥ ସାହୁ)

ଆସିକା ଲାଲାଗୋର୍ଜିଛକଠାରେ ଚାଲିଥିବା ମା' ଫୁଲକେଶିନୀ ଠାକୁରାଣୀଙ୍କ ଯାତ୍ରା ମଙ୍ଗଳବାର ସପ୍ତମ ଦିନରେ ପହଞ୍ଚିଛି। ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ସପ୍ତଠାକୁରାଣୀଙ୍କ ଘଟ ପରିକ୍ରମା ଚତୁର୍ଥ ଦିନରେ ପହଞ୍ଚିଛି। ସକାଳେ ବିଭିନ୍ନ ମହିଳା ଗୋଷ୍ଠୀ ଗୋଜା ମୁଆଁ ଏବଂ ପଣାପାଣି ଧରି ପକ୍ଷରୁ ବାଦ୍ୟବାଜଣା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଅସ୍ଥାୟୀ ପୀଠରେ ଠାକୁରାଣୀଙ୍କ ଆଳତୀ ପରେ ମାନସିକଧାରୀ ମହିଳାମାନେ ସପ୍ତ ଠାକୁରାଣୀଙ୍କ ଘଟକୁ ମୁଣ୍ଡରେ ଧରି ନଗର ପରିକ୍ରମା କରିଥିଲେ। ସପ୍ତଦେବୀଙ୍କ ଘଟ ଅସ୍ଥାୟୀ ପୀଠ ଲାଲାଗୋର୍ଜି ଛକରୁ ବାହାରି ଗୋପବନ୍ଧୁ ନଗର, ଓଡିଆ ସାହି, ଚିନ୍ମୟ ମିଶନ ଗଳି, ବାଲାଜୀ ମନ୍ଦିର ଛକ, ତାଲୁକା ରୋଡ, ରାଜେନ୍ଦ୍ର ନଗର, ଏନଏସି କଲୋନୀ ଦେଇ ବୈଷ୍ଣବ ଦେବୀ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରି ଅସ୍ଥାୟୀ ମନ୍ଦିରକୁ ଫେରିଥିଲେ। ସେଠାରେ ରିତିମତ ପୂଜାର୍ଚ୍ଚନା ଓ ଘୃତଯଜ୍ଞ ଚାଲୁ ରହିଛି। ଯାତ୍ରା ଅବସରରେ ବିଭିନ୍ନ ସାହିବସ୍ତିରେ ସ୍ଥାପନା କରାଯାଇଥିବା ୫୦ରୁ ଉର୍ଦ୍ଧ୍ୱ ମେଢ଼ ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ବଢିବାରେ ଲାଗିଛି। ସୋମବାର ଠାରୁ ଯାତ୍ରା ପରିସର ବିଭିନ୍ନ ସାହିବସ୍ତିରେ ବିଭିନ୍ନ ସଂଗଠନ ପକ୍ଷରୁ ସମବେତ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ଖାଦ୍ୟ ପଦାର୍ଥ ବଣ୍ଟନ କରାଯାଉଛି। ବିଭିନ୍ନ ସାହିବସ୍ତିରେ ମାନସିକଧାରୀ ଶ୍ରଦ୍ଧାଳୁ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଯାତ୍ରା ଅଞ୍ଚଳ ପରିକ୍ରମା କରୁଥିଲା ବେଳେ ମୀନା ବଜାର ଓ ରାମଦୋଳି ଯାତ୍ରାର ଆକର୍ଷଣକୁ ଆହୁରି ଅଧିକ ବଢାଇ ଦେଇଛି।

## ବୃଦ୍ଧାଙ୍କଠୁ ଅଳଙ୍କାର ଲୁଟ୍ ମାମଲା : ଅଭିଯୁକ୍ତଙ୍କୁ ଜେଲ

ଦିଗପହଣ୍ଡି, ୨୫।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଜକର ଗ୍ରାମର ନୂଆସାହି ବାସିନ୍ଦା ଏମ୍. କୁମାରୀ ସୁବୁଦ୍ଧି ନାମ୍ନୀ ଜଣେ ବୃଦ୍ଧାଙ୍କୁ ସୋମବାର ଘରେ ପଶି ହତ୍ୟା ଉଦ୍ୟମ ସହ ସେ ପିନ୍ଧିଥିବା ସୁନା ଅଳଙ୍କାର ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ପୋଲିସ ସମ୍ପୃକ୍ତ ଜକର ଗ୍ରାମର ଚୂଡ଼ାମଣି ବିଷୋୟୀଙ୍କୁ ଗିରଫ କରି ଦିଗପହଣ୍ଡି କୋର୍ଟକୁ ଚାଲାଣ କରିଥିବା ଜଣାପଡିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଏହି ମାମଲାରେ ସାମିଲ ଥିବା ଜକର ଗ୍ରାମର ଜଣେ ନାବାଳକଙ୍କୁ ପୋଲିସ ବ୍ରହ୍ମପୁର ସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିବା ପରେ ତାଙ୍କୁ ବ୍ରହ୍ମପୁର ବାଳ ସୁଧାରଗୃହକୁ ପଠାଇ ଦିଆଯାଇଛି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଲୁଟ୍ ହୋଇଥିବା ୨ଟି ସୁନା କାନଫୁଲ ଏବଂ ୨ ଟି ସୁନା ମୁଦି ଜବତ କରିଛି।

## କାଦପଡ଼ାରେ ରଥ ନିର୍ମାଣ କାର୍ଯ୍ୟ ଜୋରଦାର

ବୁଗୁଡ଼ା, ୨୫।୬ (କାଳିଚରଣ ଦାଶ)

ଆସନ୍ତା ଜୁଲାଇ ୭ରେ ହେବାକୁ ଥିବା ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ କାଦପଡ଼ା ଗ୍ରାମର ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ସାଙ୍ଗକୁ ରଥ ଯାତ୍ରା ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ରଥର ଚକଅଖ ଯୋଗ, ବ୍ରାନ୍ଦ, ମୁହାଣ୍ଡି, ନାହାକ କୁମ୍ଭ ଓ ଚାରି ପୁରଛନ୍ଦ କାମ ସାଙ୍ଗକୁ ଅଁଳାଶ୍ରୀ, କଳସ ଉଠାଣ, ଶୁଆ ବନ୍ଧା ଓ ବେଦି ଘର କାମ ମଧ ସରିଥିବା ବେଳେ ଅନ୍ୟାନ୍ୟ ଛୋଟ ଛୋଟ କାମ ବାକି ରହିଛି। ୨୭ଫୁଟ ଉଚ୍ଚତା ବିଶିଷ୍ଟ ଉକ୍ତ ରଥର ନିର୍ମାଣ କାର୍ଯ୍ୟ ମୁଖ୍ୟ କାରିଗର ହରିକୃଷ୍ଣ ମହାରଣାଙ୍କ ନେତୃତ୍ୱରେ ଅନ୍ୟ କାରିଗରମାନଙ୍କ ଦ୍ୱାରା ହୋଇଅଛି। ଅନ୍ୟପକ୍ଷରେ ଠାକୁର ଅଣସର ଘରେ ଥିବାବେଳେ ଶିଳ୍ପୀ ହରିହର ସ୍ୱାଇଁଙ୍କ ଦ୍ୱାରା ବନକ କାର୍ଯ୍ୟ ମଧ ଚାଲୁରହିଛି। ଗ୍ରାମବାସୀଙ୍କ ସହଯୋଗରେ ଏବଂ ଦଧିବାମନ ମନ୍ଦିର ପରିଚାଳନା କମିଟିର ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଏ ବର୍ଷର ରଥ ଯାତ୍ରାକୁ ଲୋକେ ଉତ୍ସାହ ଓ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି।

## ସଂଗ୍ରାମୀ ସ୍ମାରକୀ ପୀଠ ବୈଠକ

ରମ୍ଭା, ୨୫।୬(ବନବାସୀ ସେଠୀ)

ସ୍ଥାନୀୟ ଗାୟତ୍ରୀ ଶକ୍ତି ପୀଠରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠ ବୈଠକ ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ବୈଠକରେ ସ୍ଥିରୀକୃତ ହୋଇଥିବା ଜୁଲାଇ ୧୦ ତାରିଖ ହରିହର ମର୍ଦ୍ଦରାଜଙ୍କ ଜନ୍ମ ମୃତ୍ୟୁ ଏକାଦିନେ ବାର୍ଷିକ ଉତ୍ସବ ଉପଲକ୍ଷେ ୪୧ଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ରାଜ୍ୟପାଳ, ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଉନ୍ମୋଚନ କରିବା ପାଇଁ ପ୍ରଶାସନସ୍ତରରେ କମିଟିରେ ଆଲୋଚନା ହୋଇଥିଲା। ମଙ୍ଗଳବାର ବୈଠକରେ ୭ଟି କମିଟି ଯଥା ଅଭ୍ୟର୍ଥନା କମିଟି, ସ୍ୱାମୀ ଶ୍ରୀଶଙ୍କରାନନ୍ଦ, ଗିରୀ ମହାରାଜ, ଉପେନ୍ଦ୍ର ତ୍ରିପାଠୀ (ଆଇଏଏସ), ସୁବାସ ଚନ୍ଦ୍ର ପଣ୍ଡା ଆବାହକଙ୍କ ନେତୃତ୍ୱରେ ୨୭ ଜଣିଆ କମିଟି ସ୍ଥାନିତ, ଅର୍ଥ କମିଟି ପ୍ରସନ୍ନ କୁମାର ମିଶ୍ର ପ୍ରାକ୍ତନ ଅଧ୍ୟକ୍ଷଙ୍କ ନେତୃତ୍ୱରେ ୧୫ ଜଣିଆ କମିଟି ସ୍ଥାନିତ, ପ୍ରକାଶନ କମିଟି ଡ଼ଃ ପ୍ରଭାକର ତ୍ରିପାଠୀ ପ୍ରାକ୍ତନ ଅଧ୍ୟକ୍ଷଙ୍କ ନେତୃତ୍ୱରେ ୧୧ ଜଣିଆ କମିଟି, ଆଇନ ଶୃଙ୍ଖଳା କମିଟି ଥାନା ଭାରପ୍ରାପ୍ତ ଅଧିକାରୀ, ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ ୧୬ ଜଣିଆ କମିଟି, ଆତିଥେୟ କମିଟି ନାରାୟଣ ସାହୁଙ୍କ ୨୭ ଜଣିଆ କମିଟି, ମଞ୍ଚ ସାଜସଜ୍ଜା କମିଟି ଆଇନଜୀବୀ ସୁବାସ ଚନ୍ଦ୍ର ପତିଙ୍କ ନେତୃତ୍ୱରେ ୨୦ ଜଣିଆ କମିଟି, ପ୍ରଚାର ପ୍ରସାର କମିଟି ନୀଳାଞ୍ଚଳ ସେନାପତିଙ୍କ ଆବାହକତ୍ୱରେ ୧୭ ଜଣିଆ କମିଟି ଗଠନ ବୈଠକରେ ସ୍ଥିରୀକୃତ ହୋଇଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ରାଧାକାନ୍ତ ଦାସ, ପ୍ରଭାକର ତ୍ରିପାଠୀ, ହରେକୃଷ୍ଣ ପଣ୍ଡା, ଡ଼ଃ ଅନନ୍ତ ରାମ କର, ମୃତ୍ୟୁଞ୍ଜୟ ମିଶ୍ର, ଶିଳ୍ପପତି ପି. ରାଜେନ୍ଦ୍ର ପୃଷ୍ଟି, କାର୍ଯ୍ୟକାରୀ ସଭାପତି ପ୍ରସାଦ ରାଓ ପୃଷ୍ଟି, ସାଂଗଠନିକ ସମ୍ପାଦକ ଅଭିମନ୍ୟୁ ସାହୁ, ଗୋକୁଳ ଚନ୍ଦ୍ର ନାହାକ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବାଳକୃଷ୍ଣ ମହାରଣା, ବିଜୟ କୁମାର ବିଶ୍ୱାଳ, ପ୍ରମୁଖ ସାମିଲ ହୋଇଥିଲେ।

# ଭାଜପା ପାଳିଲା କଳା ଦିବସ

ପାରଳାଖେମୁଣ୍ଡି, ୨୫।୬(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିସ୍ଥିତ ଗଜପତି ଜିଲା ଭାଜପା କାର୍ଯ୍ୟାଳୟଠାରେ ମଙ୍ଗଳବାର ଦଳ ପକ୍ଷରୁ କଳା ଦିବସ ପାଳନ କରାଯାଇଛି। ୧୯୭୫ ଜୁନ ୨୫ ତାରିଖରେ ଆଜିର ଦିନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ, ଏହା ଗଣତନ୍ତ୍ରରେ ଏକ କଳା ଚିହ୍ନ। ତେଣୁ ଭାଜପା ସାରା ଦେଶରେ ଆଜିର ଦିନକୁ କଳା ଦିବସ ଭାବେ ପାଳନ କରୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହନ୍ତ ରାମାନନ୍ଦ ଦାସ ଯୋଗ ଦେଇଥିବା ବେଳେ ସାଧାରଣ ସଂପାଦକ ଜଗନ୍ନାଥ ମହାପାତ୍ର, ଅନ୍ୟତମ ସାଧାରଣ ସଂପାଦକ ଇ. ପ୍ରଶାନ୍ତ, ବରିଷ୍ଠ ନେତା ନୃସିଂହ ଚରଣ ପଟ୍ଟନାୟକ, ମୋହନା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକ, ଯୁବ ମୋର୍ଚ୍ଚା ସଭାପତି ବାଳକୃଷ୍ଣ ପାତ୍ର, ଯୁବ ନେତା ଦେବୀ ପ୍ରସାଦ ଦାସ ପ୍ରମୁଖ ସାମିଲ ଥିଲେ।

**ଧରାକୋଟ ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ନେତା ଇଂ. ଉତ୍ତମ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଧରାକୋଟ ସପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ କଳା ଦିବସ ପାଳନ କରିଯାଇଛି। ୧୯୭୫ ମସିହା ଆଜିର ଦିନରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ସମୟରେ ଦେଶରେ ଜରୁରୀ ପରିସ୍ଥିତି ଲାଗୁ ହୋଇଥିଲା। ଯାହାକି ଏକ କଳା ଦିବସ ବୋଲି ପାଣିଗ୍ରାହୀ ଆଲୋକପାତ କରିଥିଲେ। ବୈଠକରେ ଓକିଲ ନାରାୟଣ ହୋତା, ସୁନୀଲ କୁମାର ମହାନ୍ତି, ମିଥୁନ ପ୍ରଧାନ, ପ୍ରଭାକର ପ୍ରଧାନ, ମାନସ ରଞ୍ଜନ ନାୟକ, ଦେବାଶିଷ ମିଶ୍ର, ଶଙ୍କର ପାଣିଗ୍ରାହୀ, କେଶବ ନାୟକଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଯୋଗ ଦେଇଥିଲେ।




ବାଲିଗୁଡା କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା

**ଖଲ୍ଲିକୋଟ (ପ୍ରଶାନ୍ତ କୁମାର ମିଶ୍ର):** ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ବାସଭବନ ପରିସରରେ ଭାଜପା ପକ୍ଷରୁ ଜୁନ ୨୫କୁ କଳା ଦିବସ ଭାବେ ପାଳନ କରାଯାଇଛି। ବିଧାୟକ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାଏକ, ଗଞ୍ଜାମ ଜିଲା ଭାଜପା ସମ୍ପାଦକ ଅନିଲ କୁମାର ପଣ୍ଡା, ଘୁମୁସର ଜିଲା ସଭାପତି ବିଜୟ ସ୍ୱାଇଁ, ଭାଜପା ନେତା ଶଙ୍କର ପ୍ରଶାଦ ନାହାକ, ସୀତାରାମ ପାଣିଗ୍ରାହୀ, ଜଗନ୍ନାଥ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ୧୯୭୫ରେ ଦେଶରେ ପ୍ରଥମ ଥର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରି କଂଗ୍ରେସ ସରକାର ଭାରତରେ ସ୍ୱେଚ୍ଛାଚାରି ଶାସନ ଚଳାଇଥିଲେ ବୋଲି ନେତାମାନେ ଦର୍ଶାଇଥିଲେ। ବିଧାୟକ ସେଠୀ ଜରୁରୀ ପରିସ୍ଥିତିକୁ ବିରୋଧ କରି ଗିରଫ ହୋଇଥିବା ନେତାଙ୍କୁ ସମ୍ମାନ ଜଣାଇବା ସହ କଂଗ୍ରେସ ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଥିଲେ।

**ବାଲିଗୁଡା (ସଞ୍ଜୟ କୁମାର ପାଣିଗ୍ରାହୀ):** ଭାଜପା ପକ୍ଷରୁ ବାଲିଗୁଡା ବିଧାନସଭା କ୍ଷେତ୍ରର କୋଟଗଡ ଓ ତୁମୁଡିବନ୍ଧ ମଣ୍ଡଳରେ କଳା ଦିବସ ପାଳିତ ହୋଇଯାଇଛି। କୋଟଗଡ ମଣ୍ଡଳ ସଭାପତି ପ୍ରକାଶ ସୁବୁଦ୍ଧିଙ୍କ ସଭାପତିତ୍ୱରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କଳା ଦିବସ ପାଳନ କରାଯାଇଥିଲା। ସେଠାରେ ବାଲିଗୁଡା ପୂର୍ବତନ ବିଧାୟକ କରେନ୍ଦ୍ର ମାଝିଙ୍କ ସମେତ ସାଧାରଣ ସମ୍ପାଦକ ପ୍ରତାପ ନାୟକ, ମୋହନ ବଳିଆରସିଂ, ବିରଞ୍ଚି ଗାଉଣ୍ଟିଆ, ବେଲଘର ସରପଞ୍ଚ ଗୋବିନ୍ଦ ମାଝି, ସୁଜିତ ଦଲାଇମାଝି, ଚିନିବର ବଳିଆରସିଂ, ପିତର ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ତୁମୁଡିବନ୍ଧ ମଣ୍ଡଳ ସାଧାରଣ ସମ୍ପାଦକ ଯଶବନ୍ତ ମାଝିଙ୍କ ସଭାପତିତ୍ୱରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ କଳା ଦିବସ ପାଳନ କାର୍ଯ୍ୟକ୍ରମରେ ବେଲଘର ସରପଞ୍ଚ ଗୋବିନ୍ଦ ମାଝିଙ୍କ ସମେତ ବଳଦେବ ନାୟକ, ପବିତ୍ର ବେହେରା, ଯୁବ ମୋର୍ଚ୍ଚା ସଭାପତି ଶଙ୍କର ବଡନାୟକ, ଗଙ୍ଗାଧର ଗରଡିଆ, ପିଟକୁ ମାଝି, ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଣ୍ଟି ମ୍ୟାଲେରିଆ ମାସ ଅଭିଯାନ କାର୍ଯ୍ୟକ୍ରମ

ଫୁଲବାଣୀ, ୨୫।୬(ରାକେଶ କୁମାର ରାଉତ)

ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆଣ୍ଟି ମ୍ୟାଲେରିଆ ମାସ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋଜ କୁମାର ଉପାଧ୍ୟାୟ କହିଛନ୍ତି କି ମ୍ୟାଲେରିଆ ପ୍ରତିରୋଧ ପାଇଁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ବିଭାଗ ଓ ସର୍ବୋପରି ଲୋକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲୋକମାନେ ଯେଉଁ ପର୍ଯ୍ୟନ୍ତ ସଚେତନ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ମ୍ୟାଲେରିଆକୁ କେତେକାଂଶରେ ପ୍ରତିରୋଧ କରାଯାଇ ପାରିବ। ମାତ୍ର ଜିଲାକୁ ମ୍ୟାଲେରିଆମୁକ୍ତ କରାଯାଇପାରିବ ନାହିଁ। ସେମାନେ ସେମାନଙ୍କର ପରିବେଶ ସଫା ରଖିବେ, ଘର ଆଖପାଖରେ ପାଣି ଜମିବାକୁ ଦେବେନି, ନିୟମିତ ମଶାରୀ ଟାଣିବା ସହିତ ଅନ୍ୟାନ୍ୟ ମଶା ନିବାରକ ବ୍ୟବହାର କରିବେ, ଦେହ, ହାତ ଓ ଗୋଡ଼କୁ ସମ୍ପୂର୍ଣ୍ଣ ଘୋଡ଼ାଇ ରଖିପାରିବା ଭଳି ପୋଷାକ ପିନ୍ଧିବେ, ତେବେ ମଶା କାମୁଡ଼ାରୁ ରକ୍ଷା ପାଇପାରିବେ। ଫଳରେ ମ୍ୟାଲେରିଆ, ଡେଙ୍ଗୁ ଏବଂ ଅନ୍ୟାନ୍ୟ ଭୂତାଣୁ ଜନିତ ରୋଗରୁ ରକ୍ଷା ପାଇପାରିବେ। ଭେକ୍ଟର ବାହିତ ରୋଗ ପରାମର୍ଶଦାତା ପାୱାର ପଏଣ୍ଟ ମାଧ୍ୟମରେ ମ୍ୟାଲେରିଆ, ଫାଇଲେରିଆ ଓ ଡେଙ୍ଗୁ କିଭଳି ବ୍ୟାପେ, ରୋଗର ଲକ୍ଷଣ ଓ ପ୍ରତିକାର, ରୋଗରୁ ରକ୍ଷା ପାଇବାର ଉପାୟ, ରୋଗ ପ୍ରତି ସତର୍କ ଓ ସଚେତନ ଉପରେ ବୁଝାଇଥିଲେ।

## ସଂକ୍ଷେପରେ

### ଷ୍ଟେଶନରୁ ଗଞ୍ଜେଇ ସହ ୨ ଯୁବକଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ଥାନା ପୋଲିସ ୨ ଯୁବକଙ୍କୁ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ବାନ୍ଧିଛି। ସେମାନେ ହେଲେ ମହାରାଷ୍ଟ୍ରର ଜଲନା ଜିଲା ସଦର ବଜାର ଥାନାଞ୍ଚଳର ଅଜୟ ସଂଜୟ ଚାଭ୍ରେ(୨୫) ଓ ବିକାଶ ଅର୍ଜୁନ ସୁଲେ(୨୩)। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଟ୍ରଲି ଓ ଏୟାରବ୍ୟାଗରୁ ୨୮ କେଜି ୨୩୫ ଗ୍ରାମ ଗଞ୍ଜେଇ ଜବତ କରିଛି। ଜେରା ବେଳେ ସେମାନେ ଗଞ୍ଜେଇ ଗଜପତିରୁ ଆଣି ବାଲୁଗାଁରୁ କୋଣାର୍କ ଏକ୍ସପ୍ରେସରେ ଚଢ଼ିଥିଲେ। ଉକ୍ତ ଗଞ୍ଜେଇ ସେମାନେ ମହାରାଷ୍ଟ୍ର ଚାଲାଣ କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ମାମଲା ନଂ. ୫୧/୨୪ରେ ପୋଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି। କୋଣାର୍କ ଏକ୍ସପ୍ରେସରେ ଦୁଇଜଣ ଯୁବକଙ୍କୁ ସନ୍ଦେହରେ ରେଳ ସୁରକ୍ଷା ବଳ ଧରି ପଚରାଉଚରା ବେଳେ ଏହା ଜଣାପଡିଥିଲା।

# ଏମ୍‌କେସିଜିରେ ରକ୍ତ ଅଭାବ, ୬୦ ତଳକୁ ଖସିଲା ଷ୍ଟକ୍

■ଦୈନିକ ଆବଶ୍ୟକ ଶହେ ୟୁନିଟ୍

■ଖାଲି ହୋଇଗଲାଣି ନେଗେଟିଭ ଗ୍ରୁପ

ବ୍ରହ୍ମପୁର, ୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ବଡ ଡାକ୍ତରଖାନାରେ ଥିବା ରକ୍ତଭଣ୍ଡାରରେ ରକ୍ତ ଉତ୍କଟ ଅଭାବ ଦେଖାଦେଇଛି। ମଙ୍ଗଳବାର ରେକର୍ଡ ଅନୁସାରେ ଏମ୍‌କେସିଜି ରକ୍ତଭଣ୍ଡାରରେ ୫୮ ୟୁନିଟ ରକ୍ତ ରହିଛି। ଏପରିକି ନେଗେଟିଭ ଗ୍ରୁପ ରକ୍ତ ଖାଲି ହେବାକୁ ବସିଲାଣି। ଫଳରେ ନେଗେଟିଭ ଗ୍ରୁପ ରୋଗୀ ରକ୍ତ ନ ପାଇ ହଟହଟା ହେଉଛନ୍ତି। ଏମ୍‌କେସିଜି ବଡ ଡାକ୍ତରଖାନା ରକ୍ତଭଣ୍ଡାରରୁ ଦୈନିକ ପ୍ରାୟ ଶହେ ୟୁନିଟ ରକ୍ତ ରୋଗୀଙ୍କ ପାଇଁ ଦିଆଯାଉଛି। ଏବେ ରକ୍ତର ଘୋର ଅଭାବ ରହିଥିବାରୁ ଜଟିଳ ପରିସ୍ଥିତି ଦେଖା ଦେଇଛି। ତେଣୁ ଯେଉଁମାନେ ରକ୍ତ ନେଉଛନ୍ତି, ସେମାନଙ୍କୁ ଗୋଟିଏ ୟୁନିଟ ରକ୍ତ ଦେବାକୁ ଅନୁରୋଧ କରାଯାଉଛି। ଏଭଳି ଭାବେ ରକ୍ତ ଦେଇ ରକ୍ତ ନେବା (ଏକ୍ସଚେଞ୍ଜ) ଚାଲିଛି। ରକ୍ତର ବିକଳ୍ପ ନାହିଁ। ରକ୍ତଦାନ ଦ୍ୱାରା ହିଁ ରକ୍ତଭଣ୍ଡାର ଚାଲିବ। ଏଣୁ ରକ୍ତଦାନ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ରକ୍ତଦାତାମାନେ ବିଭିନ୍ନ ସମୟରେ ଶିବିର ଆୟୋଜନ କରିଥାନ୍ତି। ସେହି ଶିବିରରୁ ରକ୍ତ ସଂଗୃହୀତ ହେଉଛି। ତାହାକୁ ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଉଛି। ଖରାଦିନେ ରକ୍ତଦାନ ଶିବିର କାଁ ଭାଁ ଆୟୋଜନ ହୋଇଛି। ଅଧିକ ଶିବିର ଆୟୋଜନ ହୋଇପାରୁନାହିଁ। ତେଣୁ ବଡ ମେଡିକାଲ ରକ୍ତଭଣ୍ଡାରରେ ରକ୍ତ ଅଭାବ ଉତ୍କଟ ରୂପ ଧାରଣ କରିଛି। ଏମକେସିଜି ରକ୍ତଭଣ୍ଡାରରୁ ୫ଶହରୁ ଉର୍ଦ୍ଧ୍ୱ ଥାଲାସେମିଆ, ସିକିଲସେଲ ଓ ହେମୋଫିଲିଆ ରୋଗୀ ପ୍ରତି ମାସରେ ରକ୍ତ ନେଇଥାନ୍ତି। ସେହିପରି ଓଟି, ପ୍ରସୂତି ବିଭାଗ ସହିତ ଦୁର୍ଘଟଣା ସମୟରେ ଗୁରୁତରଙ୍କୁ ତୁରନ୍ତ ରକ୍ତ ଦେବା ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ଏଭଳି ରୋଗୀଙ୍କୁ ପ୍ରାୟ ୬୦/୬୫ ୟୁନିଟ ରକ୍ତ ଦିଆଯାଉଛି। ଏହା ସହିତ ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀଙ୍କୁ ରକ୍ତ ଦିଆଯାଉଛି। ଏପରିକି ଜଣେ ଜଣେ ରୋଗୀଙ୍କୁ ୪/୫ ୟୁନିଟ ପର୍ଯ୍ୟନ୍ତ ରକ୍ତର ଆବଶ୍ୟକ ପଡୁଛି। ଫଳରେ ଆବଶ୍ୟକତା ଅନୁସାରେ ରକ୍ତଭଣ୍ଡାରରୁ ରକ୍ତ ମିଳିପାରୁ ନାହିଁ। ତେଣୁ ଏକ୍ସଚେଞ୍ଜ ବ୍ୟବସ୍ଥାକୁ ବଳବତ୍ତର ରଖାଯାଇଛି। ମଙ୍ଗଳବାର ବ୍ରହ୍ମପୁର ବଡ ଡାକ୍ତରଖାନାର ରକ୍ତଭଣ୍ଡାରେ ଲାଗିଥିବା ରେକର୍ଡ ଅନୁସାରେ ରକ୍ତ ଭଣ୍ଡାରରେ ମୋଟ ୫୮ ୟୁନିଟ ରକ୍ତ ଗଚ୍ଛିତ ରହିଛି। ନେଗେଟିଭ ଗ୍ରୁପ ମଧ୍ୟରେ ଏ-ନେଗେଟିଭ,ବି-ନେଗେଟିଭ ଓ ଏବି-ନେଗେଟିଭ ଗ୍ରୁପ ରକ୍ତ ଖାଲି ହୋଇ ସାରିଥିବା ବେଳେ ଓ-ନେଗେଟିଭ ଗ୍ରୁପ ୨ ୟୁନିଟ ରହିଛି। ସେହିପରି ଓ-ପଜିଟିଭ ୨୨ ୟୁନିଟ ରହିଥିବା ବେଳେ ବି-ପଜିଟିଭ ୨୦, ଏ-ପଜିଟିଭ ୧୦ ଓ ଏବି-ପଜିଟିଭ ୦୪ , ଓ -ନେଗେଟିଭ ମାତ୍ର ୨ ୟୁନିଟ ରହିଥିବା ରକ୍ତଭଣ୍ଡାର ସୂତ୍ରରୁ ପ୍ରକାଶ। ସାଧାରଣତଃ ମାର୍ଚ୍ଚରୁ ଜୁନ ମାସ ପର୍ଯ୍ୟନ୍ତ ଖରା ଯୋଗୁଁ ଏଭଳି ରକ୍ତ ଅଭାବ ଦେଖା ଦେଇଥାଏ। ବର୍ଷା ଦିନ ଆସିଲେ ରକ୍ତଦାନ ଶିବିର ଅଧିକ ସଂଖ୍ୟାରେ ଆୟୋଜିତ ହୋଇଥାଏ। ଶିବିର ସଂଖ୍ୟା ବଢ଼ିବା ପରେ ଧୀରେ ଧୀରେ ରକ୍ତ ଅଭାବ ସମସ୍ୟା ଦୂର ହେବ ବୋଲି ବଡ ମେଡିକାଲ ପକ୍ଷରୁ କୁହାଯାଇଛି।

# ୧୧ ମାସର ୧୮ ପ୍ରତିଶତ ମହଙ୍ଗା ଭତ୍ତା ଦାବି

## ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଜିଲା ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ମଞ୍ଚର କାର୍ଯ୍ୟକର୍ତ୍ତା

ବ୍ରହ୍ମପୁର,୨୫।୬
(ସ୍ୱାଧୀନ ଶେଖର ପାଢ଼ୀ)

ଓଡ଼ିଶା ସେବାନିବୃତ୍ତ କର୍ମଚାରୀ ଓ ବିକାଶ ମଞ୍ଚ ଗଞ୍ଜାମ ଜିଲା ଶାଖା କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ଗେଟ ବଜାରସ୍ଥିତ ଏନଜିଓ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି କାମରାଜୁ ମହାରଣାଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ ସଂପାଦକ ପ୍ରଦୀପ କୁମାର ସାହୁ ସଂପାଦକୀୟ ପାଠ କରିଥିଲେ। ଓଡିଶାର ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇ ଥିଲା। ରାଜ୍ୟର ବିଗତ ସରକାର ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବାରେ ଅବହେଳା କରି ମାନସିକ ଅସନ୍ତୁଳନ ସୃଷ୍ଟି କରିଯାଇଛନ୍ତି। ବିଶେଷ କରି ୭ମ ବେତନ କମିଶନଙ୍କ ଅବିକଳ ସୁପାରିଶ ଗ୍ରହଣ କରିବା, କରୋନା ସମୟରୁ ବାକି ରହିଯାଇଥିବା ୧୧ ମାସର ୧୮% ମହଙ୍ଗାଭତ୍ତା ପ୍ରଦାନ, ଅନ୍ୟ ରାଜ୍ୟ ଭଳି ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକ ମାନଙ୍କୁ ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନ ପ୍ରଭୃତି ଦାବି କରାଯାଇଛି। ଏହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ବଜେଟ ବୃଦ୍ଧି କରିବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ଦାବି ହୋଇଥିଲା। ରାଜ୍ୟ ସଂପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଯୋଗଦେଇ ରାଜ୍ୟ ସଙ୍ଗଠନର କାର୍ଯ୍ୟକ୍ରମ ଉପରେ ସୂଚନା ଦେଇ ଦାବି ହାସଲ ପାଇଁ ଦରକାର ପଡିଲେ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଥିଲେ। ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, ରଜନୀକାନ୍ତ ମଣ୍ଡଳ, ଧୋବା ଗୌଡ, ଅଶୋକ କୁମାର ଦଳାଇ ସୁବାଷ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସି ପକ୍ଷରୁ ଅଧାପନ୍ତରିଆ ରାସ୍ତା କାର୍ଯ୍ୟ ଆରମ୍ଭ



ଆରମ୍ଭ ହୋଇଥିବା ରାସ୍ତା କାର୍ଯ୍ୟ।

ବ୍ରହ୍ମପୁର,୨୫।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ୩୦ ନଂ ୱାର୍ଡ ଅନ୍ତର୍ଗତ ନେହେରୁ ନଗର ୪ର୍ଥ ଲେନ-୧ରେ କଂକ୍ରିଟ ରାସ୍ତା ଅଧାକରି ଛାଡି ଦେଇଥିବା ନେଇ ଗତ ୨୦ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବିଏମସି ତତ୍ପରତା ଦେଖାଇବା ସହ ମଙ୍ଗଳବାରଠାରୁ ଅଧପନ୍ତରିଆ ରାସ୍ତା କାର୍ଯ୍ୟ ଆରମ୍ଭ କରିଛି। ଦୀର୍ଘ ୪ ମାସ ଧରି ଉକ୍ତ ଅଞ୍ଚଳର ରାସ୍ତାଟି ଅସମ୍ପୂର୍ଣ୍ଣ ହୋଇ ରହିଥିଲା। ଏପରିକି ରାସ୍ତା ଅଧା ଖୋଳା ଯାଇ ମେଟାଲଗୁଡିକ ରାସ୍ତା ଉପରେ ପଡି ରହିଥିଲା। ଫଳରେ ଅଞ୍ଚଳ ବାସିନ୍ଦା ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତାରେ ପାଣି ଜମୁଥିଲା। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଏମସି ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଏଥିରେ ଅଞ୍ଚଳ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ତ୍ତମାନ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି।

# ଯୁବକଙ୍କ ସୁନାଚେନ, ମୁଦି ନେଇଗଲେ ସହଯାତ୍ରୀ

## ଘରୋଇ ବସ୍‌ରେ ନିଶା ଦେଇ ଲୁଟ

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ):

ଏକ ଘରୋଇ ବସରେ ଜଣେ ଯୁବକଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଜଣେ ସହଯାତ୍ରୀ ୩୩ ଗ୍ରାମ ସୁନା ଗହଣା ଲୁଟି ନେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଥିବା ଯୁବକ ଜଣକ କେ.ନୂଆଗାଁ ଥାନା ଚିକିଟି ପେଣ୍ଠ ଲୋକନାଥପୁରର ମନୋରଞ୍ଜନ ପାଢ଼ୀଙ୍କ ପୁଅ ସୁବ୍ରତ କୁମାର ପାଢ଼ୀ(୩୧)। ସେ ବର୍ତ୍ତମାନ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସୁବ୍ରତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାରେ ଏଚ୍‌ଆର ଭାବେ କାମ କରନ୍ତି। ମଧ୍ୟାହ୍ନ ପ୍ରାୟ ୧ଟାରେ ସେ ଖଣ୍ଡଗିରି ଛକରେ ବ୍ରହ୍ମପୁର ଯିବା ପାଇଁ ବସକୁ ଅପେକ୍ଷା କରିଥିଲେ। ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଘରୋଇ ବସରେ ସେ ଏବଂ ଅନ୍ୟ ଜଣେ ଯୁବକ ଚଢ଼ିଥିଲେ। ଉଭୟେ ପଛ ସିଟରେ ବସିଥିଲେ। ସୁବତ୍ର ତାଙ୍କ ନିକଟରେ ବସିଥିବା ସହଯାତ୍ରୀଙ୍କୁ ପଚାରିବାରୁ ତାଙ୍କ ନାମ ଦୀପକ ଓ ଘର ଜଗତସିଂହପୁର ଜିଲା ଏବଂ ବ୍ରହ୍ମପୁରରେ ଗ୍ରୀନ ଚିଲି ନାମକ ଏକ ଫାଷ୍ଟଫୁଡ ଦୋକାନରେ ରୋଷେୟା ଭାବେ କାମ କରୁଥିବା ସେ କହିଥିଲେ। କିଛି ସମୟରେ ପରେ ଦୀପକ ତାଙ୍କ ବ୍ୟାଗରେ ଧରିଥିବା ଦୁଇଟି ମୃଦୁ ପାନୀୟ ବାହାର କରି ଗୋଟିଏ ସେ ପିଇଥିଲେ ଓ ଅନ୍ୟଟି ସୁବ୍ରତଙ୍କୁ ପିଇବାକୁ ଦେଇଥିଲେ। ସୁବ୍ରତ ତାଙ୍କ ଉପରେ ସନ୍ଦେହ ନ କରି ମୃଦୁ ପାନୀୟ ପିଇଥିଲେ। କିଛି ସମୟ ପରେ ସେ ହଠାତ ଅଚେତ ହୋଇପଡ଼ିଥିଲେ।



ସୁବ୍ରତ କୁମାର ପାଢ଼ୀ

ବସଟି ବୈଦ୍ୟନାଥପୁର ଥାନା ନିକଟରେ ପହଞ୍ଚିବା ପରେ ଗାଡିର ଡ୍ରାଇଭର ତାଙ୍କୁ ଓହ୍ଲାଇବାକୁ କହିଥିଲେ। ସେତେବେଳେ ସେ ସାମାନ୍ୟ ଅଚେତ ଅବସ୍ଥାରେ ଥିଲେ। ତାଙ୍କ ଗାଡିଟି ବ୍ରହ୍ମପୁର ରେଳ ଷ୍ଟେଶନରେ ଥିବାବେଳେ ସେ ସେଠାକୁ ଯାଇ ଗାଡି ଧରି ବିଜିପୁର ଆସିଥିଲେ। ସେଠାରେ ସୁବ୍ରତ ତାଙ୍କ ମା' ବାପାଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ବୈଦ୍ୟନାଥପୁର ଥାନାକୁ ଆସି ଅଭିଯୋଗ କରିବା ବେଳେ ପୋଲିସ ତାଙ୍କୁ ଏମକେସିଜିକୁ ଚିକିତ୍ସା ପାଇଁ ପଠାଇଥିଲା। ମଙ୍ଗଳବାର ମଧ୍ୟାହ୍ନରେ ସେ ସୁସ୍ଥ ଅନୁଭବ କରିବା ପରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯୁବକ ଜଣଙ୍କ ବିଶ୍ୱାସ ଜନ୍ମାଇ ତାଙ୍କ ସହ ବନ୍ଧୁତା କରି ତାଙ୍କୁ ନିଶା ପାନୀୟ ଦେଇଥିଲେ। ମୁଁ ଅଚେତ ହେବା ପରେ ବେକରୁ ୧୮ ଗ୍ରାମର ସୁନା ଚେନ ଓ ୧୫ ଗ୍ରାମର ସୁନା ମୁଦି ସମ୍ପୃକ୍ତ ଯୁବକ ନେଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

ବ୍ରହ୍ମପୁର,୨୫।୬(ସ୍ୱାଧୀନ ଶେଖର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୬୮ ପ୍ରାଧ୍ୟାପକ ନିଯୁକ୍ତି ପାଇବା ପରେ ଏବେ କୁଳପତି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। କିଛିମାସ ପରେ ନୂଆ କୁଳପତି ନିଯୁକ୍ତି ପାଇବେ। କୁଳପତି ପଦ ନିମନ୍ତେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଜୁଲାଇ ୧୫ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜୁଲାଇ ୧୫ ତାରିଖ ସୁଦ୍ଧା ଆବେଦନ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। କୁଳପତି ମନୋନୟନ କମିଟି ଗଠିତ ହୋଇଛି। କମିଟି ୩ ଜଣ ଆବେଦନକାରୀଙ୍କ ନାମ ରାଜ୍ୟପାଳଙ୍କ ନିକଟକୁ ସୁପାରିଶ କରିବ। ସେହି ୩ଜଣଙ୍କ ମଧ୍ୟରୁ ରାଜ୍ୟପାଳ ଜଣକୁ କୁଳପତି ଭାବେ ନିଯୁକ୍ତି ଦେବେ। ବର୍ତ୍ତମାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ଅଛନ୍ତି। ଅନ୍ୟପକ୍ଷରେ, ୨ପ୍ରଫେସର ୫ ଆସୋସିଏଟ, ୬୧ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ଚଳିତ ଶିକ୍ଷା ବର୍ଷ ପାଇଁ ସମୁଦାୟ ୬୮ ପ୍ରାଧ୍ୟାପକ ନିଯୁକ୍ତି ପାଇଥିବା ବିଶ୍ୱବିଦ୍ୟାଳୟ ବିଭାଗ ନିଯୁକ୍ତି ତାଲିକା ଚିଠିରୁ ସୂଚନା ମିଳିଥିଲା। ଶିକ୍ଷକ,ପ୍ରାଧ୍ୟାପକ ଓ କୁଳପତି ନିଯୁକ୍ତି ପରେ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଦାନ ସ୍ୱାଭାବିକ ହେବ ବୋଲି ଆଶା ରହିଛି।

# ମଦ ବିକ୍ରି ଅଭିଯୋଗରେ ଯୁବତୀ ଗିରଫ

ବ୍ରହ୍ମପୁର,୨୫।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଅବକାରୀ ବିଭାଗ ମଙ୍ଗଳବାର ମଦ ବିକ୍ରି କରୁଥିବା ଜଣେ ଯୁବତୀଙ୍କୁ ଗିରଫ କରିଛି। ସେ ହେଲେ ସଖିନା ନାୟକ(୨୭) । ଟାଉନ ଥାନା ଅନ୍ତର୍ଗତ ଗେଟବଜାର ନିକଟରେ ସଖିନାଙ୍କ ଠାରୁ ଅବକାରୀ ବିଭାଗର ସଦର -୧ ପକ୍ଷରୁ ୧୬ ଲିଟର ଦେଶୀ ମଦ ଜବତ କରାଯାଇଛି। ମାମଲା ନମ୍ବର ୩୨/୨୪-୨୫ ରେ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମାବର୍ତ୍ତନ ଉତ୍ସବ

ବ୍ରହ୍ମପୁର,୨୫।୬(ସ୍ମୃତି ରଞ୍ଜନ ମହାଲିକ)

ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସଭାପତି ରାମ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ କୁମାର ମହାରଣା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଜଣେ ଉତ୍ତମ ନାଗରିକ ହୋଇ ଦେଶ ପାଇଁ ଉତ୍ସର୍ଗୀକୃତ ହେବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ପ୍ରଧାନଚାର୍ଯ୍ୟ ସୁନୀଲ କୁମାର ଗୌଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଶୁତୋଷ ସାହୁ, ତେଜେଶ୍ୱର ସେଠୀ, ଏ ଶୁଭମ ଦୋରା ଓ ଅଦିତୀ ଦଳାଇ ପ୍ରମୁଖ ନିଜ ନିଜର ଅନୁଭୂତି କହିଥିଲେ। ବିଦ୍ୟାଳୟର ସଂପାଦକ ଅନ୍ତର୍ଯ୍ୟାମୀ ଗୌଡ, ଉପସଭାପତି ସୁପ୍ରଭା ପାତ୍ର, ଯୁଗ୍ମ ସଂପାଦକ ଜି ଶ୍ରୀନିବାସ ଆଚାରୀ, କୋଷାଧ୍ୟକ୍ଷ କରୁଣାକର ପାଢ଼ି, ପ୍ରଧାନଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀଙ୍କ ସମେତ ଭଗବାନ ସେଠୀ, ସରୀତା କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ):

ଜୈନିକା ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଯୁବକଙ୍କୁ କରିଛି । ସେ ହେଲେ ଖୋଡ଼ାସିଙ୍ଗର ରାକେଶ କୁମାର ସେଠୀ ଓରଫ ଭିକି (୨୬)। ନାବାଳିକା ଓ ଅଭିଯୁକ୍ତଙ୍କ ମେଡିକାଲ ଟେଷ୍ଟ ହୋଇଥିଲା। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ଫେବୃୟାରୀ ମାସରେ ନାବାଳିକା(୧୨) ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ବେଳେ ଭିକି ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଜଣାପଡିଥିଲା। ପୋଲିସ ଭିକିଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ତାଙ୍କୁ କାବୁ କରିଥିଲା। ପୀଡ଼ିତାଙ୍କୁ ମଧ୍ୟ ସେଠାରୁ ଉଦ୍ଧାର କରିଥିଲା।

# ବଜରଙ୍ଗ ଦଳ ପକ୍ଷରୁ ସେବା ସପ୍ତାହ

ବ୍ରହ୍ମପୁର,୨୫।୬(ସ୍ମୃତି ରଞ୍ଜନ ମହାଲିକ)

ବଜରଙ୍ଗ ଦଳ ଜିଲା ଶାଖା ପକ୍ଷରୁ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଦଳ ପକ୍ଷରୁ ମଙ୍ଗଳବାର ନୀଳକଣ୍ଠେଶ୍ୱର ମନ୍ଦିର ଓ ଶ୍ମଶାନ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ସଂଯୋଜକ ବଳରାମ ମହାରଣା, ଭୈରବୀ ସାହୁ, ଶ୍ରୀକାନ୍ତ ସାହୁ, ବିଭାଗ ସମ୍ପାଦକ ଅରୁଣ ପ୍ରସାଦ ପାଢି, ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ ଶ୍ରୀନିବାସ ଆଚାରୀ, ମହାନଗର ସଂଯୋଜକ ନନ୍ଦ ସାହୁ, କେଦାର ପଣ୍ଡା, ହରି ପାତ୍ର ଓ କର୍ପୋରେଟର ଦୂର୍ଗା ପ୍ରସାଦ ପଣ୍ଡା ଏବଂ ବଜରଙ୍ଗ ଦଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନିଷ୍ଟ ବିଶ୍ୱବିଦ୍ୟାଳୟ ଏମ୍‌ବିଏ, ଏମ୍‌ସିଏ, ଏମ୍‌ଏସସି ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ଗୋପାଳପୁର,୨୫।୬
(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ପାଲୁରହିଲ ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ୨୦୨୨-୨୪ ଶିକ୍ଷା ବର୍ଷ ଏମ୍‌ବିଏ, ଏମ୍‌ସିଏ, ଏମ୍‌ଏସସି, ଓ ଏମ୍‌ଟେକ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ କୁଳପତି ଡ଼. ପି ରାଜେଶ କୁମାର, ସମ୍ମାନନୀୟ ଅତିଥି ଭାବେ ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ ଯୋଗ ଦେଇଥିଲେ। ଭାରପ୍ରାପ୍ତ କୁଳପତି ରାଜେଶ ଛାତ୍ରୀଛାତ୍ରଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ। ଜୀବନରେ ସବୁବେଳେ କିପରି ଖୁସିରେ ରହିବେ ସେନେଇ ଭାରପ୍ରାପ୍ତ କୁଳସଚିବ ଡ଼. ନାୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଡ଼. ରତ୍ନାକର ମିଶ୍ର, ବ୍ରଜ କିଶୋର ମିଶ୍ର, ଡ. ମଞ୍ଜୁଶ୍ରୀ ନାୟକ, ଡ଼. ଅମରନାଥ ପାଢ଼ୀ, ଡ. ଭାସ୍କର ଭୋଳ, ଡ. ସୀମାଞ୍ଚଳ ପାଣିଗ୍ରାହୀ, ଡ. ଦୁର୍ଯ୍ୟୋଧନ ସାହୁ, ଡ. ଏମ ରାଜେନ୍ଦ୍ର କୁମାର, ଡ଼. ରତିକାନ୍ତ ନାୟକ, ଡ଼. ପ୍ରଶାନ୍ତ କୁମାର ବେହେରା, ଡ଼. ମାନବେନ୍ଦ୍ର ପାତ୍ର, ଡ. ଲକ୍ଷ୍ମୀକାନ୍ତ ରାଜୁ ଓ ସନ୍ତୋଷ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷ ବର୍ଷର ଛାତ୍ରୀଛାତ୍ର ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଅଧ୍ୟାପିକାଅଧ୍ୟାପକମାନେ ମାର୍ଗଦର୍ଶନ କରିଥିବାରୁ କୃତଜ୍ଞତା ଜଣାଇଥିଲେ।

# ବିକଶିତ ରାଷ୍ଟ୍ରର ଅର୍ଥନୀତିକୁ ସୁଦୃଢ଼ କରିବାରେ ଭାରତୀୟଙ୍କ ଅବଦାନ ରହିଛି

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)

'ନଟ ମି ବଟ ୟୁ' ଯୁବଗୋଷ୍ଠୀ ହିଁ ଆସନ୍ତାକାଲିର ସମାଜକୁ ଆଗକୁ ନେବେ। ତେଣୁ ଯୁବ ବିଦ୍ୟାର୍ଥୀମାନେ ସମାଜିକ ମୂଲ୍ୟବୋଧ ବୁଝି ସମାଜକୁ ଅଗ୍ରସର କରିବା ଉଚିତ। ଦେଶର ଅଭିବୃଦ୍ଧି ଯୁବ ସମାଜ ଉପରେ ରହିଛି। ବିକଶିତ ରାଷ୍ଟ୍ରର ଅର୍ଥନୀତିକୁ ସୁଦୃଢ଼ କରିବାରେ ଭାରତୀୟଙ୍କ ଅବଦାନ ରହିଛି। ତେଣୁ ଭାରତ ବିଶ୍ୱଗୁରୁ ହେବାକୁ ହେଲେ ଯୁବଗୋଷ୍ଠୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବ୍ରହ୍ମପୁର କଲେଜ ଅଫ ନର୍ସିଂ ଅଡିଟୋରିୟମ ପରିସରରେ ଅନୁଷ୍ଠିତ ପ୍ରାଥମିକ ଉପଚାର ଓ ସଡ଼କ ନିରାପତ୍ତା ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ କହିଲେ ଯେ, ଆମେ ସମସ୍ତେ ଜନ୍ମ ହେଇଛେ କିଛି କାମ କରିବା ପାଇଁ। ତେଣୁ ସମାଜର ଆମେ ଗୋଟିଏ ଅଂଶ। ସମାଜ ସୁଦୃଢ଼ ହେଲେ ହିଁ ଆମେ ସୁଖୀ ରହିବା। ସମାଜ ପାଇଁ ଆମେ ଅଙ୍ଗାଙ୍ଗୀ ଭାବେ ଜଡିତ। ଯିଏ ଯେଉଁ ଜାଗାରେ ରହିଛେ ସମସ୍ତଙ୍କ କିଛି ନା କିଛି ସମାଜ ପାଇଁ କର୍ତ୍ତବ୍ୟ ରହିଛି। ତେଣୁ ଏନଏସଏସ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବି ପ୍ରାଧାନ୍ୟ ଦିଆଯାଉଛି। ତେଣୁ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଜାତୀୟ ସେବା ଯୋଜନା ଏକ ଶାଖା ହୋଇଯାଇଛି ବୋଲି ସେ କହିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା କର୍ମଶାଳାରେ ସମ୍ମାନନୀୟ ଅତିଥିଭାବେ ରାଜ୍ୟ ସେବା ଯୋଜନା ଶାଖାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଏନଏସଏସ ସଂଯୋଜକ ଜୟନ୍ତ କୁମାର ପଣ୍ଡା, ଏନଏସଏସ ଡିପିଓ ଗଣେଶ କୁମାର ସାହୁ ପ୍ରାଥମିକ ଉପଚାର ଓ ସଡ଼କ ନିରାପତ୍ତା ପ୍ରଶିକ୍ଷଣର ମହତ୍ତ୍ୱ ଓ କାର୍ଯ୍ୟକାରିତା ଉପରେ କହିଥିଲେ। ଠିକ ସମୟ ମଧ୍ୟରେ ପ୍ରାଥମିକ ଉପଚାର କରି କିଭଳି ବହୁମୂଲ୍ୟ ଜୀବନ ବଞ୍ଚାଇ ହେବ ସେ ଉପରେ ଅତିଥିମାନଙ୍କ ଦ୍ୱାରା ଆଲୋଚନା ହୋଇଥିଲା। ପ୍ରଶିକ୍ଷକ ମାନେ ବିଭିନ୍ନ ଗୁରୁତର ପରିସ୍ଥିତିରେ କିଭଳି ଉପଚାର କରିବେ ସେ ବିଷୟରେ ତାଲିମ ପ୍ରଦାନ କରଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ଼.ରାଜଲକ୍ଷ୍ମୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଛତ୍ରପୁର ମହିଳା ମହାବିଦ୍ୟାଳୟ, ଛତ୍ରପୁର ପିଏନୟୁଏ, ବ୍ରହ୍ମପୁର ସିଟି କଲେଜ, ମହାମାୟୀ ମହିଳା ମହାବିଦ୍ୟାଳୟ, ଏସବିଆର ସରକାରୀ ମହିଳା ମହାବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବିଜୁ ପଟ୍ଟନାୟକ ହୋମିଓପାଥିକ ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, କେଟିଏସ ଆଙ୍କୁଶପୁର ଓ କଲେଜ ଅଫ ନର୍ସିଂ ବ୍ରହ୍ମପୁର ସହ ସମୁଦାୟ ୧୧ଟି କଲେଜର ପ୍ରାୟ ୧୧୦ ଯୁବ ସେବକ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଏନଏସଏସ ପିଓ ପ୍ରିୟଦର୍ଶୀନି ସାହୁ ଓ ରଶ୍ମି ରାଏ ଧନ୍ୟବାଦ ଦେଇଥିଲେ।

## ନର୍ସିଂ କଲେଜରେ ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଅନ୍ୟମାନେ।



ପାର୍ଲାମେଣ୍ଟରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବ ଅବସରରେ ଓଡ଼ିଶାରୁ ନିର୍ବାଚିତ ଭାଜପାର ଏମ୍‌ପିମାନେ।

# ଇତିହାସର 'ଅଲିଭା କଳାଦାଗ' ଜରୁରିକାଳୀନ ପରିସ୍ଥିତି: ଭାଜପା

ଭୁବନେଶ୍ୱର,୨୫ା୬(ଅନିଲଦାସ)

ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ ଜୁନ୍ ୨୫ ମଧ୍ୟ ରାତ୍ରିରେ ଭାରତରେ ପ୍ରଥମଥର ପାଇଁ ଜରୁରୀକାଳିନ ପରିସ୍ଥିତି ଘୋଷଣା କରିଥିଲେ। ଏହାର ପ୍ରତିବାଦରେ ଭାଜପା ତରଫରୁ ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲାରେ "କଳା ଦିବସ" ପାଳନ କରାଯାଇଛି। ଭୁବନେଶ୍ୱର ସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ପାଳିତ କଳା ଦିବସରେ ଯୋଗ ଦେଇ ମୁଖ୍ୟ ଅତିଥି ତଥା ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର କହିଛନ୍ତି ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ କଂଗ୍ରେସ ବାରମ୍ବାର ହତ୍ୟା କରିବାକୁ ଚେଷ୍ଟା କରିଛି। ୪୯ ବର୍ଷ ପୂର୍ବେ କଂଗ୍ରେସ ପକ୍ଷରୁ ଲଗାଯାଇଥିବା ଜରୁରୀକାଳୀନ ପରସ୍ଥିତି ହେଉଛି ଏହାର ପ୍ରମୁଖ ଉଦାହରଣ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୧ ନିର୍ବାଚନରେ ସରକାରୀ କଳର ଅପବ୍ୟବହାର କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରାଜ ନାରାୟଣଙ୍କୁ ପରାସ୍ତ କରିଥିଲେ ବୋଲି ଉଲ୍ଲେଖ କରି ଆହ୍ଲାବାଦ ହାଇକୋର୍ଟ ତାଙ୍କ ସଭ୍ୟପଦ ନାକଚ କରିଥିଲେ। ଏହି ସମୟରେ ନିଜକୁ ପ୍ରଧାନମନ୍ତ୍ରୀ ପଦରେ ବେଆଇନ ଭାବେ କାର୍ଯ୍ୟ କରିବା ପାଇଁ ଗାନ୍ଧୀ ଅସାମ୍ବିଧାନିକ ଭାବେ ୩୫୨ ଧାରାର ପ୍ରୟୋଗ କରି ୧୯୭୫ରେ ଜରୁରିକାଳୀନ ପରିସ୍ଥିତ ଘୋଷଣା କରିଥିଲେ। ୨୧ ମାସ ଧରି କଂଗ୍ରେସ ସରକାର ଭାରତରେ ସ୍ୱେଚ୍ଛାଚାରୀ ଶାସନ ଚଳାଇ ସମ୍ବିଧାନର ମୁଖବନ୍ଧକୁ ପରିବର୍ତ୍ତନ କରିଦେଇଥିଲା। ଏହି ସମୟରେ ସମ୍ବିଧାନରେ ଉଲ୍ଲେଖ ଥିବା ବ୍ୟକ୍ତିର ସ୍ୱାଧୀନତା, ଗଣମାଧ୍ୟମର ସ୍ୱାଧୀନତା, ନ୍ୟାୟପାଳିକାର ସ୍ୱତନ୍ତ୍ରତା ସମେତ ମୌଳିକ ଅଧିକାରକୁ ହତ୍ୟା କରି ଅଗଣତାନ୍ତ୍ରିକ ଭାବେ ଶାସନ କ୍ଷମତାକୁ ଅକ୍ତିଆର କରିବାର ପ୍ରୟାସ କରାଯାଇଥିଲା। ବିଶେଷ ଭାବେ ଗଣମାଧ୍ୟମ ଓ ଛାତ୍ର ଆନ୍ଦୋଳନକୁ ଅଗଣତାନ୍ତ୍ରିକ ଭାବେ ଦମନ କରାଯାଇଥିଲା। ଏହି ଜରୁରୀକାଳିନ ପରିସ୍ଥିତିକୁ ବିରୋଧ କରୁଥିବା ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଣକଂଗ୍ରେସ ରାଜନୈତିକ ଦଳରନେତା, ସତ୍ୟାଗ୍ରହୀ, ବୁଦ୍ଧିଜୀବୀ ଏବଂ ଖବରଦାତାମାନଙ୍କୁ "ମିଶା ଆଇନ" ବଳରେ ଜୋର ଜବରଦସ୍ତ ଜେଲରେ ଭର୍ତ୍ତି କରାଯାଇଥିଲା। ଜୟପ୍ରକାଶ ନାରାୟଣଙ୍କ ସମେତ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ, ମୋରାଜୀ ଦେଶାଇ, ଜର୍ଜ ଫର୍ଣ୍ଣାଣ୍ଡେଜ, ଚୌଧୁରୀ ଚରଣ ସିଂହ, ବିଜୟା ରାଜେ ସିନ୍ଧିଆ, ଅଶ୍ୱିନୀ ଚୌବେ, ଅରୁଣ ଜେଟଲୀ ପ୍ରମୁଖ କାରାବରଣ କରିଥିଲେ। ସେହିପରି ଓଡିଶାରେ ମଧ୍ୟ ହରେକୃଷ୍ଣ ମହତାବ, ବିଜୁପଟ୍ଟନାୟକ, ନବକୃଷ୍ଣ ଚୌଧୁରୀ, ରବି ରାୟ ପ୍ରମୁଖଙ୍କ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ସତ୍ୟାଗ୍ରହୀ ଏବଂ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ର, ଯୁବ ଓ ରାଜନେତାଙ୍କୁ ଗିରଫ କରାଯାଇ ଜେଲରେ ଭର୍ତି କର ଦିଆଯାଇଥିଲା। ଦେଶର ନିର୍ଦ୍ଦିଷ୍ଟ ଗୋଟିଏ ପରିବାର ଶାସନ କ୍ଷମତାରେ ରହିବା ପାଇଁଦେଶର କୋଟି କୋଟି ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ଜଳାଞ୍ଜଳି ଦିଆଯାଇଥିଲା। ସ୍ୱାଧିନତା ପରବର୍ତ୍ତୀ ଭାରତ ବର୍ଷର ଇତିହାସରେ ଜରୁରୀକାଳିନ ପରିସ୍ଥିତ ଏକ "ଅଲିଭାତ୍ କଳାଦାଗ" ବୋଲି କୁଅଁର କହିଛନ୍ତି।

ଏହି ସମୟରେ କାରବରଣ କରିଥିବା ବିମ୍ବାଧର କୁଅଁର, ଭୁବନାନନ୍ଦ ତ୍ରିପାଠୀ, ଶ୍ରୀଧର ଦାସ, ଗୁରୁଚରଣ ଜେନା,ହରିହର ସାହୁ, ପ୍ରାଣବନ୍ଧୁ ସେନାପତି, ବିନାୟକ ସେନାପତି, ନିର୍ମଳ ଚନ୍ଦ୍ର ଜେନା, ଧୃବଚରଣ ଦଳାଇ,ପ୍ରଫୁଲ୍ଲ କୁମାର ସାହୁ, ଶଚ୍ଚିଦାନନ୍ଦ ଦଲାଲ, ଭବାନିଶଙ୍କର ଦାସ ଓ ସୁରେନ୍ଦ୍ର ନାୟକଙ୍କୁ ରାଜ୍ୟ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଶେଷରେ ଜିଲା ସମ୍ପାଦକ ରାଜେନ୍ଦ୍ର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅଭିଯୋଗ ଶୁଣି ଦେଲେ ତତ୍କ୍ଷଣାତ ନିର୍ଦ୍ଦେଶ

ଭୁବନେଶ୍ୱର,୨୫ା୬(ଅନିଲ ଦାସ)

■କଟକ ଖ୍ରୀଷ୍ଟ କଲିଜିଏଟ ସ୍କୁଲର ଶିକ୍ଷକଙ୍କ ସମସ୍ୟାର ସମାଧାନ ହେଲା

■ଅସୁସ୍ଥ ଉର୍ମିଳା, ଦୃଷ୍ଟିବାଧିତ ସ୍କୁଲ ଶିକ୍ଷକ ମୁଖ୍ୟମନ୍ତ୍ରୀଙ୍କ ଭରସା ପାଇ ଖୁସି ମନରେ ଫେରିଲେ



ସମସ୍ୟା କହୁଥିବାବେଳେ ଅସୁସ୍ଥ ହୋଇପଡ଼ିଥିବା ଉର୍ମିଳାଙ୍କୁ ମୁଖ୍ୟମନ୍ତ୍ରୀ ପାଣି ପିଆଉଛନ୍ତି।

ସବୁଦିନ ପରି ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ରାଜ୍ୟ ଅତିଥି ଭବନ ପରିସରରେ ପ୍ରାୟ ୧ ହଜାର ଲୋକଙ୍କ ସମାଗମ ହୋଇଥିଲା। ସମସ୍ତେ ଅପେକ୍ଷା କରିଥିଲେ ମୁଖ୍ୟମନ୍ତ୍ରୀ ସେମାନଙ୍କ ସମସ୍ୟା ଶୁଣିବେ ଓ ଅଭିଯୋଗପତ୍ର ଗ୍ରହଣ କରିବେ। ସକାଳର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ପରେ ମଧ୍ୟାହ୍ନଠାରୁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଇଁ ସମୟ ରଖିଥିଲେ। ଲୋକମାନେ ମଧ୍ୟ ଧାଡ଼ିବାନ୍ଧି ଶୃଙ୍ଖଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅପେକ୍ଷା କରି ରହିଥିଲେ। ମୁଖ୍ୟମନ୍ତ୍ରୀ ନିଜେ ଆସି ଜଣ ଜଣ କରି ଲୋକଙ୍କ ସମସ୍ୟା ଶୁଣିଥିଲେ ଓ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସମସ୍ତଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଶୁଣୁଥିଲେ। ଲୋକଙ୍କ ମଧ୍ୟରୁ ନୟାଗଡ଼ରୁ ଆସିଥିବା ଉର୍ମିଳା ସାହୁ ନିଜ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ କହିଲା ବେଳେ ଭାବବିହ୍ୱଳ ହୋଇ ଅସୁସ୍ଥ ଅନୁଭବ କଲେ। ମୁଖ୍ୟମନ୍ତ୍ରୀ ସଙ୍ଗେ ସଙ୍ଗେ ନିଜ ହାତରେ ତାଙ୍କୁ ପାଣି ପିଆଇଲେ। ଦୃଷ୍ଟିବାଧିତ ବିଦ୍ୟାଳୟର କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକମାନେ ମଧ୍ୟ ଆସିଥିଲେ ସେମାନଙ୍କ ସମସ୍ୟା ନେଇ। ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥା ହୋଇ ଯଥାଶୀଘ୍ର ତାଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସାଧାରଣ ଲୋକଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆତ୍ମୀୟତାଭରା ବ୍ୟବହାର ଦେଖି ଉର୍ମିଳା ଏବଂ ଦୃଷ୍ଟିବାଧିତ ବିଦ୍ୟାଳୟର ଶିକ୍ଷକମାନଙ୍କ ଆଖିରୁ ଆନନ୍ଦାଶ୍ରୁ ବୋହି ଯାଇଥିଲା। ସାଧାରଣ ଲୋକଙ୍କ ସହିତ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ, ଦିବ୍ୟାଙ୍ଗ ଆଦି ସବୁ ବର୍ଗର ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ ଏବଂ ଅଭିଯୋଗପତ୍ର ମଧ୍ୟ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇ ସମସ୍ତଙ୍କ ମୁହଁରେ ଆଶା, ଭରସା ଓ ବିଶ୍ୱାସର ଝଲକ ଦେଖିବାକୁ ମିଳିଥିଲା। କଟକ ଖ୍ରୀଷ୍ଟ କଲିଜିଏଟ ସ୍କୁଲର ଶିକ୍ଷୟିତ୍ରୀମାନେ ୩ ମାସ ହେଲା ଦରମା ପାଉ ନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନ ଥିବାରୁ ସେମାନେ ଦରମା ପାଇପାରୁ ନ ଥିଲେ। ସେମାନଙ୍କ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀ ଅବଗତ ହେବା ପରେ ସମାଧାନ ପାଇଁ ସଙ୍ଗେ ସଙ୍ଗେ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୁବ୍‌ଶୀଘ୍ର ବରିଷ୍ଠତା ଭିତ୍ତିରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ମିଳିବ ଓ ସେମାନଙ୍କର ଦରମା ମଧ୍ୟ ନିୟମିତ ହେବ। ଏଥିପାଇଁ ଶିକ୍ଷୟିତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମୁନା ଭାଇ ଏମ୍‌ବିବିଏସ୍ ଭଳି କାର୍ଯ୍ୟ କର: ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ

କଟକ,୨୫ା୬
(ଶିଲ୍ପା ପ୍ରିୟଦର୍ଶିନୀ)



ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝୁଛନ୍ତି।

ମେଡିକାଲରେ ସମସ୍ତ ଡାକ୍ତର ମୁନା ଭାଇ ଏମ୍‌ବିବିଏସ୍ ଭଳି କାର୍ଯ୍ୟ କରିବା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିଦର୍ଶନ କରିବା ଅବସରରେ ସେ କହିଛନ୍ତି, ପ୍ରଥମେ ଚିକିତ୍ସା ପରେ ଫର୍ମ ପୂରଣ ଦିଗରେ ଗୁରୁତ୍ୱ ଦିଆଯାଉ। ରୋଗୀଙ୍କୁ ନିଜର ଭାବି ଚିକିତ୍ସା କଲେ ସେମାନେ ନିଜ ସମସ୍ୟା ସମ୍ପର୍କରେ ଠିକ୍ ଭାବେ ଜଣାଇପାରିବେ। ମନ୍ତ୍ରୀ କହିଛନ୍ତି, ଉତ୍ତମ ସ୍ୱାସ୍ଥ୍ୟସେବା ନେଇ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ। ମୁଖ୍ୟତଃ କଟକ ବଡ଼ ଡାକ୍ତରଖାନା ଏଥିରେ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ, ତାହା ଏହି ସରକାରଙ୍କ ଗୁରୁଦାୟିତ୍ୱ ରହିଛି। ମେଡିକାଲରେ ପେପରଲେସ୍ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନିଆଯିବ। ଏନେଇ ଆଇଟି ବିଭାଗ ସହ ଆଲୋଚନା କରାଯାଇଛି, ଯେଉଁଥିରେ ରୋଗୀଙ୍କ ନାମ ଥରେ ପଞ୍ଜୀକୃତ ହେଲେ ସେଥିରେ ସମସ୍ତ ତଥ୍ୟ ଡାକ୍ତରଙ୍କ ପାଖରେ ରହିବ। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ବଡ଼ ଡାକ୍ତରଖାନାରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏବେ ଡିପ୍‌ଥେରିଆ ରୋଗ ନେଇ ସମୀକ୍ଷା କରାଯାଉଛି। କୋରାପୁଟ, ରାୟଗଡ଼ା ଓ କଳାହାଣ୍ଡି ଅଞ୍ଚଳରେ ଗତ ୧୦ ଦିନ ମଧ୍ୟରେ କେହି ରୋଗୀ ଚିହ୍ନଟ ହୋଇନାହାନ୍ତି। ସ୍ଥିତି ଏବେ ଆୟତ୍ତରେ ରହିଛି। ଏହାସହ ସମ୍ବଲପୁର ଅଞ୍ଚଳରେ ଜଣ୍ଡିସ ବ୍ୟାପିବା ନେଇ ସମୀକ୍ଷା କରାଯାଇଛି। ସ୍ୱଚ୍ଛ ଜଳ ଯୋଗାଣ ପାଇଁ ୱାଟ୍‌କୋ ବିଭାଗକୁ ଅବଗତ କରାଯାଇଛି। ଲୋକମାନେ କିପରି ସ୍ୱଚ୍ଛ ପାଣି ପାଇବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ମହାଲିଙ୍ଗ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ମେଡିକାଲରେ ପହଞ୍ଚି ପ୍ରଥମେ ସର୍ଜରି ବିଭାଗ ବୁଲି ଦେଖିଥିଲେ। ଏହି ସମୟରେ ଚିକିତ୍ସିତ ହେଉଥିବା ଭଦ୍ରକ ଅଞ୍ଚଳର ଫରିଦା ଖାତୁନଙ୍କୁ ଭେଟିଥିଲେ। ଏଠାରେ ଔଷଧ ମିଳୁଛି କି ନାହିଁ, ଡାକ୍ତର ଦେଖୁଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରିଥିଲେ। ସେହିପରି ଚିକିତ୍ସିତ ହେଉଥିବା କେନ୍ଦୁଝର ଅଞ୍ଚଳର ଦ୍ରୌପଦୀ ନାୟକଙ୍କ ସମ୍ପର୍କୀୟଙ୍କୁ କୌଣସି ବ୍ୟକ୍ତି ପରୀକ୍ଷାନିରୀକ୍ଷା ପାଇଁ ଟଙ୍କା ମାଗୁଛନ୍ତି କି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପଚାରିଥିଲେ।

ପରେ ସର୍ଜରି ବିଭାଗରେ ଥିବା ଛାତ୍ର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଯୋଗଦେଇଥିଲେ। ଡାକ୍ତରୀ ସଂଘ ସଦସ୍ୟଙ୍କ ସହ ସାକ୍ଷାତ୍ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏସ୍‌ସିବି ମେଡିକାଲ ପରିସରରେ ଥିବା ହଷ୍ଟେଲ, ରାସ୍ତା, ବିଦ୍ୟୁତ୍ ଭଳି ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଡାକ୍ତରୀ ଛାତ୍ରୀଛାତ୍ର ଅବଗତ କରାଇଥିଲେ।

ମନ୍ତ୍ରୀଙ୍କ ଗସ୍ତ ବେଳେ ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ଡା. ପ୍ରସେନ୍‌ଜିତ୍ ମହାନ୍ତି, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଫେସର ଡା. ଜୟନ୍ତ ବିଶ୍ୱାଳ ଓ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତରଖାନାର ସମ୍ପ୍ରସାରଣ କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ସେମାନଙ୍କ ସହ ଆଲୋଚନା କରିଥିଲେ।

# ଟିମ୍‌ୱାର୍କ ଉପରେ ଫୋକସ୍ କରନ୍ତୁ ଅଧିକାରୀ

ଭୁବନେଶ୍ୱର,୨୫ା୬(ଅସମାପିକା ସାହୁ)

**କ୍ଷେତ୍ର ପରିଦର୍ଶନ କରିବାକୁ ନଗର ଉନ୍ନୟନ ମନ୍ତ୍ରୀଙ୍କ ପରାମର୍ଶ**

ସହରାଞ୍ଚଳର ଲୋକଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବା ପାଇଁ ଅଧିକାରୀମାନେ 'ଟିମ୍‌ୱାର୍କ' କରିବାକୁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ମଙ୍ଗଳବାର ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ସହରାଞ୍ଚଳ ପ୍ରଶାସନର ପ୍ରାଥମିକତା ନେଇ ପୌର ଅଧିକାରୀମାନଙ୍କ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ମନ୍ତ୍ରୀ ପୌରସଂସ୍ଥାରେ ବ୍ୟାପକ ପରିମାଣରେ ବୃକ୍ଷରୋପଣ କରିବା ସହିତ ସ୍ୱଚ୍ଛ ଭାରତ ଅଭିଯାନର ଆଭିମୁଖ୍ୟ ଅନୁଯାୟୀ ରାସ୍ତାଘାଟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ସେହିଭଳି ସହରାଞ୍ଚଳ ବିଶେଷକରି ଚିକିତ୍ସାଳୟରୁ ବାହାରୁଥିବା ବର୍ଜ୍ୟଗୁଡ଼ିକ ଜଳଉତ୍ସକୁ ଦୂଷିତ କରୁଥିବାରୁ ଏଦିଗରେ ପଦକ୍ଷେପ ଗ୍ରହଣ ପାଇଁ କହିଛନ୍ତି। ବିଭାଗୀୟ ଅଧିକାରୀମାନେ ଦପ୍ତରରେ ବସି ନ ରହି କ୍ଷେତ୍ର ଗସ୍ତରେ ଯିବାକୁ ମନ୍ତ୍ରୀ ପରାମର୍ଶ ଦେବା ସହିତ ପ୍ରତ୍ୟେକ ଦିନ ଅତିକମ୍‌ରେ ତିନି ଚାରି ଘଣ୍ଟା ୱାର୍ଡ ପରିଦର୍ଶନ ପାଇଁ କହିଛନ୍ତି।

ସେହିଭଳି ସହରାଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ରକ୍ଷଣାବେକ୍ଷଣ ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥା ଓ ଠିକାଦାରମାନେ କରିବା ଉପରେ ମନ୍ତ୍ରୀ ଜୋର ଦେଇଛନ୍ତି। ଏମାନେ ଅତିକମ୍‌ରେ ତିନି ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବେ। ଯଦି ଏଥିରେ କେହି ଖିଲାପ କରନ୍ତି, ତେବେ ସେମାନଙ୍କ ବିରୋଧରେ ଫୌଜଦାରି ମୋକଦ୍ଦମା ରୁଜୁ କରାଯିବ ବୋଲି ମନ୍ତ୍ରୀ ଚେତାଇ ଦେଇଛନ୍ତି। ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟଶାସନ ସଚିବ ଜି. ମାଥିଭାଥନନ ରାଜ୍ୟରେ ସହରାଞ୍ଚଳ ବିକାଶ ନେଇ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ସରକାର ସହରୀ ବିକାଶ ନିମନ୍ତେ ଯେଉଁ କାର୍ଯ୍ୟକ୍ରମ ସ୍ଥିର କରିବେ, ସେଥିପାଇଁ 'ଟିମ୍ ଅର୍ବାନ' ପ୍ରସ୍ତୁତ ଥିବା ସେ କହିଥିଲେ। କୌଣସି ସହରରେ ନୂଆ ବର୍ଜ୍ୟ ଜମା କରିବାକୁ ଅନୁମତି ମିଳିବ ନାହିଁ। ପ୍ରତ୍ୟେକ ସହର ବର୍ଜ୍ୟମୁକ୍ତ ହେବା ପାଇଁ ଉଦ୍ୟମ କରାଯିବ। ବର୍ଷାଋତୁରେ ଡ୍ରେନ୍‌ରେ ଦୁର୍ଘଟଣା ପ୍ରତି ସତର୍କ ରହିବାକୁ କୁହାଯାଇଛି। ଯେଉଁଠାରେ ସ୍ଲାବ ପକାଯାଇ ପାରୁନାହିଁ ସେ ସବୁ ସ୍ଥାନରେ ବାଡ଼ ବୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଭାଗ ତରଫରୁ ପ୍ରତ୍ୟେକ ପୌରସଂସ୍ଥାକୁ ମାର୍ଗଦର୍ଶିକା ପଠାଯାଇଛି। ଯଦି କୌଣସି ସ୍ଥାନରେ ଦୁର୍ଘଟଣା ଘଟେ, ତେବେ ସେହି ସ୍ଥାନ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ଦାୟୀ କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଏହି ପ୍ରଶିକ୍ଷଣ କର୍ମଶାଳାରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ସୁଡାର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡା ପ୍ରମୁଖ ବରିଷ୍ଠ ପଦାଧିକାରୀ କର୍ମଶାଳାରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

## ଟ୍ୱିନ୍ ସିଟି ହେବ ଟ୍ରିପଲ୍ ସିଟି

ଟ୍ୱିନ୍ ସିଟି ହେବ ଟ୍ରିପଲ୍ ସିଟି । କଟକ–ଭୁବନେଶ୍ୱର ସହିତ ପୁରୀ ଯୋଡ଼ିହେବ। ପୁରୀକୁ ଭବିଷ୍ୟତରେ ମେଟ୍ରୋ କରାଯାଇପାରେ। ସହରର ଆକାର ବଢ଼ିବ। ଏହାଦ୍ୱାରା ଗମନାଗମନ ସୁବିଧା ସହ ଅର୍ଥନୈତିକ ଅଭିବୃଦ୍ଧି ହେବ। ଯଦି ଆମେ ତ୍ରୈତ୍ୟନଗରୀ ସହ ପୁରୀକୁ ଯୋଡ଼ିବା, ତା'ହେଲେ ତାହା ବିଶ୍ୱରେ ୧ ନମ୍ବର ହୋଇପାରିବ। ସେହିଭଳି ସିଟି ପାଇଁ ପରିକଳ୍ପନା କରାଯାଉଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅଖିଳ ଭାରତୀୟ ଅଘ୍ରିଆ ସମାଜ ପ୍ରତିନିଧି

ଭୁବନେଶ୍ୱର,୨୫ା୬
(ଅନିଲ ଦାସ)

**ଜାଗା ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ**

ଅଖିଳ ଭାରତୀୟ ଅଘ୍ରିଆ ସମାଜର ପ୍ରତିନିଧିମାନେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ ତାଙ୍କ ସମାଜର ବିଭିନ୍ନ କର୍ମକର୍ତ୍ତା ଓ ବ୍ୟକ୍ତିବିଶେଷ ଅନେକ କାମରେ ରାଜଧାନୀକୁ ଆସିଥାନ୍ତି। ଏଥିପାଇଁ ସେମାନଙ୍କୁ ଭୁବନେଶ୍ୱରରେ ଏକ ଜାଗା ଆବଶ୍ୟକ । ପୂର୍ବ ସରକାର ଏଥିପାଇଁ ବ୍ୟବସ୍ଥା କରିଥିବା ବିଷୟରେ ସୂଚନା ଦେଇଥିଲେ। ଏ ପର୍ଯ୍ୟନ୍ତ ସେମାନେ କୌଣସି ଜାଗା ପାଇନାହାନ୍ତି। ଏଥିପାଇଁ ବ୍ୟବସ୍ଥା କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମାନଙ୍କ ସମସ୍ୟା ବିଷୟରେ ଅନୁଧ୍ୟାନ କରାଯାଇ ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ। ଆଶ୍ୱାସନା ପାଇବା ପରେ ଅଘ୍ରିଆ ସମାଜ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି । ଏହି ଆଲୋଚନାରେ ଅଘ୍ରିଆ ସମାଜ ପକ୍ଷରୁ ପ୍ରାୟ ୫୦ରୁ ଅଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ। ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ଦେବଗଡ଼ ଆଦି ବିଭିନ୍ନ ଜିଲାରୁ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି।

## ଅନ୍ୟାନ୍ୟ ଖବର

# ଆଇନର କଡ଼ାକଡ଼ି ପ୍ରୟୋଗ ହେବା ଦରକାର

**ଆଜି ନିଷିଦ୍ଧ ଔଷଧ ଦିବସ**



'ନିଷିଦ୍ଧ ଡ୍ରଗ' ବିଷୟରେ ଆମେ ପ୍ରାୟ ସମସ୍ତେ ଅଳ୍ପ ବହୁତେ ଅବଗତ ଅଛନ୍ତି। କେତେଗୁଡ଼ିଏ ନିଶା କରାଉଥିବା, ଯନ୍ତ୍ରଣା ଲାଘବ କରାଉଥିବା, ମସ୍ତିଷ୍କକୁ ଉତ୍ତେଜିତ କରାଉଥିବା, ଅତ୍ୟଧିକ ଆନନ୍ଦ ସୃଷ୍ଟି କରୁଥିବା ସହିତ ବ୍ୟବହାରକାରୀମାନଙ୍କୁ ଏକ ପ୍ରକାର ଉନ୍ମାଦନା ଓ ମିଛ ସନ୍ତୁଷ୍ଟି ପ୍ରଦାନ କରୁଥିବା ପଦାର୍ଥମାନ ଭଲ ଜଣାପଡୁଥିଲେ ମଧ୍ୟ ଏସବୁ ଶରୀର, ପରିବାର, ସମାଜ ତଥା ଦେଶମାନଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହୋଇଛି। ଏସବୁର ମାତ୍ରାଧିକ ଚୋରାଚାଲାଣ ଆନ୍ତର୍ଜାତିକ କ୍ଷେତ୍ରରେ ଏକ ସମାନ୍ତରାଳ ଅର୍ଥନୀତି, ଯୁଦ୍ଧର ଘନଘଟା, ଅନୈତିକ ବେପାର, ଅପରାଧ ଦୁନିଆ ଓ ପ୍ରକାରାନ୍ତରେ ମାନବ ସମାଜ ପାଇଁ ଗୁରୁତର ସଙ୍କଟ ସୃଷ୍ଟି କରିଛି।

ମାତ୍ରାଧିକ କୋକେନ୍, ଅଫିମ, ଚରସ୍ ଏବଂ ମାରି ଜୁଆନା ଇତ୍ୟାଦି କେବଳ ବ୍ୟବହାରକାରୀମାନଙ୍କୁ ବିପଥଗାମୀ କରିନାହିଁ, ଯୁଦ୍ଧର ପ୍ରମୁଖ କାରଣ ମଧ୍ୟ ହୋଇଛି। ଏହାଦ୍ୱାରା ଦେଶମାନେ ବରବାଦ ହୋଇଯାଇଛନ୍ତି ଏବଂ ହେଉଛନ୍ତି ମଧ୍ୟ।

ଏଥିପାଇଁ ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ 'ଅନ୍ତର୍ଜାତୀୟ ନିଷିଦ୍ଧ ଔଷଧ ଅପବ୍ୟବହାର ଓ ଏହାର ଚୋରାଚାଲାଣ ଦିବସ' ବା 'ନିଷିଦ୍ଧ ଔଷଧ ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି, 'ତଥ୍ୟ ପ୍ରମାଣ ପ୍ରାଞ୍ଜଳ ଅଟେ : ଏହାର ପ୍ରତିଷେଧକ ପାଇଁ ଅର୍ଥ ବିନିଯୋଗ ଜରୁରୀ'। ନିଷିଦ୍ଧ ଔଷଧ ପ୍ରସାର ଏବଂ ବ୍ୟବହାର ବନ୍ଦ ପାଇଁ ଜନସାଧାରଣ ଓ ବ୍ୟବହାରକାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଏଥିପାଇଁ ପ୍ରଣୟନ କରାଯାଇଥିବା ୧୯୮୫ ମସିହାର ନାର୍କୋଟିକ୍ ଡ୍ରଗ୍‌ସ ଆଣ୍ଡ ସାଇକୋଟପିକ ସବ୍‌ଷ୍ଟାନ୍ସ ଆକ୍ଟ–୧୯୮୫ (ଏନ୍‌ଡିପିଏସ୍)ରେ ଏହିସବୁ ନିଷିଦ୍ଧ ପଦାର୍ଥର ଉତ୍ପାଦନ, ଚାଷ, ମହଜୁଦ, ବିକ୍ରି କରିବା, କ୍ରୟ, ଚାଲାଣ ଓ ବ୍ୟବହାର କରିବାକୁ ଅପରାଧ ରୂପେ ବିବେଚନା କରାଯାଇ ସେଥିପାଇଁ ଉପଯୁକ୍ତ ଦଣ୍ଡବିଧାନ କରାଯାଇଛି। ଏହି ଦଣ୍ଡ ଅନୁସାରେ ସଂପୃକ୍ତ ବ୍ୟକ୍ତିଙ୍କୁ ୨୦ ବର୍ଷ କାରାବାସ ମଧ୍ୟ ହୋଇପାରେ। ଉଲ୍ଲେଖଯୋଗ୍ୟ, ଏହି କଠୋର ଆଇନ୍‌କୁ ଗୁରୁତ୍ୱ ଦୃଷ୍ଟିରୁ ୧୯୮୮, ୨୦୦୧, ୨୦୧୪ ଏବଂ ୨୦୨୧ରେ ସଂଶୋଧନ କରାଯାଇ ଅଧିକ ଦଣ୍ଡର ବ୍ୟବସ୍ଥା କରାଯାଇଛି। ଏହିପରି ଦୃଢ଼ ଆଇନ୍ ଥିଲେ ମଧ୍ୟ ପ୍ରଚଳିତ ଆଇନ୍‌ର ଫଳରେ ଅପରାଧୀମାନେ ସହଜରେ ଖସିଯାଇ ପୁଣି ଥରେ ସେମାନଙ୍କର ବ୍ୟବସାୟରେ ଲାଗିଯାଉଛନ୍ତି।

ଏହି ନିଷିଦ୍ଧ ପଦାର୍ଥମାନ ମୁଖ୍ୟତଃ କୋକା, ଅଫିମ, ଗଞ୍ଜେଇ, ଇକ୍‌ଷୋନିସରୁ ପ୍ରସ୍ତୁତ ଦ୍ରବ୍ୟ। ଏହା ଏଲଏସଡି, ହେରୋଇନ୍, କୋକେନ୍ ଇତ୍ୟାଦି ଅଟନ୍ତି। କେତେକ ମାନସିକ ରୋଗ ପାଇଁ ଉଦ୍ଦିଷ୍ଟ ଔଷଧ ଯଥା–ନିଦ ପାଇଁ, ବିଷାଦ ପାଇଁ, ଅବସାଦ ପାଇଁ ବ୍ୟବହାର କରାଯାଉଥିବା ଔଷଧ ମଧ୍ୟ ଅଟନ୍ତି। ଏହା ସହିତ ମର୍ଫିନ୍, ଫେଣ୍ଟାନିଲ୍, ମେଥାଡନ୍, ନାଇଟ୍ରାଜେପାସ ଇତ୍ୟାଦି ମଧ୍ୟ ପ୍ରମୁଖ ଅଟନ୍ତି।

ସାରା ପୃଥିବୀରେ ଏସବୁର ବହୁଳ ଦୁରୁପଯୋଗ କରାଯାଉଥିବାରୁ ବିଶେଷତଃ ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି। ଅନେକ ଦେଶରେ ଅଫିମ ପ୍ରବଳ ପରିମାଣରେ ଚାଷ କରାଯାଉଛି। ଆମ ରାଜ୍ୟରେ ମଧ୍ୟ ଅନେକ ସ୍ଥାନରେ ଗଞ୍ଜେଇ ଚାଷ କରାଯାଉଛି। କଲମ୍ବିଆ, ପେରୁ, ଇକ୍ୱେଡର, ଅଷ୍ଟ୍ରେଲିଆ, ମେକ୍‌ସିକୋ ଆଦି ଦେଶରେ କୋକେନ ଚାଷ ବହୁଳ ଭାବରେ କରାଯାଉଛି। ବିଶ୍ୱର ୬୦ ପ୍ରତିଶତ କୋକେନ୍ କଲମ୍ବିଆରୁ ହିଁ ମିଳିଥାଏ।

ଯେହେତୁ ଏସବୁ ପଦାର୍ଥର ମାରାତ୍ମକ ଦିଗକୁ ଦୃଷ୍ଟିରେ ରଖି ଏଥିପାଇଁ କଠୋର ଆଇନ୍ ପ୍ରଣୟନ ହୋଇଛି, ସେହି ଦୃଷ୍ଟିରୁ ଏହି ଆଇନ୍ କଡ଼ାକଡ଼ି ଭାବରେ ପାଳନ କରାଯିବା ଦରକାର। ସେଥିପାଇଁ କିପରି ଏସବୁର ଉତ୍ପାଦନ, ଚାଲାଣ ଏବଂ ବିତରଣ ତଥା ପ୍ରସାର ନ ହୋଇପାରିବ ସେ ନେଇ ଦୃଢ଼ ପଦକ୍ଷେପ ନିଆଯିବା ଦରକାର।

**–ଡା. ରାମଚନ୍ଦ୍ର ରାଉତ,**
ମାନସିକ ରୋଗ ତାଲିମପ୍ରାପ୍ତ ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୮୨୪୯୦୮୭୯୯୫

# ସର୍ବୋଚ୍ଚସ୍ତରରେ ସେନ୍ସେକ୍ସ

## ୨୪,୦୦୦ ଅଙ୍କ ନିକଟବର୍ତ୍ତୀ ନିଫ୍ଟି



ନୂଆଦିଲ୍ଲୀ,୨୫।୬(ଅଭୟ ଦାଶ)

ଚଳିତ ସାଧାରଣ ନିର୍ବାଚନ ଫଳାଫଳ ପରେ ଘରୋଇ ଶେୟାର ବଜାର କାରବାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏପରିକି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍ଇ ସେନ୍ସେକ୍ସ ଅଲ୍ ଟାଇମ ହାଇ ବା ସର୍ବୋଚ୍ଚ ସ୍ତର (୭୮,୧୬୪.୭୧ଅଙ୍କ) ରେ ପହଞ୍ଚିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ବା ଏନ୍ଏସ୍ଇ ନିଫ୍ଟର କାରବାର ମଧ୍ୟ ନୂତନ ରେକର୍ଡ ସହ ୨୪,୦୦୦ (୨୩,୭୫୪.୧୫) ଅଙ୍କର ନିକଟବର୍ତ୍ତୀ ହୋଇଛି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ବିଏସ୍ଇ ସେନ୍ସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲାବେଳେ ପ୍ରାରମ୍ଭରେ ସେନ୍ସେକ୍ସ ଅଲ୍ ଟାଇମ ହାଇ ୭୮,୧୬୪.୭୧ଅଙ୍କରେ ପହଞ୍ଚିଥିଲାବେଳେ ୭୮,୦୫୩.୫୨ ଅଙ୍କରେ କାରବାର ଶେଷ କରିଥିଲା। ଏପରିକି ଏନ୍ଏସ୍ଇ ନିଫ୍ଟି୫୦ର କାରବାର ପ୍ରାରମ୍ଭରେ ପ୍ରାୟ ୨୪,୦୦୦ (୨୩,୭୫୪.୧୫) ଅଙ୍କ ଛୁଇଁଥିଲାବେଳେ ଶେଷ ବେଳକୁ ୨୩,୭୨୧.୩୦ଅଙ୍କରେ କାରବାର ବନ୍ଦ କରିଥିଲା।

ସେହିଭଳି ବିଏସ୍ଇ ସେନ୍ସେକ୍ସ ୦.୯୨% ବୃଦ୍ଧି ଘଟିଥିବାବେଳେ ଏସ୍ଏନ୍ଇ ନିଫ୍ଟି ୫୦ରେ ୦.୬୮% ବୃଦ୍ଧି ହୋଇଛି। ଏପରିକି ବିଏସ୍ଇ ସ୍ମଲକ୍ୟାପ ୦.୧୨% ଏବଂ ବିଏସ୍ଇ ମିଡ୍କ୍ୟାପ ୦.୦୩% ବୃଦ୍ଧି ପାଇଥିବାବେଳେ ନିଫ୍ଟି ମିଡ୍କ୍ୟାପ ୦.୩୮% ହ୍ରାସ ପାଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପ ୦.୪୦% ଏବଂ ନିଫ୍ଟି ବ୍ୟାଙ୍କିଙ୍ଗ୍ (ବ୍ୟାଙ୍କ)ର କାରବାର ୧.୭୪% ବୃଦ୍ଧି ହୋଇଛି ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ନିଫ୍ଟି ବ୍ୟାଙ୍କ ପ୍ରଥମ ଥର ପାଇଁ ରେକର୍ଡସ୍ତରରେ କାରବାର କରିଛି। ଏପରିକି ମଙ୍ଗଳବାର ନିଫ୍ଟି ବ୍ୟାଙ୍କ ୯୦୨.୦୫ ପଏଣ୍ଟ ବା ୧.୭୪% ବୃଦ୍ଧି ପାଇଁ ୫୨,୬୦୬.୦୦ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ସେକ୍ଟୋରାଲ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଉଲ୍ଲେଖନୀୟ ସଫଳତା ଯୋଗୁ ଏହି ନୂଆ ମାଇଲଖୁଣ୍ଟ ହାସଲ ହୋଇଛି।

### ଶେୟାର ବଜାରରେ ଉତ୍ସାହ

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍ସେକ୍ସ ୭୧୨(୭୧୨.୪୪) ପଏଣ୍ଟ ବଢ଼ି ୭୮,୦୫୪ (୭୮,୦୫୩.୫୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୩(୧୮୩.୪୫) ପଏଣ୍ଟ ବୃଦ୍ଧି ଘଟି ୨୩,୭୨୧ (୨୩,୭୨୧.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସଭୁକ୍ତ ମିଡ୍କ୍ୟାପ୍ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡ୍କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଆଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲାନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୫।୬

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ତଥା ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସର ନୂତନ ଯୋଜନା 'ଆଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲାନ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ମହିଳାମାନଙ୍କ ପାଇଁ କମ୍ପାନୀର ସର୍ବାଧିକ ବିକ୍ରି ହେଉଥିବା ଟର୍ମ ଇନ୍ସ୍ୟୁରାନ୍ସ ପ୍ରଡକ୍ଟ 'ଆଇପ୍ରୋଟେକ୍ଟ ସ୍ମାର୍ଟ' ପାଇଁ ଦେୟ କରାଯାଉଥିବା ସମସ୍ତ ପ୍ରିମିୟମ ଉପରେ ୧୫%ର ଲାଇଫଟାଇମ ରିହାତି ଘୋଷଣା କରାଯାଇଛି। ଏଥିସହ ବେତନଭୋଗୀ ମହିଳାମାନେ ପ୍ରଥମ ବର୍ଷର ପ୍ରିମିୟମ ଉପରେ ଅତିରିକ୍ତ ୧୫%ର ରିହାତି ପାଇଁ ମଧ୍ୟ ଯୋଗ୍ୟ ବିବେଚିତ ହେବେ, ଯାହା ସେମାନଙ୍କୁ ଓ ନିଜ ପ୍ରିୟଜନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ସକ୍ଷମ କରିବ।

ସେହିଭଳି ଗମ୍ଭୀର ଅସୁସ୍ଥତା ଉପରେ ଲାଭ ସହ ମିଳିତ ଥିବା ଆଇପ୍ରୋଟେକ୍ଟ ସ୍ମାର୍ଟ ବ୍ରେଷ୍ଟ, ଓଭାରିଆନ, ୟୁଟେରାଇନ ଓ ସର୍ଭିକାଲ କ୍ୟାନ୍ସର ଭଳି ରୋଗ ସମେତ ୩୪ଟି ଜଟିଳ ଅସୁସ୍ଥତା ବିରୋଧରେ ଏହା କଭର ପ୍ରଦାନ କରୁଛି। ଏହି ମିଶ୍ରଣ ଉଭୟ ସ୍ୱାସ୍ଥ୍ୟ ଓ ଜୀବନ ବୀମାର ଲାଭ ପ୍ରଦାନ କରୁଛି। ବିଶେଷକରି ଏହା ୯୯ ବର୍ଷ ପର୍ଯ୍ୟନ୍ତ ଲାଇଫ୍ କଭର ଦେଇଥାଏ। ଗୁରୁତ୍ୱପୂର୍ଣ୍ଣ ଭାବେ ନିଦାନ ଉପରେ ପୈଠ କରାଯାଉଥିବା ଗୁରୁତର ଅସୁସ୍ଥତା କଭର ରାଶି, ପରିବାରର ସଞ୍ଚୟକୁ ପ୍ରଭାବିତ ନ କରି ଜରୁରୀ ଚିକିତ୍ସା ପାଇଁ ତୁରନ୍ତ ଆର୍ଥିକ ସହଯୋଗ ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ୍ ପାଲ୍ଟା କହିଛନ୍ତି, ମହିଳାମାନଙ୍କ ଅଦମ୍ୟ ଉତ୍ସାହକୁ ପାଳନ କରିବା ପାଇଁ ଆମେ ଆମର ସର୍ବାଧିକ ଲୋକପ୍ରିୟ ଟର୍ମ ଇନ୍ସ୍ୟୁରାନ୍ସ ଉତ୍ପାଦ ଆଇପ୍ରୋଟେକ୍ଟ ସ୍ମାର୍ଟ ପାଇଁ ଦେୟ କରାଯିବାକୁ ଥିବା ସମସ୍ତ ପ୍ରିମିୟମ ଉପରେ ୧୫%ର ଲାଇଫଟାଇମ ରିହାତି ପ୍ରଦାନ କରି ଗର୍ବ ଅନୁଭବ କରୁଛୁ। ଏପରିକି କାର୍ଯ୍ୟରତ ମହିଳାମାନଙ୍କୁ ମଧ୍ୟ ଆମେ ପ୍ରଥମ ବର୍ଷର ପ୍ରିମିୟମ ଉପରେ ୧୫%ର ଅତିରିକ୍ତ ରିହାତି ପ୍ରଦାନ କରୁଛୁ,ଯାହା ସେମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରିବ। ସେହିଭଳି ଆମେ ମହିଳାମାନଙ୍କ ମଧ୍ୟରେ ସୁରକ୍ଷା ଓ ଦୀର୍ଘାବଧି ସଞ୍ଚୟ ଯୋଜନା ପାଇଁ ବଢ଼ୁଥିବା ଆଗ୍ରହକୁ ପରିଲକ୍ଷିତ କରିଛୁ। ଦେଶରେ ବେତନଭୋଗୀ ମହିଳାଙ୍କ ସଂଖ୍ୟା ନିରନ୍ତର ଭାବେ ବଢ଼ୁଥିବାରୁ ସେମାନେ ନିଜକୁ ଓ ନିଜ ପ୍ରିୟଜନଙ୍କୁ ଆର୍ଥିକ ସୁରକ୍ଷା ଦେବା ପାଇଁ ଜୀବନ ବୀମାର ଆବଶ୍ୟକ କରିବେ। ଅପରପକ୍ଷରେ 'ସଠିକ୍ ଉପଭୋକ୍ତାଙ୍କ ପାଇଁ ସଠିକ୍ ଉତ୍ପାଦ' ଆଭିମୁଖ୍ୟ ସହ ଆମେ ବିଶ୍ୱାସ କରୁଛୁ ଯେ ମହିଳା ବର୍ଗ ନିକଟରେ ଆଗକୁ ବଢ଼ିବାର ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି କ୍ଷମତା ରହିଛି। ଆମେ ବିଶ୍ୱାସ କରୁଛୁ ଆଇପ୍ରୋଟେକ୍ଟ ସ୍ମାର୍ଟ ସେମାନଙ୍କୁ ଦୀର୍ଘାବଧି ଆର୍ଥିକ ସଞ୍ଚୟ ଲକ୍ଷ୍ୟକୁ ହାସଲକରିବା ପାଇଁ ସକ୍ଷମ କରିବ। କାରଣ ଏହା କୌଣସି ପ୍ରକାର ପ୍ରତିକୂଳ ସ୍ଥିତିରେ ପରିବାର ପାଇଁ ଏକ ଇନ୍କମ ରିପ୍ଲେସ୍ମେଣ୍ଟ ଟୁଲ୍ ଭାବେ କାର୍ଯ୍ୟ କରିପାରିବ। ସ୍ୱତନ୍ତ୍ର ଭାବେ ମହିଳାଙ୍କ ପାଇଁ ଏହି ସୁଲଭ ଓ ଆକର୍ଷଣୀୟ ଉତ୍ପାଦ, ଆମେ କରିଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତା ଦ୍ୱାରା ସମର୍ଥିତ ।

# ଟିପିସିଓଡିଏଲ୍‌ର ନୂତନ ଫିଡର ଲାଇନ

ଭୁବନେଶ୍ୱର,୨୫।୬

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ର ଏକ ନୂତନ ଫିଡର ଲାଇନ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ବର୍ତ୍ତମାନ ଜାରି ରହିଥିବା ଗ୍ରୀଷ୍ମପ୍ରବାହ ଯୋଗୁ ବିଦ୍ୟୁତ୍ ଚାହିଦାରେ ହୋଇଥିବା ବୃଦ୍ଧିର ମୁକାବିଲା ପାଇଁ ଭିତ୍ତିଭୂମିରେ ବ୍ୟାପକ ଉନ୍ନତି ଅଣାଯାଇଛି। ଟିପିସିଓଡିଏଲ୍ ତା'ର ଗ୍ରାହକମାନଙ୍କ ପାଇଁ ଭରସାଯୋଗ୍ୟ ଓ ଗୁଣାତ୍ମକମାନର ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଲାଗି ଏହି ନୂଆ ୩୩ କେଭି ଓ ୧୧କେଭି ଫିଡର ନିର୍ମାଣ କରିଛି। ଢେଙ୍କାନାଳର ଡିଷ୍ଟ୍ରିବ୍ୟୁଶନ ଇଞ୍ଜିନିୟର ଡିଭିଜନ ନେତୃତ୍ୱରେ ଟିପିସିଓଡିଏଲ୍ ଗଁଦିଆ ସବ୍‌ଡିଭିଜନ ଟିମ୍ ପକ୍ଷରୁ ଏହି ୩୩ କେଭି ଫିଡର ଲାଇନକୁ ସମ୍ପୂର୍ଣ୍ଣ ସହ ଚାର୍ଜିଂ ମଧ୍ୟ କରାଯାଇଛି। ଢେଙ୍କାନାଳ ଜିଲାରେ ଗଁଦିଆ ୧୩୨/୩୩ କେଭି ଗ୍ରିଡ୍ ସବ୍‌ଷ୍ଟେଶନରୁ ୬କି.ମି. ବ୍ୟାପ୍ତ ଏହି ଲାଇନ୍ ବିଦ୍ୟୁତ୍ ବଣ୍ଟନ ଭିତ୍ତିଭୂମିରେ ଉନ୍ନତି ଆଣିପାରିଛି। ଭିତ୍ତିଭୂମିରେ ଏହି ଉନ୍ନତୀକରଣ ଯୋଗୁ ଗଁଦିଆ,ନିହାଲପ୍ରସାଦ ଓ ଯୋରନ୍ଦାର ପ୍ରାୟ ୩୬,୦୦୦ଗ୍ରାହକ ଉପକୃତ ହେବେ। ଏହି ନୂଆ ଫିଡର ଲାଇନ କାର୍ଯ୍ୟକ୍ଷମ ହୋଇଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଅନେକାଂଶରେ ହ୍ରାସ ପାଇଥିବାବେଳେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣରେ ଉନ୍ନତି ଘଟିଛି। ପୂର୍ବରୁ ୧୩୨/୩୩ କେଭି ଗଁଦିଆ ସବ୍‌ଡିଭିଜନ ଗୁଣ୍ଡିଚାପଡା ଗ୍ରୀଡ୍ ସବ୍‌ଷ୍ଟେଶନରୁ ଏକ ୩୬ କି.ମି. ଲମ୍ବା ୩୩କେଭି ଫିଡର ଲାଇନ ଉପରେ ନିର୍ଭରଶୀଳ ଥିଲା। ୬ କି.ମି. ବିଶିଷ୍ଟ ନୂଆ ୩୩କେଭି ଗଁଦିଆ ଫିଡର ଦୀର୍ଘକାଳୀନ ସମସ୍ୟାର ସମାଧାନ କରିବା ସହ ଡିଇଡି ଢେଙ୍କାନାଳ ଡିଭିଜନର ଏକ ପ୍ରମୁଖ ପ୍ରକଳ୍ପକୁ ପୂରଣ କରିଛି।

# ହିଣ୍ଡାଲ୍‌କୋ ପକ୍ଷରୁ ଦିନିକିଆ କର୍ମଶାଳା

ଭୁବନେଶ୍ୱର,୨୫।୬

ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ 'ହିଣ୍ଡାଲ୍‌କୋ' ପକ୍ଷରୁ ଏକ ଦିନିକିଆ କର୍ମଶାଳା ମଙ୍ଗଳବାର ଭୁବନେଶ୍ୱରର ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍)ର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ଏବଂ ୟୁସିସିଆଇଏଲ୍‌ର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳା ଡାଉନଷ୍ଟ୍ରିମ ଆଲୁମିନିୟମ ଶିଳ୍ପରେ ଏମ୍‌ଏସ୍‌ଏମ୍‌ଇ ପାଇଁ ବିନିର୍ମାଣ ସୁଯୋଗ ଶୀର୍ଷକ ଉପରେ ଦୃଷ୍ଟିନିବଦ୍ଧ କରାଯାଇଥିବାବେଳେ ଆଲୁମିନିୟମ ବିନିର୍ମାଣ ନିମନ୍ତେ ଏକ ବୈଶ୍ୱିକ ପେଣ୍ଠସ୍ଥଳ ଭାବେ ଓଡ଼ିଶାର ବର୍ଦ୍ଧିତ ପ୍ରାଧାନ୍ୟ ଉପରେ ବିସ୍ତୃତ ଆଲୋକପାତ କରାଯାଇଥିଲା।

ଏହି ଅବସରରେ ଏସାର ମିନେଟ୍ ଲିମିଟେଡ୍‌ର ସିଇଓ ଶଶୀ ଶେଖର ମହାନ୍ତି ଉଦ୍‌ଘାଟନୀ ଅଭିଭାଷଣ ସହ ଆଲୁମିନିୟମ ଶିଳ୍ପର ମୂଲ୍ୟ ଶୃଙ୍ଖଳରେ ଏମ୍‌ଏସ୍‌ଏମ୍‌ଇଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜୋର ଦେଇଥିଲେ। ଏପରିକି ଏମ୍‌ଏସ୍‌ଏମ୍‌ଇଗୁଡିକ ମୂଲ୍ୟଶୃଙ୍ଖଳ ପୂର୍ଣ୍ଣାଙ୍ଗ କରିବାକୁ କଞ୍ଚାମାଲ ଗତ ନିରାପତ୍ତା, ପ୍ରଯୁକ୍ତିଗତ ସମର୍ଥନ, ପରିଚାଳନାଗତ ପାରଦର୍ଶିତା, ଆର୍ଥିକ ସମର୍ଥନ ଏବଂ ସଫଳ ବଜାର ବ୍ୟବସ୍ଥା ଆବଶ୍ୟକ କରୁଛନ୍ତି।

ଏ ସମ୍ପର୍କରେ ହିଣ୍ଡାଲ୍‌କୋ ଆଡଭାଇଜର ବିଭୁ ମିଶ୍ର ଓଡ଼ିଶାରେ କମ୍ପାନୀର ଉଲ୍ଲେଖନୀୟ ଉପସ୍ଥିତି ଏବଂ ବିବିଧ ଶିଳ୍ପ ଉପରେ ତା'ର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

ସେହିଭଳି ହିଣ୍ଡାଲ୍‌କୋର ଜଏଣ୍ଟ ପ୍ରେସିଡେଣ୍ଟ ସାଗର ଧମୋରିକର ଆଲୁମିନିୟମର ଅନନ୍ୟ ଗୁଣବତ୍ତା ଏବଂ ତା'ର ବହୁବିଧ ବ୍ୟବହାରିତା ସମ୍ପର୍କରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ସେହିପରି ଏହି କର୍ମଶାଳାରେ ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ଚେୟାରମ୍ୟାନ ପ୍ରଦୀପ୍ତ ମହାନ୍ତି, ଆଇଆଇଏମ୍‌ଟି ଡାଇରେକ୍ଟର ଡ.ରାମାନୁଜ ନାରାୟଣଙ୍କ ସମେତ ୟୁସିସିଆଇଏଲ ଭାଇସ ପ୍ରେସିଡେଣ୍ଟ ସଞ୍ଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଲୁଳି ଥିଲେ କାନ ନାହିଁ**
**କାନ ଥିଲେ ଲୁଳି ନାହିଁ ।**

ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରି ଦେଇ ନଥାନ୍ତି। କାହାର ବହୁ କୁଟୁମ୍ବ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି, କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। କାହାର ରାଜପ୍ରାସାଦ ପରି ବିରାଟ ଘର, କିନ୍ତୁ ରହିବାକୁ କେହି ଲୋକ ନାହାନ୍ତି, ପୁଣି କାହାର ଲୋକବାକ ଥିଲେ ବି ରହିବାକୁ ଘର ଖଣ୍ଡିଏ ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟକରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲାଜ ନାହିଁ କହିବାକୁ**
**ଆଣ୍ଠୁକ ପାଣିରେ ତପ କରୁଥିଲା**
**ପର ଘର ଭାଙ୍ଗିବାକୁ ।**

ଦୁନିଆରେ ଏଭଳି କେତେକ ଲୋକ ଥାଆନ୍ତି, ଯେଉଁମାନେ ଅନ୍ୟର ସୁଖ ଶିରୀକୁ ଆଦୌ ସହିପାରି ନ ଥାନ୍ତି। କଳେବଳେ କୌଶଳେ ସେମାନଙ୍କ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ସହ ପରିବାର ମଧ୍ୟରେ ଫାଟ ସୃଷ୍ଟି କରିଥାନ୍ତି। ପରଘର ଭଙ୍ଗା ଲୋକର ଚରିତ୍ର ପ୍ରତି ଏଭଳି କଟୂକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବଜାରରେ ଓପୋ ଏ୩ ପ୍ରୋ

ଭୁବନେଶ୍ୱର,୨୫।୬

ଓପୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଓପୋ ଏ୩ ପ୍ରୋ'ର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଓପୋ ଏ୩ ପ୍ରୋ'ରେ ୧୨୦ ଏଚ୍‌ଜେଡ୍ ଅଲ୍‌ଟ୍ରା ବ୍ରାଇଟ୍ ଡିସ୍‌ପ୍ଲେ,ଏଆଇ ଲିଙ୍କ୍‌ବୁଷ୍ଟ, ଏଆଇ ଇରେଜର, ଏକ ବିଶାଳ ୫୧୦୦ଏମ୍‌ଏଏଚ୍ ହାଇପର ଏନର୍ଜି ବ୍ୟାଟେରି ସମେତ ୪ବର୍ଷରୁ ଅଧିକ ଜୀବନକାଳ ସହିତ ୪୫ୱାଟ ସୁପର ଭିଓଓସିଟିଏମ୍ ଫ୍ଲାଶ୍ ଚାର୍ଜ ସଂଯୋଗ ରହିଛି। ସେହିଭଳି ଏହି ନୂଆ ସିରିଜ ସ୍ମାର୍ଟଫୋନ୍‌ରେ ଅନେକ ବୈଶିଷ୍ଟ୍ୟ ସାଙ୍ଗକୁ ଡ୍ରପ୍ ଓ ଇମ୍ପାକ୍ଟ ରେଜିଷ୍ଟାନ୍ସ ପାଇଁ ଏକ ଡ୍ୟାମେଜ୍-ପ୍ରୁଫ୍ ଅଲ୍-ରାଉଣ୍ଡ ଆର୍ମର ବଡି, ଜଳ ଓ ଧୂଳି ପ୍ରତିରୋଧ ପାଇଁ ଆଇପି୫୪ ସାର୍ଟିଫିକେଶନ ଏବଂ ଓଦା ହାତରେ ବ୍ୟବହାର ପାଇଁ ସ୍ପ୍ଲାଶ୍ ଟଚ୍ ଟେକ୍ନୋଲୋଜି ଆଦି ସାମିଲ ରହିଛି। ସେହିପରି ଓପୋ ଏ୩ ପ୍ରୋ ମୁନ୍‌ଲାଇଟ ପର୍ପଲ ଓ ଷ୍ଟାରି ବ୍ଲାକ୍ କଲରରେ ଉପଲବ୍ଧ ଥିଲାବେଳେ ୧୨୮ଜିବି ଷ୍ଟୋରେଜ ପାଇଁ ୧୭,୯୯୯ ଟଙ୍କା ଓ ୨୫୬ଜିବି ଭାରିଆଣ୍ଟ ପାଇଁ ୧୯,୯୯୯ ଟଙ୍କା ରହିଛି। ଅପରପକ୍ଷରେ ଏହା ଆମାଜନ, ଫ୍ଲିପ୍‌କାର୍ଟ, ଓପୋ ଷ୍ଟୋର ଓ ମେନ୍‌ଲାଇନ ରିଟେଲ ଆଉଟଲେଟଗୁଡିକରେଉପଲବ୍ଧ।


**Bhadrak Autonomous College, Bhadrak**

**ADMISSION NOTICE 2024-25**

No.CAD-318: Offers following Self-Financing Courses for the Academic Session-2024-25

**B.Sc. (Hons.) Data Science (3 Yrs.)**
**Eligibility:** Passed with minimum 40% marks in aggregate in Higher Secondary Examination in Science Stream with Math/IT or Equivalent.

**B.Sc. (Hons.) Mathematics & Computing (3 Yrs.)**
**Eligibility:** Passed with minimum 40% marks in aggregate in Higher Secondary Examination in Science Stream with Mathematics or Equivalent.

**PGDCA (1 Yr.) (Post Graduate Diploma in Computer Application)**
**Eligibility:** Graduate in any Stream from a recognized University.

**Forms and Information Bulletins are available at College Counter for Rs.300/- on all working days Or you may download the form from the college website www.bhadrakcollege.nic.in. For details Visit College website.**

OIPR-11028/11/0004/2425 **Sd./- Principal**

**For Details, Call: 8260894249, 9178614739**

---

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI-766026, ODISHA, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd.Office OSPH & W.C. Building, Vanivihar Chhak, Janpath,Bhoinagar,Bhubaneswar- 751022
Tel:91-0674-2542983, 2542802, 2545526, 2542826, Fax:2542102, E-mail:ohpc.co@gmail.com/ md@ohpcltd.com
WEB: www.ohpcltd.com, CIN: U40101OR1995SGC003963
ISO 9001-14001 18001 Certified

**NOTICE INVITING TENDER NO.UIHEP-04/2024-25, DATED:24.06.2024**

**No.CAD-331:** Sealed Tenders are invited in two part i.e (i) Techno Commercial bid & (ii) Price bid in separate sealed envelopes from the reputed manufactures / authorized dealers / channel partners / reputed suppliers for supply of the following materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno commercial Bid |
|---|---|---|---|---|---|
| SUPPLY OF 180 METERS OF SILICONE RUBBERISED INSULATION SLEEVES SUITABLE FOR 33 KV CONDUCTORS FOR UIHEP, MUKHIGUDA | 2,360/- (Inclusive of GST) | 4,150/- | From 27.06.2024 to 10.07.2024 upto 12.00 Hrs | 10.07.2024 (upto 13:00 Hrs) | 10.07.2024 at 16:30 Hrs |

For details of the tender documents, terms and conditions please visit our website **www.ohpcltd.com**

**OIPR-04008/11/0005/2425** **Sd./- C&P Head, UIHEP, Mukhiguda**

---

**OFFICE OF THE CHIEF ENGINEER, MEGA LIFT, BHUBANESWAR**
Plot No. A8/2, Bhoinagar, Bhubaneswar, Odisha, Pin-751022
E-mail : cemlpwr.od@gmail.com

**EXPRESSION OF INTEREST FOR ENGAGEMENT OF INDIVIDUAL ELECTRICAL CONSULTANT IN MAGA LIFT PROJECTS IN ODISHA**

**EOI Notice No. 01ML/2024-25**

No.A-69: The Chief Engineer, Megalift on behalf of the Governor of Odisha invites Expression of Interest ("EOI") from retired electrical personnel from State Government/OPTCL/GRIDCO in the rank of Chief Engineer/Senior General Manager and above to work as an Individual Electrical Consultant for inplementation of the Megalift Projects. Interested parties may submit their EOIs in the format along with details and supporting documents. The EOI document and formats can be downloaded from https://www.dowr.odisha.gov.in and https://www.odisha.gov.in Submissions must be made latest by **15.07.2024 and no later than 5.00 PM Indian Standard Time (IST).**

**Sd./- Chief Engineer, Megalift, Bhubaneswar**

OIPR-32504/11/0003/2425

---

**GOVERNMENT OF ODISHA** No.A-66
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**UPPER INDRAVATI RIGHT CANAL DIVN. NO.I**
AT/PO : MUKHIGUDA, DIST : KALAHANDI, ODISHA, PIN : 766026, e-mail address : eeuircd1@gmail.com

1. Type of Work : Canal Works
2. Total No. of Works : 15 Nos.
3. Estimated Cost : Rs. 17.30 lakh to Rs. 8.24 lakh (exclusing GST)
4. Period of Completion : 05 (Five) calandar months
5. Class of contractor : 'D', 'C' & Class

| Procurement Officer | e-Procurement No. | Bid Amount | Availability & Submission of Bids online |
|---|---|---|---|
| Superintending Engineer Upper Indravati Right Canal Division No. I At/Po: Mukhiguda, Dist - Kalahandi, Odisha, Pin : 766026 | SE, RCD-I-02 (01-15)/24-25 Dt. 21.06.2024 | Rs. 17.30 lakh to Rs. 8.24 lakh (excluding GST) | From 28.06.2024, 10 AM to 08.07.2024, 05.00 P.M. |

Date of opening of bis : Dt-09.07.2024 at 10.00 AM in the O/O the Superintending Engineer, UI Right Canal Division No-I, Mukhiguda, Kalahandi, Odisha, Pin-766026.
Further details can be seen from the Govt. Website www.tendersorissa.gov.in

**Sd./- Superintending Engineer, UI Right Canal Divn. No.I, Mukhiguda, Kalahandi**

OIPR-32193/11/0002/2425

---

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
**OFFICE OF THE DIVISIONAL FOREST OFFICER CUM WILDLIFE WARDEN**
**ROURKELA FOREST DIVISION, ROURKELA, SUNDARGARH,ODISHA**
Phone No.0661-2664637, Fax No.0661-2664638, e-mail:dforourkela.od@gov.in.

**Notice No.401/ Dated 22.06.2024**

**No.MM-46:** Rourkela Forest Division is inviting tender for procurement of planting inputs for taking up plantation work in Rourkela Forest Division during 2024-25 financial year. The tenderers having eligibility criteria are required to apply.

For details & Tender documents, please visit the following website: www.odishaforest.in/ www.dforourkela.in

- **Supply of Tender documents starts from 10.30 hrs. of 25.06.2024 to 17.30 hrs. of 30.06.2024.**
- **Last date for submission of bids 01.07.2024, 13.30 hrs.**
- **Date of Opening of Tender 01.07.2024, 16.00 hrs.**

**Sd./- Divisional Forest Officer, Rourkela Forest Division**

**OIPR-08044/11/0002/2425**

---

**OFFICE OF THE EXECUTIVE ENGINEER UI LIFT CANAL DIVISION, KUSUMKHUNTI, KALAHANDI, ODISHA**
e-mail : eelcdkusumkhuntiuiip@gmail.com

**QUOTATION CALL NOTICE NO-EE, LCD-01(01-02)/2024-25, DT-21.06.2024 FOR HIRING VEHICLE**

No.A-65: Sealed quotations are invited from interested reputed travel agencies/tour operators or private individuals for providing 02 (Two) nos. of Diesel driven vehicle (Scorpio/TUV300/Bolero/Sumo Gold/ Ertiga) for office use in the following offices on monthly rent basis.

**1. Executive Engineer, UI lift Canal Division, Kusumkhunti, Kalahandi.**
**2. Office of the Sub-Divisional Officer, UI Lift Canal Sub-Division-No. I & II, Mangalpur, Kalahandi.**

The Quotation booklets will be available in the office of the Executive Engineer, UI Lift Canal Division, Kusumkhunti, Kalahandi, Office of the Sub-Divisional Officer, UI Lift Canal Sub-Division-No. I & II, Mangalpur, Kalahandi from 25.06.2024 to 01.07.2024 during office hours on payment of Rs. 100/- (Rupees one hundred) only in shape of Demand Draft from any Nationlized Bank, pledged in favour of the Ececutive Engineer, UI Lift Canal Division, Kusumkhunti, payable at State Bank of India, Charbahal. The quotations shall be opend on same day 01.07.2024 at 4.00 PM in the office of the undersigned. Further details can be obtained from the Quotation booklets.

**Sd./- Executive Engineer UI Lift Canal Division Kusumkhunti, Kalahandi**

OIPR-32126/11/0001/2425

---

See Career Appointment on every Wednesday & Saturday

---

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 9049 IND-II-PH-1212 ତା.21.06.2024
No. CAD-321

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଏସ୍.ପି. ଇସ୍ପାତ ପ୍ରାଇଭେଟ ଲିମିଟେଡ୍ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଅନ୍ତର୍ଗତ ସୋନୁଆ ଗ୍ରାମରେ ବାର୍ଷିକ ୧.୫୦ ମିଲିୟନ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଆଇରନ୍ ଓର ବେନିଫିକେସନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୩୧.୦୭.୨୦୨୪ ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲାର ସୋନୁଆ ଗ୍ରାମ ଅନ୍ତର୍ଗତ ପ୍ରାଥମିକ ବିଦ୍ୟାଳୟ ପଡିଆ, ସୋନୁଆ ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./-ସଦସ୍ୟ ସଚିବ**

OSPCB-PH-MISC-0011-2024/5/2024 **OIPR-08012/11/0015/2425**

# ସୁସ୍ଥ ବାଛୁରି ଓ କଷ କ୍ଷୀର



ଡା.ବୀରକିଶୋର ପରିଡ଼ା

ଗାଈ ବାଛୁରିକୁ ପ୍ରସବ ଦେବା ପରେ ପର୍ଯ୍ୟନ୍ତ ୩-୪ ଦିନ ପର୍ଯ୍ୟନ୍ତ ନିର୍ଗତ ଘନ ବହଳିଆ ଗାଢ଼ କ୍ଷୀରକୁ କଷକ୍ଷୀର ବା କୋଲେଷ୍ଟ୍ରମ କହନ୍ତି । ମା' କଷକ୍ଷୀର ଶିଶୁର ସୁନ୍ଦର ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଯେତିକି ଆବଶ୍ୟକ ସେହିପରି ଗାଈର କଷକ୍ଷୀର ସଦ୍ୟଜାତ ବାଛୁରୀର ବଞ୍ଚିବା ବା ଭବିଷ୍ୟତ ଜୀବନ ଧାରଣ ପାଇଁ ମଧ୍ୟ ସେତେ ଗୁରୁତ୍ୱପୂର୍ଣ୍ଣ । କଷକ୍ଷୀରର ବିଭିନ୍ନ ଉପାଦାନ ଯଥା – ଜଳ, ଶ୍ୱେତସାର ଓ ସ୍ନେହସାର ପରିମାଣ କମ୍ ଥାଏ ଏବଂ ବିଭିନ୍ନ ପୁଷ୍ଟିସାର ଯଥା –କେଜିନ୍, ଆଲ୍‌ବୋମିନ୍, ଗ୍ଲୋବୁଲିନ୍ ସହ ଭିଟାମିନ୍-କ ଓ ଘ' ର ପରିମାଣ ଅଧିକ ରହିଥାଏ । ଏହି କ୍ଷୀରର ରଙ୍ଗ ଈଷତ୍ ଲାଲ୍‌ମିଶା ହଳଦିଆ, ଘନ ଅଠାଳିଆ। ଏହାର ସ୍ୱାଦ ଆମିଳା ଓ ବାସନା ଆଇଁଷିଆ ପରି ଲାଗେ । ସେହିପରି ଏହାର ଆପେକ୍ଷିତ ସାନ୍ଦ୍ରତା –୧.୦୭୪ ଥିବାବେଳେ ସାଧାରଣ କ୍ଷୀରର ଏହା ୧.୦୩୧ ଥାଏ । ବାଛୁରି ଜନ୍ମହେବାର ୬ ଦିନ ପରେ ଯଦି ଗାଈର କ୍ଷୀରକୁ ଗରମ କରାଯାଏ ଏବଂ ଯଦି ଏଥିରେ କ୍ଷୀର ଜମାଟ ନ ବାନ୍ଧେ ବା ଘନୀଭୂତ ନ ହୁଏ, ତେବେ ଏହି କ୍ଷୀର ଖାଇବା ପାଇଁ ଯୋଗ୍ୟ ବିବେଚିତ ହୁଏ ଏବଂ ଅନ୍ୟ କ୍ଷୀର ସହ ମିଶାଇଲେ କ୍ଷତି ହୋଇ ନ ଥାଏ । ଏହି କଷ କ୍ଷୀରର ଏତେ ପ୍ରକାର ମୂଲ୍ୟବାନ୍ ଉପାଦାନ ଥାଇ ମଧ୍ୟ ଆମ ଗ୍ରାମାଞ୍ଚଳର ଲୋକମାନେ ଏହାକୁ ଖରାପ ଭାବି ଫିଙ୍ଗିଦିଅନ୍ତି। ଆସନ୍ତୁ, ଏଥର ଆଲୋଚନା କରିବା ଏହି କଷକ୍ଷୀରରେ କି କି ପ୍ରକାର ଉପାଦାନ ଥାଏ, ଯାହାକି ଏକ ସାଧାରଣ କ୍ଷୀରଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

**କଷକ୍ଷୀର ଖୁଆଇବାର ଗୁରୁତ୍ୱ :** କଷକ୍ଷୀର ଅମ୍ଳଯୁକ୍ତ ହୋଇଥିବାରୁ ଏହା ସଦ୍ୟଜାତ ବାଛୁରିର ପାକସ୍ଥଳୀରେ ଏକ ବିଶୋଧକ ରୂପେ କାର୍ଯ୍ୟକରି ବହୁ ରୋଗଦାଉରୁ ବାଛୁରିକୁ ସୁରକ୍ଷା ପ୍ରଦାନ କରିଥାଏ । ଏହି କ୍ଷୀରରେ ଭିଟାମିନ୍ 'କ' ସାଧାରଣ କ୍ଷୀରଠାରୁ ୧୦-୧୦୦ ଗୁଣ ଅଧିକ ଥିବାରୁ ତାହା ବାଛୁରିର ଶରୀର ବୃଦ୍ଧି, ଚର୍ମ ଗଠନ ଇତ୍ୟାଦିରେ ସହାୟକ ହେବା ସଙ୍ଗେ ସଙ୍ଗେ ବାଛୁରିର ଅନ୍ଧାରକଣା ରୋଗ, ଲୋମ ଉପୁଡ଼ିବା ଆଦି ଦୂରକରେ । ଭିଟାମିନ୍ 'ଘ' ଏହି କ୍ଷୀରରେ ସାଧାରଣ କ୍ଷୀରଠାରୁ ୩ ଗୁଣରୁ ଅଧିକ ଥାଏ । ତେଣୁ ଏହା ହାଡ଼, ଚର୍ମ, ଦାନ୍ତ ଓ ମାଂସ ଗଠନରେ ସାହାଯ୍ୟ କରେ । ଏଥିସହ ଶରୀରରେ କ୍ୟାଲ୍‌ସିୟମ ବୃଦ୍ଧିରେ ମଧ୍ୟ ପରୋକ୍ଷ ଭାବେ ସହାୟକ ହୋଇଥାଏ । କୋଲେଷ୍ଟ୍ରମ କ୍ଷୀରରେ ଶତକଡ଼ା ୪୦ ଭାଗରୁ ଅଧିକ ପୁଷ୍ଟିକର ସାଧାରଣ କ୍ଷୀରଠାରୁ ଥାଏ । ଏହା ଏକ ବଳକାରକ ଖାଦ୍ୟ ରୂପେ ବାଛୁରୀମାନଙ୍କୁ ଯୋଗାଇଥାଏ । ଫଳରେ ସେମାନେ ସୁସ୍ଥ ସବଳ ପରି ରୁହନ୍ତି । କଷକ୍ଷୀରରେ ପ୍ରଚୁର ପରିମାଣର ଇମ୍ୟୁନୋଗ୍ଲୋବୁଲିନ୍ ପ୍ରତିରୋଧକାରୀ ପଦାର୍ଥ ୧୦-୧୧% ପର୍ଯ୍ୟନ୍ତ ନିହିତ ଥାଏ, ଯଦ୍ୱାରା ଜନ୍ମହେବାର ମାତ୍ର ୩୦ମିନିଟ୍ ସମୟ ମଧ୍ୟରେ ବାଛୁରିର କ୍ଷୁଦ୍ରାନ୍ତ ଓ ବୃହଦନ୍ତ୍ରର ଶ୍ଳୈଷ୍ମିକ ଝିଲ୍ଲୀ ମଧ୍ୟରୁ ଶୋଷିତ ହୋଇ ରକ୍ତରେ ସହଜରେ ମିଶେ । ଫଳରେ ଏହା ବାଛୁରିକୁ ବିଭିନ୍ନ ରୋଗ ଦାଉରୁ ମୁକ୍ତ ରଖିବାରେ ସକ୍ଷମ ହୋଇଥାଏ । ସଦ୍ୟଜାତ ବାଛୁରିକୁ କଷକ୍ଷୀର ଖାଇବାକୁ ଦେବା ଦ୍ୱାରା ଏକ ସହଜଯୁକ୍ତ ହଜମିବା ବଢ଼ ଖଡ଼ା କରାଇବାରେ ସାହାଯ୍ୟ କରିଥାଏ । ଏହି କ୍ଷୀରରେ ଥିବା କ୍ଷାର ଜାତୀୟ ପ୍ରୋଟିନ କେଜିନ୍ ବାଛୁରିର ଶରୀରକୁ ତାପ ଶକ୍ତି ଯୋଗାଇବା ସଙ୍ଗେ ସଙ୍ଗେ ବାଛୁରିକୁ ଅଧିକ ଦିନ ବଞ୍ଚିବାରେ ସାହାଯ୍ୟ କରିଥାଏ । ଗାଈ ପରି ସମସ୍ତ ସ୍ତନ୍ୟପାୟୀ ପ୍ରାଣୀଙ୍କଠାରେ ଏହି କଷକ୍ଷୀର ନିର୍ଗତ ହୋଇ ସେମାନଙ୍କ ଛୁଆର ଜୀବନଧାରଣରେ ଯଥେଷ୍ଟ ସହାୟକ ହୋଇଥାଏ । ତେଣୁ ଗାଈର ବାଛୁରିମାନଙ୍କ ପରି ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀ ଯଥା – ମଇଁଷି, ଛେଳି, ଘୁଷୁରି, ଘୋଡ଼ା, କୁକୁର ଇତ୍ୟାଦି ଏବଂ ବନ୍ୟଜନ୍ତୁ ଯଥା – ହାତୀ, ମାଙ୍କଡ଼, ଜେବ୍ରା, ବିରାଡ଼ି, ବାଘ, ଭାଲୁ ଆଦିଙ୍କୁ କଷକ୍ଷୀର ଖୁଆଇବାକୁ ସୁଯୋଗଦେବା ଦରକାର ।

"କଷକ୍ଷୀର ଅମ୍ଳଯୁକ୍ତ ହୋଇଥିବାରୁ ଏହା ସଦ୍ୟଜାତ ବାଛୁରିର ପାକସ୍ଥଳୀରେ ଏକ ବିଶୋଧକ ରୂପେ କାର୍ଯ୍ୟକରି ବହୁ ରୋଗଦାଉରୁ ବାଛୁରିକୁ ସୁରକ୍ଷା ପ୍ରଦାନ କରିଥାଏ । ଏହି କ୍ଷୀରରେ ଭିଟାମିନ୍ 'କ' ସାଧାରଣ କ୍ଷୀରଠାରୁ ୧୦-୧୦୦ ଗୁଣ ଅଧିକ ଥିବାରୁ ତାହା ବାଛୁରିର ଶରୀର ବୃଦ୍ଧି, ଚର୍ମଗଠନ ଇତ୍ୟାଦିରେ ସହାୟକ ହେବା ସଙ୍ଗେ ସଙ୍ଗେ ବାଛୁରୀର ଅନ୍ଧାରକଣା ରୋଗ, ଲୋମ ଉପୁଡ଼ିବା ଆଦି ଦୂର କରେ। ଭିଟାମିନ୍ 'ଘ' ଏହି କ୍ଷୀରରେ ସାଧାରଣ କ୍ଷୀରଠାରୁ ୩ ଗୁଣରୁ ଅଧିକ ଥାଏ ।"



**କଷକ୍ଷୀର ଖୁଆଇବା ପ୍ରଣାଳୀ :** ବାଛୁରି ଜନ୍ମହେବା ମାତ୍ରେ ଉପଯୁକ୍ତ ଯତ୍ନ ନେଇ ସଙ୍ଗେ ସଙ୍ଗେ କଷକ୍ଷୀର ଖୁଆଇବା ଦରକାର । ପ୍ରଥମେ ପହ୍ନାକୁ ଭଲ ଭାବେ ଡେଟଲ ମିଶା ଉଷୁମ ପାଣିରେ ଧୋଇ ଚିରରୁ ପ୍ରଥମ ଷ୍ଟ୍ରିପ୍ କ୍ଷୀର ବାହାର କଲାପରେ ବାଛୁରିକୁ ଅଧଘଣ୍ଟା ମଧ୍ୟରେ ଏହି କଷକ୍ଷୀର ଖୁଆଇବା ଉଚିତ। ବାଛୁରିକୁ ଶୀଘ୍ର କଷକ୍ଷୀର ଖୁଆଯିବାର କାରଣ ଏହି ସମୟରେ ବାଛୁରୀର କ୍ଷୁଦ୍ରାନ୍ତ୍ର ଓ ବୃହଦନ୍ତ୍ରର ଶ୍ଳୈଷ୍ମିକ ଝିଲ୍ଲୀଗୁଡ଼ିକ ଜନ୍ମହେବାର ଆରମ୍ଭରେ ନରମ ଓ ପତଳା ଥାଏ । ତେଣୁ ବାଛୁରି କଷକ୍ଷୀର ପିଇବା ପରେ ସେଥିରେ ଥିବା ଇମ୍ୟୁନୋଗ୍ଲୋବୁଲିନ୍‌ଗୁଡ଼ିକ ସହଜରେ ଶୋଷିତ ହୋଇ ରକ୍ତରେ ମିଶେ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଏହି ଇମ୍ୟୁନୋଗ୍ଲୋବୁଲିନ୍‌ଗୁଡ଼ିକ କ୍ଷୁଦ୍ରାନ୍ତ୍ର ଓ ବୃହଦନ୍ତ୍ରର ଶ୍ଳୈଷ୍ମିକ ଝିଲ୍ଲୀ ମଧ୍ୟରେ ସହଜରେ ଜନ୍ମହେବାର ୨୪ଘଣ୍ଟା ମଧ୍ୟରେ ଅତିକ୍ରମକରି ରକ୍ତରେ ମିଶିଥାଏ । କାରଣ ଏହି ସମୟର ଇମ୍ୟୁନୋଗ୍ଲୋବୁଲିନ୍ ଗୁଡ଼ିକର ବିଘଟନ ପାଇଁ ଆବଶ୍ୟକୀୟ ଏନ୍‌ଜାଇମ୍‌ର ଅଭାବ ଥାଏ । ଆମ ଚାଷୀଭାଇମାନେ ୨ଘଣ୍ଟା ମଧ୍ୟରେ କଷକ୍ଷୀର ଖୋଇଥାନ୍ତି । ବିଳମ୍ବରେ କଷକ୍ଷୀର ଖାଇବାକୁ ଦେବା ଦ୍ୱାରା ଏଥିରେ ନିହିତ ଉପାଦାନଗୁଡ଼ିକ ଶରୀରରେ ଠିକ୍ ରୂପେ ବିନିଯୋଗ ହୋଇପାରେ ନାହିଁ । ଫଳରେ ବାଛୁରିଗୁଡ଼ିକ ରୁଗ୍‌ଣ ଓ ଦୁର୍ବଳ ଦିଶନ୍ତି ଏବଂ ଅକାଳରେ ମୃତ୍ୟୁବରଣ କରନ୍ତି । ବେଳେବେଳେ ଛଡ଼ା ପ୍ରଥମକରି ପ୍ରସବ ହେଉଥିବା ବାଛୁରି, ପହ୍ନାର ଉପଯୁକ୍ତ ଗଠନ ହୋଇ ନ ଥିବାରୁ କମ୍ କ୍ଷୀର ଦେଇଥାଏ । ଫଳରେ ଏହି ଛଡ଼ାର ବାଛୁରି କଷକ୍ଷୀର ଠିକ୍ ପରିମାଣରେ ପାଇପାରେ ନାହିଁ । ଫାର୍ମଗୁଡ଼ିକରେ ଏପରି ବାଛୁରୀକୁ କଷକ୍ଷୀର ଖୋଇବା ପାଇଁ ଅନ୍ୟ ସଦ୍ୟ ଜନ୍ମ ଦେଇଥିବା ଗାଈର କଷକ୍ଷୀର ଅଣାଯାଇ ଦିଆଯାଇଥାଏ। ବିକାଶଶୀଳ ଦେଶରେ ଗୋପାଳକମାନେ ସେମାନଙ୍କର ବଳକା କଷ କ୍ଷୀରକୁ ହିମୀକୃତ ଉପାୟରେ ଅଧିକ ଦିନ ସାଇତି ରଖିଥାନ୍ତି ଏବଂ ମା' ହୀନ ବାଛୁରୀକୁ ଏହି କଷକ୍ଷୀର ଖାଇବାକୁ ଦେଇଥାନ୍ତି।

**କଷକ୍ଷୀର ଖୁଆଇବା ପରିମାଣ :** ସାଧାରଣତଃ କଷକ୍ଷୀର ପରିମାଣ ଗାଈର କ୍ଷୀର ଦେବା ଦକ୍ଷତା ଉପରେ ନିର୍ଭରକରେ। ଅଧିକ ଉତ୍ପାଦନକ୍ଷମ ବା ୧୫ ଲିଟରରୁ ଅଧିକ ଦୁଗ୍ଧ ଦେଉଥିବା ଗାଈ ବାଛୁରୀର ଆବଶ୍ୟକତାଠାରୁ ଅଧିକ କଷକ୍ଷୀର ପହ୍ନାଁରୁ ନିର୍ଗତ ହୋଇଥାଏ । ସେମାନେ ମୋଟ ଶାରୀରିକ ଓଜନର ଏକ ଦଶମାଂସ (୧/୧୦) କଷକ୍ଷୀର ବା ୨ରୁ ୨.୫ ଲିଟର କଷକ୍ଷୀର ବାଛୁରୀଙ୍କୁ ପିଇବାକୁ ଦେବା ଦରକାର । ସେହିପରି ମଇଁଷି ବାଛୁରୀଙ୍କୁ ସେମାନଙ୍କ ଶାରୀରିକ ଓଜନର ଏକ ପଞ୍ଚଦଶାଂଶ (୧/୧୫) ବା ୧ରୁ ୧.୫ ଲିଟର କ୍ଷୀର ଦୈନିକ ପିଇବାକୁ ଦେବା ଉଚିତ।

–ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିଭାଗ)
ପ୍ଲଟ ନଂ–୨୭୬, ଲକ୍ଷ୍ମୀପ୍ରିୟା ଭବନ,
ମହାନଦୀ ବିହାର, କଟକ,
ମୋ : ୯୪୩୭୬୦୭୩୧୨

## ଅଳ୍ପରେ...

▶▶ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିଡ ଗୁଣ୍ଡ ପ୍ରୟୋଗ କରନ୍ତୁ ।



▶▶ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

▶▶ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ପ୍ରୟୋଗ କରନ୍ତୁ।



▶▶ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।



## ଧାନ ଫସଲରେ ରୋଗପୋକ ଦମନ

**ଡାଲୁ**ଅଧାନ ଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲିଟର କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ଦୁଇଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮–୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍‌ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ–୫୦ ସେଟିଡ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଆଖୁ କାଟିବା ସମୟରେ..

ଆଖୁଗଛକୁ ଏକ ପଉନ ସହ ଧାରୁଆ କଟୁରିରେ ଭୂମି ସମାନକରି କାଟିଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲାପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଆଁ ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ସଘନ ମାଛ



ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ । ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଛଡ଼ାଯାଏ । କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଭାକୁର, ୧୬୦୦ ରୋହି ଏବଂ ୧୨୦୦ ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ ।

## ପନିପରିବା...

**ବାଇଗଣ**, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରମସ୍ତୁତ କରିବେ । ତଳି ପ୍ରସ୍ତୁତି – ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ୱ ଓ ୬ ଇଞ୍ଚ ଉଚ୍ଚର ତଳି ପଟି ତିଆରି କରନ୍ତୁ। ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ । ତଳି ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ତଳି ପଟିରେ ୨–୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ତଳି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନ କରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ। ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ଛଣ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ୧ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷାକରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।



# ସମନ୍ୱିତ କୃଷିରେ ମହୁଚାଷ

(ଶେଷ ଭାଗ)

**ମହୁମାଛିଙ୍କୁ** ଜନ୍ଦା, ପିମ୍ପୁଡ଼ି ଦାଉରୁ ରକ୍ଷାକରିବା ଜରୁରୀ। ସେମାନଙ୍କୁ ବିରକ୍ତକଲେ ସେମାନେ ଭୟଙ୍କର ହୋଇ ଆକ୍ରମଣ କରିଥାଆନ୍ତି। ନୂଆ ଦଳ ଗଠନ ସମୟରେ ବା ରାଣୀ ମହୁମାଛିର ଅନୁପସ୍ଥିତିରେ କିମ୍ବା ଝାଲୁଆ, କଳା, ମାଟିଆ ଓ ନାଲି ରଙ୍ଗର ପୋଷାକ ପିନ୍ଧିଥିଲେ, ନଚେତ୍ ମହୁମାଙ୍କ ପଥ ଅବରୋଧ କଲେ ମହୁମାଛି ଏକତ୍ରିତ ହୋଇ ଆକ୍ରମଣ କରିଥାଆନ୍ତି। ସେଥିପାଇଁ ମହୁମାଛି ବସା ଦେଖିବା ବେଳେ ସାମ୍ନା ପଟରୁ ନ ଯାଇ କଡ଼ ପଟୁ ଯିବା ଦରକାର। ସତର୍କତାର ସହ ଓ ଧୀରେ ଧୀରେ ମହୁମାଛି ବାକ୍ସ ଖୋଲିବା ଉଚିତ। ମହୁମାଛିଙ୍କୁ ଆୟତ୍ତ କରିବା ନିମିତ୍ତ ଧୂଆଁନଳୀ ବ୍ୟବହାର କରାଯାଏ। ବାକ୍ସ ଖୋଲିବା ସମୟରେ ପୂରା ଦେହକୁ ଢାଙ୍କି ମୁହଁରେ ମାସ୍କ ଲଗାଯାଏ। କୌଣସି କାରଣରୁ ଯଦି ମହୁମାଛି ଆକ୍ରମଣକରି ଲାହୁଡ଼ ଛାଡ଼ିଥାଆନ୍ତି, ତେବେ ତୁରନ୍ତ ଲାହୁଡ଼ଗୁଡ଼ିକୁ ମୁନିଆଁ ଚିମୁଟା ଦ୍ୱାରା ବା ନଖ ସାହାଯ୍ୟରେ କାଢ଼ି ଦେଇ ଡେଟଲ ଲଗାଇ ଦେଲେ ବିନ୍ଧା ଓ ଯନ୍ତ୍ରଣା ଲାଘବ ହୋଇଥାଏ।

**ମହୁମାଛିର ଯତ୍ନ :** ଯଦି ମହୁମାଛିମାନେ ଗୋଡ଼ରେ କେଶର ଧରି ଆସୁଛନ୍ତି ଏବଂ ମଳାମାଛି ଓ ଅଣ୍ଡାକୁ ବାହାର କରୁଛନ୍ତି, ତେବେ ମହୁମାଛିଗୁଡ଼ିକ ବାକ୍ସରେ ରହିବାକୁ ଉଚିତ ମଣିଲେ ବୋଲି ବୁଝାଯିବ। ପ୍ରତି ସପ୍ତାହରେ ବାକ୍ସ ଖୋଲି ଫେଣା ସହ ଫ୍ରେମ୍‌କୁ ଟେକିଦିଆଯାଏ। ପୁରୁଷ ମାଛି ମହୁ ଖାଏ ଏବଂ କାର୍ଯ୍ୟରେ ଅଳସୁଆ। ଯେଉଁ କୋଷଗୁଡ଼ିକ ଅଣ୍ଡିରା ଛୁଆ ହେବାକୁ ଥିବ, ତାହା ସାଧାରଣ ଫେଣାଠାରୁ ଉଚ୍ଚ ଓ ତାହାର ଅଗ୍ରଭାଗ ଗୋଲାକାର ଫୋଟକା ବା ଭାତୁଡ଼ି ପରି ଦେଖାଯାଏ। ଫେଣାରୁ ସେସବୁକୁ ନଷ୍ଟ କରିଦେବା ଭଲ। ଗୋଟିଏ ଦଳରେ ଏକରୁ ଅଧିକ ରାଣୀମାଛି ରହିଲେ ଦଳଟି ବିରକ୍ତ ହୋଇଯାଏ। ରାଣୀ ବୟସ୍କ ହୋଇଗଲେ ରାଣୀ ଅଣ୍ଡା ରଖିବା ଦରକାର ପଡ଼େ। ଫେଣା ମଝିରେ କୁଇନ୍ କୋଷ ଆବୁ ପରି ଦେଖାଯାଏ। ଯେଉଁଦିନ ରାଣୀମାଛି ବାହାରେ, ସେଦିନ ଅନ୍ୟ କୁଇନ୍‌କୋଷଗୁଡ଼ିକୁ ନଷ୍ଟ କରିଦେବା ଆବଶ୍ୟକ। ୨୧ଦିନ ପରେ ରାଣୀ ବାହାରକୁ ବାହାରି ୨–୩ ଦିନ ମଧ୍ୟରେ ଏକ ଶକ୍ତିଶାଳୀ ପୁରୁଷ ମହୁମାଛି ସହ ସଙ୍ଗମ କରିଥାଏ। ସେତେବେଳେ କୁଇନ୍ ଗେଟ୍ ଖୋଲା ରଖାଯାଏ। ବିଭିନ୍ନ ମାଛି ଦଳର ଗନ୍ଧ ଭିନ୍ନ। ଯଦି ଏକ ଦଳର ମହୁମାଛି ଅନ୍ୟ ଦଳର ବାକ୍ସରେ ପଶିଯାଏ, ତେବେ ଯୁଦ୍ଧ ହୋଇଥାଏ। ସେ ସମୟରେ ଡିଟରଜେଣ୍ଟ ପାଉଡର ବାକ୍ସ ଭିତରକୁ ଛାଡ଼ି ଦେଲେ ଯୁଦ୍ଧ ବନ୍ଦ ହୋଇଯାଏ। କାରଣ ଆଉ ଗନ୍ଧ ଜଣାପଡ଼ି ନ ଥାଏ। ଯେତେବେଳେ ବଡ଼ ଚାମ୍ବରରେ ଥିବା ଫେଣାଗୁଡ଼ିକରେ ମହୁ ପୂରିଯାଇଥାଏ, ସେତେବେଳେ ସୁପର ଫ୍ରେମ୍ ଲଗାଯାଏ। ସୁପର ଚାମ୍ବରର ମହୁଫେଣା ୮୦–୯୦ ଭାଗ ବନ୍ଦ ହୋଇଯିବା ଦେଖାଗଲେ ମହୁ ସଂଗ୍ରହ ପାଇଁ ଉପଯୁକ୍ତ ବୋଲି ବୁଝାପଡ଼େ। ମହୁ ବାହାର କରିବା ପଦ୍ଧତି ଅନୁସରଣକରି ମହୁକୁ ବିଶୋଧନ କରାଯାଏ। ଗୋଟିଏ ଭଲ ବାକ୍ସରେ ଥରକେ ୧ କି.ଗ୍ରା. ମହୁ ମିଳିଥାଏ। ଗୋଟିଏ ବର୍ଷରେ ଗୋଟିଏ ବାକ୍ସରୁ ୧୦ କି.ଗ୍ରା. ଯାଏ ମହୁ ଆଦାୟ ହୋଇଥାଏ।



**୧୦ଟି ମହୁବାକ୍ସ ରଖିବାରେ ଆୟବ୍ୟୟ :** ମହୁମାଛି ଓ ଯନ୍ତ୍ରପାତି ବାବଦରେ ୧୫,୦୦୦ଟଙ୍କା ଖର୍ଚ୍ଚ ହୋଇଥାଏ। ଘରୋଇ ମଜୁରି (ବର୍ଷକୁ) ୨୦,୧୦୦ଟଙ୍କା ଏବଂ ବର୍ଷକୁ ୧୦ଟି ବାକ୍ସ ପ୍ରତି ଲାଭ ୨୪,୩୦୦ ଟଙ୍କା ହୋଇଥାଏ। ଏହି ୧୦ଟି ବାକ୍ସରୁ ତିନି ବର୍ଷରେ ୨୭୦ କି.ଗ୍ରା. ମହୁ ଅମଳ ହୋଇଥାଏ।

**ଜାଣିରଖନ୍ତୁ :** ମହୁମାଛି ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ନ ହେବା ଭଳି ସ୍ଥାନରେ ପୂର୍ବ ଦିଗକୁ ମୁହଁକରି ମହୁବାକ୍ସ ବସାଯାଏ। ମହୁମାଛି ଚଳପ୍ରଚଳ ନିମିତ୍ତ ଫସଲରେ ରାସାୟନିକ କୀଟନାଶକ ପ୍ରୟୋଗ ନ ହେବା ଆବଶ୍ୟକ। ଜରୁରୀରେ ଥିଲେ ଅପରାହ୍ନ ୩–୫ ଘଟିକା ସମୟରେ ଫସଲରେ କୀଟନାଶକ ସିଞ୍ଚନ କରାଯାଇପାରେ। ଅଧିକନ୍ତୁ, ବିଷ ପ୍ରୟୋଗର ଦିନକ ପୂର୍ବରୁ ସନ୍ଧ୍ୟା ସମୟରେ ବାକ୍ସର ମୁହଁକୁ ବନ୍ଦ ରଖି ତା' ପରଦିନ ସନ୍ଧ୍ୟାରେ ଖୋଲାଯାଇପାରେ। ବଂଶବୃଦ୍ଧି ହୋଇ ମାଛି ଦଳ ଦଳ ଭାଗ ଭାଗ ହେବା ପୂର୍ବରୁ ମାଛି ଦଳକୁ ଅଲଗା କରାଯାଏ, ନଚେତ୍ ରାଣୀ ଖୋପ ନଷ୍ଟ କରାଯାଏ। ମହୁ ସାଇତିବା ନିମନ୍ତେ ପରିଷ୍କାର କାଚପାତ୍ର ବ୍ୟବହାର କରନ୍ତୁ। ମହୁବାକ୍ସକୁ ଶାନ୍ତ ମନରେ ଧୀରସ୍ଥିର ହୋଇ ସତର୍କତାର ସହ ଖୋଲିବା ଉଚିତ ଏବଂ ନିରାପତ୍ତା ନିମିତ୍ତ ସର୍ବଦା ଧୂଆଁନଳୀ ପାଖରେ ରହିବା ଭଲ।

–ଡ. ପରେଶ କୁମାର ପଣ୍ଡା,
ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଟି୨୦ ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| **ସୁପର-୮, ଗ୍ରୁପ୍-୧** | | | | | | |
| ଭାରତ | ୩ | ୩ | ୦ | ୦ | ୬ | +୨.୦୧୭ |
| ଆଫଗାନିସ୍ତାନ | ୩ | ୨ | ୧ | ୦ | ୪ | -୦.୩୦୫ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୦ | ୨ | -୦.୩୩୧ |
| ବାଂଲାଦେଶ | ୩ | ୦ | ୩ | ୦ | ୦ | -୧.୭୧୪ |
| **ସୁପର-୮, ଗ୍ରୁପ୍-୨** | | | | | | |
| ଦକ୍ଷିଣ ଆଫ୍ରିକା | ୩ | ୩ | ୦ | ୦ | ୬ | +୦.୬୮୦ |
| ଇଂଲଣ୍ଡ | ୩ | ୨ | ୧ | ୦ | ୪ | +୧.୯୯୨ |
| ୱେଷ୍ଟଇଣ୍ଡିଜ | ୩ | ୧ | ୨ | ୦ | ୨ | +୦.୬୮୬ |
| ଆମେରିକା | ୩ | ୦ | ୩ | ୦ | ୦ | -୩.୯୦୬ |

## କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ଭେନ୍ୟୁ | ସମୟ |
|---|---|---|---|
| ଜୁନ୍ ୨୭ | **ପ୍ରଥମ ସେମିଫାଇନାଲ** | | |
| | ଦ.ଆଫ୍ରିକା ବନାମ ଆଫଗାନିସ୍ତାନ | ତ୍ରିନିଦାଦ | ସକାଳ ୬ଟା |
| | **ଦ୍ୱିତୀୟ ସେମିଫାଇନାଲ** | | |
| | ଭାରତ ବନାମ ଇଂଲଣ୍ଡ | ଗୁଏନା | ରାତି ୮ଟା |
| ଜୁନ୍ ୨୯ | **ଫାଇନାଲ** | **ବାର୍ବାଡୋସ** | **ରାତି ୮ଟା** |

# ଆଫଗାନିସ୍ତାନ କ୍ରିକେଟରେ ସୁବର୍ଣ୍ଣ ଅଧ୍ୟାୟ

**କିଙ୍ଗଷ୍ଟନ, ୨୫।୬**

ଆଫଗାନିସ୍ତାନ କ୍ରିକେଟ ଇତିହାସରେ ଯୋଡ଼ିହୋଇଛି ସୁବର୍ଣ୍ଣ ଅଧ୍ୟାୟ। ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି ରଶିଦ ଖାଁଙ୍କ ନେତୃତ୍ୱାଧୀନ ଏହି ଦଳ। ଆଫଗାନିସ୍ତାନ ପାଇଁ କୌଣସି ଆଇସିସି ବିଶ୍ୱକପ୍‌ର ସେମିଫାଇନାଲରେ ଏହା ପ୍ରଥମ ପ୍ରବେଶ। ଅତୀତରେ ଯୁଦ୍ଧର ପ୍ରଭାବ, ରାଜନୈତିକ ଅସ୍ଥିରତା ଏବଂ କ୍ରିକେଟର ଦୃଢ଼ ଭିତ୍ତି ନ ଥିଲେ ମଧ୍ୟ ଦଳର ଏହି ସଫଳତା ଦେଶର କ୍ରିକେଟ ପ୍ରେମୀଙ୍କୁ ଉଲ୍ଲସିତ କରିଛି। ମଙ୍ଗଳବାର

## ଟି୨୦ ବିଶ୍ୱକପ୍

ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଅନ୍ତିମ ସୁପର-୮ ମ୍ୟାଚରେ ଆଫଗାନିସ୍ତାନ ଡକ୍‌ୱର୍ଥ ଲୁଇସ (ଡିଏଲ୍‌ଏସ୍) ନିୟମରେ ବାଂଲାଦେଶକୁ ୮ ରନରେ ପରାସ୍ତ କରି ଏହି ଗୌରବ ଅର୍ଜନ କରିଛି। ଲୋ ସ୍କୋରିଂ ମ୍ୟାଚରେ ଆଫଗାନିସ୍ତାନ ୨୦ ଓଭରରେ ୫ ଉଇକେଟ ହରାଇ ୧୧୫ ରନ କରିଥିଲା। ବାଂଲାଦେଶ ଇନିଂସ ବର୍ଷା ଯୋଗୁ ଏକାଧିକଥର ବାଧାପ୍ରାପ୍ତ ହୋଇଥିବାରୁ ମ୍ୟାଚକୁ ୧୯ ଓଭର ବିଶିଷ୍ଟ କରାଯାଇ ୧୧୪ ରନ ଟାର୍ଗେଟ ଦିଆଯାଇଥିଲା। ମାତ୍ର ବାଂଲାଦେଶ ୧୭.୫ ଓଭରରେ ୧୦୫ ରନକରି ଅଲ୍‌ଆଉଟ ହୋଇଥିଲା। ଦଳର ଘଡ଼ିସନ୍ଧି ମୁହୂର୍ତ୍ତରେ ଉଇକେଟ ବାହାରକରି ଆଫଗାନିସ୍ତାନକୁ ବିଜୟ ସ୍ୱାଦ ଚଖାଇଥିବା ଦ୍ରୁତ ବୋଲର ନଭିନ-ଉଲ-ହକ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବରୁ ଆଫଗାନିସ୍ତାନ କେବେହେଲେ ଟି୨୦ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲା। ୨୦୦୭ ଓ ୨୦୦୯ରେ ଖେଳି ନ ଥିବାବେଳେ ୨୦୧୦, ୨୦୧୨ ଓ ୨୦୧୪ରେ ପ୍ରଥମ ରାଉଣ୍ଡ ଏବଂ ୨୦୧୬, ୨୦୨୧ ଓ ୨୦୨୨ରେ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲା। ଏଥର କିନ୍ତୁ ଦଳ ସେମିଫାଇନାଲରେ ପ୍ରବେଶ କରି ବିଶ୍ୱ କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୨୭ ତାରିଖରେ ହେବାକୁଥିବା ସେମିଫାଇନାଲରେ ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଆଫଗାନିସ୍ତାନ ରମାନୁଲ୍ଲା ଗୁରବାଜ ଓ ଇବ୍ରାହିମ୍ ଜଦ୍ରାନଙ୍କ ମାଧ୍ୟମରେ ଭଲ ଆରମ୍ଭ କରିଥିଲା। ପିଚ୍ ସ୍ଲୋ ଥିବାରୁ ଦ୍ରୁତ ହାରରେ ରନ ସଂଗ୍ରହ ହୋଇପାରି ନ ଥିଲେ ମଧ୍ୟ ଦୁହେଁ ଓପନିଂ ଯୋଡ଼ିରେ ୫୯ ରନ ଯୋଗ କରିଥିଲେ। ଗୁରବାଜ ଦଳ ପକ୍ଷରୁ ସର୍ବାଧିକ ୪୩ ରନ କରିଥିଲେ। ମିଡଲ ଅର୍ଡର ବିଫଳତା ଯୋଗୁ ସ୍କୋର ୩ ଅଙ୍କ ସ୍ପର୍ଶ କରିବା ଆଶଙ୍କାରେ ଥିଲା। ମାତ୍ର ଶେଷ ଭାଗରେ ରଶିଦ ଖାଁ ୧୯ ରନକରି ଅପରାଜିତ ରହିବାରୁ ଦଳୀୟ ସ୍କୋର ୧୧୫ରେ ପହଞ୍ଚିଥିଲା। ବାଂଲାଦେଶ ପକ୍ଷରୁ ରିଶଦ ହୋସେନ ୩ଟି ଉଇକେଟ ନେଇଥିଲେ। ୧୧୬ ରନ ବିଜୟ ଲକ୍ଷ୍ୟ ଥିଲେ ହେଁ ବାଂଲାଦେଶ ପକ୍ଷରୁ ଲିଟନ ଦାସଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟର ଆତ୍ମସମର୍ପଣ ଭଳି ପ୍ରଦର୍ଶନ କରିଥିଲେ। ଲିଟନ ଲଢ଼ୁଆ ଇନିଂସ ଖେଳି ଗୋଟିଏ ପଟରେ ୫୪ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବାବେଳେ ଅନ୍ୟ ପଟରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ବାଂଲାଦେଶ ପାଇଁ ବିପର୍ଯ୍ୟୟ ଡାକି ଆଣିଥିଲା। ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ୧୧.୪ ଓଭରରେ ବାଂଲାଦେଶ ୭ ଉଇକେଟ ହରାଇ ୮୧ ରନ କରିଥିବାବେଳେ ବର୍ଷା ଆରମ୍ଭ ହୋଇଥିଲା। ଫଳରେ ମ୍ୟାଚକୁ ୧୯ ଓଭରକୁ ହ୍ରାସ କରାଯାଇଥିଲା ଏବଂ ଟାର୍ଗେଟ ୧୧୪ ରଖାଯାଇଥିଲା। ଏହାପରେ ବର୍ଷା ଯୋଗୁ ଏକାଧିକ ଥର ଖେଳ ବାଧାପ୍ରାପ୍ତ ହୋଇଥିବାବେଳେ ମ୍ୟାଚ ବିଭିନ୍ନ ଦଳ ସପକ୍ଷକୁ ଢଳିଥିଲା। ମାତ୍ର ୧୮ତମ ଓଭରର ୪ର୍ଥ ଓ ୫ମ ବଲ୍‌ରେ ନଭିନ-ଉଲ-ହକ୍ କ୍ରମାଗତ ତାସକିନ ଅହମଦ ଓ ମୁସ୍ତାଫିଜୁର ରହମନଙ୍କୁ ଆଉଟ କରି ଆଫଗାନିସ୍ତାନକୁ ଅବିଶ୍ୱସନୀୟ ବିଜୟ ଭେଟି ଦେଇଥିଲେ। ନଭିନ ଓ ରଶିଦ ଖାଁ ୪ଟି ଲେଖାଏ ଉଇକେଟ ନେଇଥିଲେ। ଫଜଲକ୍ ଫାରୁକି ଓ ଗୁଲବଦିନ ନାଇବଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।



ଆଫଗାନିସ୍ତାନ ଦଳର ସଦସ୍ୟମାନେ ଅଧିନାୟକ ରଶିଦ ଖାଁଙ୍କୁ ଖୁସିରେ ଟେକି ଧରିଛନ୍ତି।



ପ୍ଲେୟର ଅଫ୍ ଦି ମ୍ୟାଚ ନଭିନ-ଉଲ-ହକ୍।

### ସଂକ୍ଷିପ୍ତ ସ୍କୋର

ଆଫଗାନିସ୍ତାନ ୨୦ ଓଭରରେ ୧୧୫/୫ (ରମାନୁଲ୍ଲା ଗୁରବାଜ-୪୩, ରଶିଦ ଖାଁ-୧୯*, ରିଶଦ ହୋସେନ-୩/୨୬, ତାସକିନ ଅହମଦ-୧/୧୨, ମୁସ୍ତାଫିଜୁର ରହମନ-୧/୧୭)। ଡକ୍‌ୱର୍ଥ ଲୁଇସ ନିୟମରେ ବାଂଲାଦେଶ ଆଗରେ ୧୯ ଓଭରରେ ୧୧୪ ବିଜୟ ଲକ୍ଷ୍ୟ। ବାଂଲାଦେଶ ୧୭.୫ ଓଭରରେ ୧୦୫/ଅଲ୍‌ଆଉଟ (ଲିଟନ ଦାସ-୫୪*, ନଭିନ ଉଲ୍ ହକ୍-୪/୨୬, ରଶିଦ ଖାଁ-୪/୨୩, ଫଜଲକ୍ ଫାରୁକି-୧/୧୫, ଗୁଲବଦିନ ନାଇବ-୧/୧/୫)।

# Classified Everyday

**0674-2580101, 2549949**



MATRIMONIAL

## BRIDE WANTED

Wanted bride for Retd. Addl. Secretary- age-61 settled in BBSR. Only candidates above 55 to contact No- 9556688130. D-546

## GROOM WANTED

Established Family of Bhubaneswar solicites proposals for remarriage of their daughter working at Hyderabad. Contact 94376 31126. D-71583

**63 ବୟସ୍କା Govt. Retd. ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (urgent need). 9040735429.** D-556

49 ବୟସ୍କା Govt. Teacher କରଣ ଜାତିର ବିଧବା ନିଃସନ୍ତାନ ଝିଅଙ୍କୁ ଯେକୌଣସି ଜାତିର ଯୋଗ୍ୟ ବରପାତ୍ର ଆବଶ୍ୟକ। 7606067313. D-554

Height 5' ଅଙ୍ଗନୱାଡି ସୁପରଭାଇଜର Widow ୪୪ ବୟସ୍କା ବ୍ରାହ୍ମଣ ଝିଅଙ୍କୁ ପୁଅ ଦରକାର। ଯୋଗାଯୋଗ- 6370471610. D-577



REAL ESTATE

## SALE

**1BHK Ready to move in flats available in Hi-Tech Brundaban Project near Bata-mangala Temple, Puri Town. 9937787418, 9348871859.** D-570


**BDA new planning area at Benupur low cost investment plots available, price starts from @ 799/-. 6371364640.** D-75966

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-417

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com**

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। **9178660666.** D-268



CONSTRUCTION

**Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-418

## ACCOMMODATION

**Free accommodation for Senior Citizen & mentally ill person with all facilities. Contact- 9337160036, 7325991853.** D-564

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Monalisa massage Club: All types Body massage with hiprofile smart lady rooms service available. 9708545108. D-555

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

## AFFIDAVIT

Affidavit No.-76, dt 24.06.2024 before Executive Magistrate, Bhubaneswar my name has changed from Kuni Majhi to Pratima Majhi. Henceforth, I shall be known as Pratima Majhi, W/o- Surendra Majhi, At- Jamukoli, P.O.- Panchagaon, P.S.- Airfield, Bhubaneswar, Dist.- Khordha, PIN-752050 for all purposes. D-574

By virtue of an affidavit No.- Sl- 239, dated 24.06.2024 before Notary Public, Cuttack, I, KOBAGAPU NAGAMMA, aged about 57 years, W/o- K.Lakshman Rao, At- Uppersahi, Sikharpur, P.O.- College Square, P.S.- Chauliaganj, Dist.- Cuttack do hereby state that in Passport my name has been wrongly mentioned as KABAGAPU NAGAMMA. Hence I shall be known as KOBAGAPU NAGAMMA for all future purpose. D-576

By virtue of an affidavit before the Executive Magistrate, Junagarh, I, Gobinda Hati, Vill- Chikli, P.O.- Gondchhendia, P.S.- Junagarh, Kalahandi declare that my daughter name wrongly mentioned as Deepika Hati in her Aadhaar Card. But actually her name is Pritimanjari Hati as Birth Certificate. Deepika Hati & Pritimanjari Hati is one and the same person. Hence, she known as Pritimanjari Hati for all purposes. D- 581

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Kabisurya Nagar, date- 18.04.2024 I, Mamata Kumari Sasmal, W/o- Kailash Nahak, Vill- Arabinda Nagar, P.O./ P.S.- Kabisurya Nagar, Dist.- Ganjam, Odisha declare that I have changed my surname from Mamata Nahak to Mamata Kumari Sasmal. Henceforth, I shall be known as Mamata Kumari Sasmal for all purposes. D-580

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q19972384б@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ଜନ୍ମଦିନ ଶୁଭେଚ୍ଛା





ସତ୍ୟଜିତ୍ ଖମାରୀ (ଓମ୍)
ବୁଢ଼ବୁଢ଼ା, ଅତାବିରା, ବରଗଡ଼
ତୋର ଚଳାପଥ କୁସୁମିତ ହେଉ। ଆଜି ତୋର ସପ୍ତମ ଜନ୍ମବାର୍ଷିକୀରେ ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା ।
ଶ୍ରୀଜିତ୍, ପ୍ରିୟାଂଶା, ଅଭିଳାଷା, ଅଭିଜିତ୍, ଅଭିଲିପ୍ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍ସା ।
ଧ-୫୭୫

### 15th Marriage Anniversary



**SUDHIR (Lulu)**
**With**
**MADHUMITA (Geeta)**
**With best complimentary from Khushi (Daughter), Family Members, Friends, Relatives and others.**
ଧ-୭୭୦୧୪

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁନ୍ ୨୬/୨୦୨୪ Bhubaneswar, Wednesday, June 26/ 2024

# ଦକ୍ଷିଣ ଆଫ୍ରିକା-ଆଫଗାନିସ୍ତାନ, ଭାରତ-ଇଂଲଣ୍ଡ ସେମିଫାଇନାଲ

**କିଙ୍ଗ୍‌ଷ୍ଟନ, ୨୫।୬**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଅନ୍ତିମ ସୁପର-୮ ମ୍ୟାଚରେ ବାଂଲାଦେଶକୁ ଆଫଗାନିସ୍ତାନ ହରାଇବା ଦ୍ୱାରା ଅଷ୍ଟ୍ରେଲିଆର ଅଭିଯାନ ଶେଷ ହୋଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ ତ୍ରିନିଦାଦରେ ଖେଳାଯିବ। ସେହିପରି ଗୁଏନାରେ ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ଭେଟିବ ଟିମ୍ ଇଣ୍ଡିଆ। ୨୯ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।

## ଆଫଗାନିସ୍ତାନ କ୍ରିକେଟରେ ସୂର୍ଯ୍ୟୋଦୟ

ଟୁର୍ନାମେଣ୍ଟରେ ସବୁଠାରୁ ଅଧିକ ବିସ୍ମୟ ସୃଷ୍ଟି କରିଛି ଆଫଗାନିସ୍ତାନ। ଅଣ୍ଡରଡଗ୍ ଭାବେ ଏହି ଦଳ ନାଟକୀୟ ବିପର୍ଯ୍ୟୟ ଘଟାଇ ପ୍ରଥମଥର ପାଇଁ କୌଣସି ଏକ ଆଇସିସି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶକରି ଏହାର କ୍ରିକେଟ ଇତିହାସକୁ ଋଦ୍ଧିମନ୍ତ କରିଛି। ଗ୍ରୁପ୍ ପର୍ଯ୍ୟାୟରେ ଉଗାଣ୍ଡାକୁ ୧୨୫ ରନରେ ହରାଇ ଅଭିଯାନ ଆରମ୍ଭ କରିଥିବା ଆଫଗାନିସ୍ତାନ ଦ୍ୱିତୀୟ ମ୍ୟାଚରେ ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ୮୪ ରନରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତୃତୀୟ ମ୍ୟାଚରେ ପପୁଆ ନ୍ୟୁ ଗିନିକୁ ୭ ଉଇକେଟରେ ହରାଇବା ପରେ ନିଜର ଅନ୍ତିମ ଗ୍ରୁପ୍ ମ୍ୟାଚରେ ୱେଷ୍ଟଇଣ୍ଡିଜଠାରୁ ୧୦୪ ରନରେ ହାରିଥିଲେ ହେଁ ୬ ପଏଣ୍ଟ ପାଇ ଗ୍ରୁପ୍-ସି'ର ଦ୍ୱିତୀୟ ଦଳଭାବେ ସୁପର-୮ରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ଦଳ ଜିଆଣ୍ଟ କିଲର ବିବେଚିତ ହୋଇଥିଲା। ନିଜର ପ୍ରଥମ ମ୍ୟାଚରେ ଭାରତଠାରୁ ୪୭ ରନରେ ପରାଜିତ ହୋଇଥିଲେ ମଧ୍ୟ ଦ୍ୱିତୀୟ ମ୍ୟାଚରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୨୧ ରନରେ ହରାଇ ଆଶା ଉଜ୍ଜୀବିତ କରିଥିଲା। ଅଷ୍ଟ୍ରେଲିଆ ଏହାର ଅନ୍ତିମ ସୁପର-୮ ମ୍ୟାଚରେ ଭାରତଠାରୁ ହାରିଯିବାରୁ ଆଫଗାନିସ୍ତାନର

**ଟି୨୦ ବିଶ୍ୱକପ**

ସମ୍ଭାବନା ବଢ଼ି ଯାଇଥିଲା। ରଶିଦ ଖାଁଙ୍କ ନେତୃତ୍ୱାଧୀନ ଦଳକୁ ଅନ୍ତିମ ମ୍ୟାଚରେ ବାଂଲାଦେଶକୁ ହରାଇବା ଆବଶ୍ୟକ ହେଉଥିଲା। ମଙ୍ଗଳବାର ଏକ ଲୋ ସ୍କୋରିଂ ମ୍ୟାଚରେ ବିଭିନ୍ନ ସମୟରେ ନାଟକୀୟ ମୋଡ଼ ନେଇଥିବା ଗେମ୍‌ରେ ଶେଷରେ ବିଜୟ ଧ୍ୱଜା ଉଡ଼ାଇଥିଲା ଆଫଗାନିସ୍ତାନ। ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିଲା। ଏହା ଦେଶର କ୍ରିକେଟ ପ୍ରେମୀଙ୍କ ପାଇଁ ବିଶ୍ୱକପ୍ ବିଜୟଠାରୁ କମ୍ ଖୁସି ଆଣି ନ ଥିଲା। ବିଭିନ୍ନ ସ୍ଥାନରେ କ୍ରିକେଟ ପ୍ରଶଂସକମାନେ ରାସ୍ତାକୁ ଚାଲିଆସି ଖୁସି ମନାଇଥିବା ପରିଲକ୍ଷିତ ହୋଇଥିଲା। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଚ୍ୟାଲେଞ୍ଜକୁ ପ୍ରତିହତ କରିପାରିଲେ ଏହି ଦଳ ଫାଇନାଲରେ ପ୍ରବେଶ କରିବ।

## ଭାରତ ଆଗରେ ଇଂଲଣ୍ଡ ଚ୍ୟାଲେଞ୍ଜ

ଭାରତ ସେମିଫାଇନାଲରେ ଅନ୍ୟତମ ଟାଇଟଲ ଫେଭରାଇଟ ଇଂଲଣ୍ଡକୁ ଭେଟିବ। ୨୦୨୨ରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ର ସେମିଫାଇନାଲରେ ଭାରତକୁ ହରାଇ ଇଂଲଣ୍ଡ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଚାମ୍ପିୟନ ମଧ୍ୟ ହୋଇଥିଲା। ତେଣୁ ଏବେ ସମାନ ପ୍ରତିଦ୍ୱନ୍ଦ୍ୱୀ ଥିବାରୁ ଏହାର ଚ୍ୟାଲେଞ୍ଜକୁ ପ୍ରତିହତ କରି ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବାକୁ ସୁଯୋଗ ଆସିଛି। ଚଳିତ ବିଶ୍ୱକପ୍‌ରେ ଭାରତ ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡକୁ ୮ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଥିବା ଟିମ୍ ଇଣ୍ଡିଆ ଦ୍ୱିତୀୟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ଉଇକେଟରେ ପରାସ୍ତ କରି ମନସ୍ତାତ୍ତ୍ୱିକ ବିଜୟ ହାସଲ କରିଥିଲା। ତୃତୀୟ ମ୍ୟାଚରେ ଆମେରିକାକୁ ୭ ଉଇକେଟରେ ହରାଇଥିବାବେଳେ କାନାଡ଼ା ବିପକ୍ଷ ୪ର୍ଥ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ସୁପର-୮ର ୩ଟି ମ୍ୟାଚରେ ଯଥାକ୍ରମେ ଆଫଗାନିସ୍ତାନ, ବାଂଲାଦେଶ ଓ ଅଷ୍ଟ୍ରେଲିଆକୁ ହରାଇ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା।

## ଅଷ୍ଟ୍ରେଲିଆ ଅଭିଯାନ ଶେଷ

ଅନ୍ୟତମ ଟାଇଟଲ ଫେଭରାଇଟ ଅଷ୍ଟ୍ରେଲିଆର ଅଭିଯାନ ଏଥର ସୁପର-୮ ପର୍ଯ୍ୟାୟରୁ ଶେଷ ହୋଇଛି। ବାଂଲାଦେଶ ବିପକ୍ଷରେ ଆଫଗାନିସ୍ତାନର ବିଜୟ ଅଷ୍ଟ୍ରେଲିଆର ସାମାନ୍ୟତମ ସମ୍ଭାବନାକୁ ଶେଷ କରି ଦେଇଛି। ଲିଗ୍ ପର୍ଯ୍ୟାୟରେ ୪ ଏବଂ ସୁପର-୮ରେ ଗୋଟିଏ ଏହିପରି କ୍ରମାଗତ ୫ ମ୍ୟାଚ ଜିତି ଆଗକୁ ବଢ଼ିଥିଲା ଅଷ୍ଟ୍ରେଲିଆ। ମାତ୍ର ଶେଷ ୨ଟି ମ୍ୟାଚରେ ଭାରତ ଓ ଆଫଗାନିସ୍ତାନଠାରୁ ପରାଜୟ ଦଳକୁ ବିଦାୟ ପଥ ଦେଖାଇଥିଲା।



ବାଂଲାଦେଶକୁ ହରାଇ ଆଫଗାନିସ୍ତାନ ଟି୨୦ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିବା ପରେ ଖୋସ୍ତରେ କ୍ରିକେଟ ପ୍ରେମୀମାନେ ବିଜୟ ଉତ୍ସବ ମନାଉଛନ୍ତି।

# ଆଫଗାନ ଦଳକୁ ଅଭିନନ୍ଦନର ସୁଅ

**କାବୁଲ, ୨୫।୬(ପି.ଟି.)**

ପ୍ରଥମ ଥର ଟି୨୦ ବିଶ୍ୱକପ୍ କ୍ରିକେଟ ସେମିଫାଇନାଲରେ ପ୍ରବେଶ କରିଥିବା ଆଫଗାନିସ୍ତାନ ଦଳ ପାଇଁ ଛୁଟିଛି ଅଭିନନ୍ଦନର ସୁଅ। ରଶିଦ ଖାଁଙ୍କ ନେତୃତ୍ୱାଧୀନ ଦଳ ପ୍ରଥମ ଥର ବିଶ୍ୱକପ୍ ସେମିଫାଇନାଲରେ ପହଞ୍ଚି ଇତିହାସ ରଚିଛି। ଆଫଗାନ କ୍ରିକେଟର ଏହି ଐତିହାସିକ ଦିନକୁ ବିଭିନ୍ନ ସହରର ଲକ୍ଷ ଲକ୍ଷ ଫ୍ୟାନ୍ ଉପଭୋଗ କରିଥିଲେ। ନଭିନ-ଉଲ-ହକ୍ ବାଂଲାଦେଶ ଇନିଂସର ଶେଷ ଉଇକେଟ ନେବା ପରେ ଖୋସ୍ତ, ପକ୍ତିଆ ଓ କାବୁଲର ସଡକ ଲୋକାରଣ୍ୟ ହୋଇ ଯାଇଥିଲା। ଆଫଗାନିସ୍ତାନ କ୍ରିକେଟ ବୋର୍ଡ(ଏସିବି) ପକ୍ଷରୁ ଜନତାଙ୍କ ଭିଡ ଓ ସେଲିବ୍ରେଶନର ଫଟୋ ମଧ୍ୟ ଶେୟାର କରାଯାଇଥିଲା। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର 'ଏକ୍ସ'ରେ ପୋଷ୍ଟ କରି ଅଭିନନ୍ଦନ ଜଣାଇଥିଲେ। ''ସେମିଫାଇନାଲ ଯାଏ ତୁମର ଯାତ୍ରା ଅତ୍ୟନ୍ତ ଚମତ୍କାର ରହିଛି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ପରି ଦଳକୁ ହରାଇବା ସାଧାରଣ କଥା ନୁହେଁ। ତୁମମାନଙ୍କ କଠିନ ପରିଶ୍ରମ ଓ ଉନ୍ନତି ପାଇଁ ମୁଁ ଗର୍ବିତ'' ବୋଲି ଲେଖିଥିଲେ ତେନ୍ଦୁଲକର।

ପୂର୍ବତନ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଟମ୍ ମୁଡି ଏସିବିକୁ ଅଭିନନ୍ଦନ ଜଣାଇଥିଲେ। ଏହି ମ୍ୟାଚ୍‌ଟି ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ବିଜୟୀ ଦଳକୁ ଶୁଭେଚ୍ଛା ବୋଲି ସେ ଲେଖିଥିଲେ। ଅନ୍ୟତମ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ଆଫଗାନିସ୍ତାନ ଦଳକୁ ପ୍ରଶଂସା କରିଥିଲେ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଦଳକୁ ହରାଇବା ଛୋଟକଥା ନୁହେଁ। ଏହାକୁ ହିଁ ଉନ୍ନତି କୁହାଯାଏ ବୋଲି ସେ ଲେଖିଥିଲେ। ସମସ୍ତ ଆଇପିଏଲ ଫ୍ରାଞ୍ଚାଇଜଙ୍କ ସହ ଯୁବରାଜ ସିଂ, ହରଭଜନ ସିଂ, ସୁରେଶ ରାଇନା ଓ ଏସ୍. ବଦ୍ରିନାଥ ମଧ୍ୟ ପ୍ରଶଂସାରେ ପୋତି ପକାଇଥିଲେ।

ଭାରତର ବିଶ୍ୱକପ୍ ହିରୋ ଯୁବରାଜ ସିଂ ଲେଖିଥିଲେ ''ଆଫଗାନ ଦଳ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରିବା ଏକ ଭାବବିହ୍ୱଳ ମୁହୂର୍ତ୍ତ ଥିଲା। ନଭିନ-ଉଲ-ହକଙ୍କ ପ୍ରଦର୍ଶନ ମ୍ୟାଚ୍ ବିଜୟୀ ରହିଥିଲା'' ବୋଲି 'ଏକ୍ସ'ରେ ଲେଖିଥିଲେ ଯୁବରାଜ। ଚଳିତ ଟୁର୍ନାମେଣ୍ଟରେ ଆଫଗାନିସ୍ତାନ ଦଳ ଏଭଳି ମ୍ୟାଚ୍ ବିଜୟୀ ପ୍ରଦର୍ଶନ ଦେଇ ଆସିଛି ବୋଲି କହିଛନ୍ତି ଭାରତୀୟ କ୍ରିକେଟର ସୁରେଶ ରାଇନା। ଆଗାମୀ ମ୍ୟାଚ୍ ପାଇଁ ସମାନ ମୋମେଣ୍ଟମ ବଜାୟ ରଖିବା ପାଇଁ ରାଇନା ଆଫଗାନ ଖେଳାଳିଙ୍କୁ ଆହ୍ୱାନ ଦେଇଛନ୍ତି। ସୁବ୍ରମଣ୍ୟମ ବଦ୍ରିନାଥ ମଧ୍ୟ ଆଫଗାନିସ୍ତାନ ଦଳକୁ ପ୍ରଶଂସା କରିଛନ୍ତି। ସେମିଫାଇନାଲରେ ସ୍ଥାନ ପାଇଁ ଯୋଗ୍ୟ ଦଳ ଭଳି ହିଁ ଆଫଗାନିସ୍ତାନ ପ୍ରଦର୍ଶନ କରିଥିଲା ବୋଲି ଲେଖିଥିଲେ ବଦ୍ରିନାଥ। ପୂର୍ବତନ ପାକିସ୍ତାନୀ ଉଇକେଟ କିପର କମରାନ ଆକମଲ ଆଫଗାନିସ୍ତାନକୁ ପ୍ରଶଂସା କରିବା ସହ ଦୁଇ ବୋଲର ରଶିଦ ଖାଁ ଓ ନଭିନ-ଉଲ-ହକଙ୍କୁ ଟ୍ୟାଗ ମଧ୍ୟ କରିଥିଲେ।

# ନାଇବଙ୍କୁ ସମାଲୋଚନା

**କିଙ୍ଗ୍‌ସଟାଉନ୍, ୨୫।୬(ପି.ଟି.)**

ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଗୁଲବଦିନ ନାଇବଙ୍କ ଅଣ ଖେଳୁଆଡ ମନୋଭାବକୁ ସମାଲୋଚନା କରିଛନ୍ତି ଅନେକ ପୂର୍ବତନ ଖେଳାଳି। ମ୍ୟାଚ୍‌ର ୧୨ ତମ ଓଭରରେ ନୁର୍ ଅହମଦ ବୋଲିଂ କରୁଥିବା ବେଳେ ବର୍ଷା ହୋଇଥିଲା। କୋଚଙ୍କ ଇସାରା ପରେ ଫିଲ୍ଡିଂ କରୁଥିବା ନାଇବ ତୁରନ୍ତ କ୍ରାମ୍ପର ବାହାନା କରିଥିଲେ। ବର୍ଷା ଛାଡିବା ପରେ ସେ ବୋଲିଂ କରି ଉଇକେଟ ମଧ୍ୟ ନେଇଥିଲେ। ଭାଷ୍ୟକାର ସାଇମନ୍ ଡୋଲ ଏହାକୁ ଅଣଖେଳୁଆଡ ମନୋଭାବ କହି ସମାଲୋଚନା କରିଥିଲେ। ଜିମ୍ବାୱେ ଭାଷ୍ୟକାର ପୋମି ଏମ୍‌ବାଙ୍ଗୱା ଏହାକୁ ଓସ୍କାର ଅଭିନୟ ବୋଲି ଲେଖିଥିଲେ। ସୋସିଆଲ ମିଡିଆରେ ନାଇବଙ୍କୁ ନେଇ ମିମ ଭାଇରାଲ ହୋଇଥିଲା। ପରେ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ୍ ଏହାକୁ ସ୍ପିରିଟ୍ ଅଫ କ୍ରିକେଟ ବୋଲି କହି ତାଚ୍ଛଲ୍ୟ କରିଥିଲେ। ମାତ୍ର ୨୫ ମିନିଟରେ କ୍ରାମ୍ପରୁ ସୁସ୍ଥ ହେବା ଆଶ୍ଚର୍ଯ୍ୟଜନକ ବୋଲି ସେ କହିଥିଲେ। ୬ ମାସ ହେଲାଣି ମୋର ଆଣ୍ଠୁ ଯନ୍ତ୍ରଣା ରହିଛି। ଏହି ମ୍ୟାଚ୍ ପରେ ମୁଁ ଗୁଲବଦିନଙ୍କ ଡାକ୍ତରଙ୍କୁ ଭେଟିବି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟର ଇଆନ୍ ସ୍ମିଥ୍ କହିଥିଲେ।

# ଅନୁଷ ଅଗ୍ରୱାଲାଙ୍କୁ ପ୍ୟାରିସ୍ ଟିକେଟ

**ନୂଆଦିଲ୍ଲୀ, ୨୫।୬ (ପି.ଟି.)**

ଏସିଆନ୍ ଗେମ୍ସ ଇକ୍ୱିଷ୍ଟ୍ରିଆନ୍ ପଦକ ବିଜେତା ଅନୁଷ ଅଗ୍ରୱାଲା ପ୍ୟାରିସ୍ ୨୦୨୪ରେ ଭାରତର ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡିଛି। ଡ୍ରେସେଜ ଇଭେଣ୍ଟରେ ଶ୍ରୁତି ଭୋରାଙ୍କୁ ଆଭରେଜ ସ୍କୋରରେ ପଛରେ ପକାଇ ଅନୁଷ ମନୋନୀତ ହୋଇଥିବା ଇକ୍ୱିଷ୍ଟ୍ରିଆନ୍ ଫେଡେରେଶନ ଅଫ୍ ଇଣ୍ଡିଆ(ଇଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ୨୦୨୨ ହାଙ୍ଗଝୋ ଏସିଆନ୍ ଗେମ୍ସରେ ଅନୁଷ ଡ୍ରେସେଜ୍ ଟିମ୍ ଇଭେଣ୍ଟରେ ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଡ୍ରେସେଜ ଇଭେଣ୍ଟରେ ଏହା ଭାରତର ଅଲିମ୍ପିକ୍ ପଦାର୍ପଣ। ଉଭୟ ଅନୁଷ ଓ ଶ୍ରୁତିଙ୍କ ହାରାହାରି ସ୍କୋରକୁ ହିସାବକୁ ନିଆଯାଇଥିଲା। ଅନୁଷଙ୍କ ହାରାହାରି ସ୍କୋର ୬୭.୬୯୫ ରହିଥିବା ବେଳେ ଭେଟେରାନ୍ ଶ୍ରୁତିଙ୍କ ସ୍କୋର ୬୭.୧୬୩ ରହିଥିଲା। ଶ୍ରୁତି ବିଗତ ୬ ମାସ ମଧ୍ୟରେ ଦୁଇଥର ୬୭ ପଏଣ୍ଟ ମାର୍କ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି।



ଅନ୍ୟପକ୍ଷରେ ସମାନ ଇଭେଣ୍ଟରେ ଅନୁଷ ୪ ଥର ୬୭ ପଏଣ୍ଟ ଅର୍ଜନ କରିଛନ୍ତି। ଇଏଫ୍‌ଆଇର କାର୍ଯ୍ୟନିର୍ବାହୀ ପରିଷଦ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

**କୋପା ଆମେରିକା**

# କୋଷ୍ଟାରିକା ସହ ପଏଣ୍ଟ ବାଣ୍ଟିଲା ବ୍ରାଜିଲ

**ଇଙ୍ଗଲଉଡ୍, ୨୫।୬(ପି.ଟି.):** କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ନିଜର ଅଭିଯାନ ଆରମ୍ଭ କରିଛି ବ୍ରାଜିଲ। ସୋମବାର ବିଳମ୍ବିତ ରାତିରେ ଖେଳା ଯାଇଥିବା କୋଷ୍ଟାରିକା ବିପକ୍ଷ ମ୍ୟାଚ୍‌କୁ ଦଳ ୦-୦ରେ ଡ୍ର ରଖିଥିଲା। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ କଲମ୍ବିଆ ୨-୧ ଗୋଲରେ ପାରାଗୁଏକୁ ହରାଇଛି। ଗ୍ରୁପ୍ ଡି'ର ମ୍ୟାଚ୍‌ରେ ବ୍ରାଜିଲ ଆକ୍ରମଣାତ୍ମକ ପ୍ରଦର୍ଶନ କରି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। କୋଷ୍ଟାରିକା ଗୋଲ୍‌କିପର ପ୍ୟାଟ୍ରିକ୍ ସିକ୍ୱେରିଆ ଚମତ୍କାର ସେଭ୍ କରିବା ସହ ମହତ୍ତ୍ୱପୂର୍ଣ୍ଣ ୧ ପଏଣ୍ଟ ଅର୍ଜନ କରିଥିଲେ। ପ୍ରଥମାର୍ଦ୍ଧରେ ମାର୍କ୍ୱିନୋସ୍ ବ୍ରାଜିଲ ପକ୍ଷରୁ ଏକ ଗୋଲ ସ୍କୋର କରିଥିଲେ। ତେବେ ଦୀର୍ଘ ସମୟ ଭାର୍ ଚେକ୍ ପରେ ଏହାକୁ ଅଫ୍‌ସାଇଡ ଦିଆଯାଇଥିଲା। ବ୍ରାଜିଲ ୭୪ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିବା ବେଳେ ୯ଟି କର୍ନର ହାସଲ କରିଥିଲା। ଏହା ଦଳ ପାଇଁ ଏକ ସକାରାତ୍ମକ ଘଟଣା ବୋଲି କହିଛନ୍ତି କୋଚ୍ ଡୋରିଭାଲ ଜୁନିୟର। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କଲମ୍ବିଆ ୨-୧ ଗୋଲରେ ପାରାଗୁଏକୁ ପରାସ୍ତ କରିଛି। କଲମ୍ବିଆ ପକ୍ଷରୁ ଡାନିଏଲ ମୁନୋଜ(୩୨) ଓ ଜେଫରସନ ଲେର୍ମା(୪୨) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ୬୯ତମ ମିନିଟରେ ପାରାଗୁଏ ପକ୍ଷରୁ ଜୁଲିଓ ଏନ୍‌ସିସୋ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧରେ କଲମ୍ବିଆ ୨-୦ରେ ଆଗୁଆ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ପାରାଗୁଏ ପକ୍ଷରୁ ଗୋଟିଏ ଗୋଲ ଦେଇଥିଲେ ଜୁଲିଓ। ଏହି ବିଜୟ ସହ କଲମ୍ବିଆ ଗ୍ରୁପ୍ ଡି'ର ପ୍ରଥମ ସ୍ଥାନରେ ରହିଛି।

# ରାଉଣ୍ଡ ଅଫ୍ ୧୬ରେ ସ୍ପେନ୍, ଇଟାଲୀ

**ଡସେଲଡର୍ଫ, ୨୫।୬(ପି.ଟି.)**

ୟୁରୋ କପ୍ ୨୦୨୪ରେ ମଙ୍ଗଳବାର ସ୍ପେନ୍ ଓ ଇଟାଲୀ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ମ୍ୟାଚ୍‌ରେ ସ୍ପେନ୍ ୧-୦ ଗୋଲରେ ଆଲବାନିଆକୁ ହରାଇଥିଲା। ଅନ୍ୟପକ୍ଷରେ ଇଟାଲୀ ଏହାର ଅନ୍ତିମ ଲିଗ୍ ମ୍ୟାଚ୍ କ୍ରୋଏସିଆ ସହ ୧-୧ରେ ଡ୍ର ରଖିଥିଲା। ୩ଟି ଯାକ ଲିଗ୍ ମ୍ୟାଚ୍‌ରେ ଅପରାଜେୟ ରହିଥିବା ସ୍ପେନ୍ ଗ୍ରୁପ୍ ବି'ରେ ପ୍ରଥମ ସ୍ଥାନରେ ରହି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଇଟାଲୀ ୩ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ହାସଲ କରିଥିଲା।

ସ୍ପେନ୍ ଓ ଆଲବାନିଆ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍‌ରେ ଫେରାନ୍ ଟରେସ୍

**ୟୁରୋ କପ୍**

ମ୍ୟାଚ୍‌ର ୧୩ ତମ ମିନିଟରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ରେ ସ୍ପେନ୍ ୫୯ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଆଲବାନିଆ ଚମତ୍କାର ପ୍ରତିଆକ୍ରମଣ କରିଥିଲେ ମଧ୍ୟ ସ୍ପେନ୍ ଚମତ୍କାର ଡିଫେନ୍ସ ଦେଖାଇଥିଲା। ଆରମ୍ଭରୁ ସ୍ପେନ୍ ଛୋଟ ପାସ୍ ସହ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। ମ୍ୟାଚ୍‌ର ୧୩ ତମ ମିନିଟରେ ଡାନି ଅଲ୍‌ମୋଙ୍କ ଆସିଷ୍ଟରୁ ଫେରାନ୍ ଟରେସ୍ ଗୋଲ୍ ସ୍କୋର କରିଥିଲେ। ଆଲବାନିଆ ପକ୍ଷରୁ ଗୋଲ ପରିଶୋଧ କରିବାକୁ ଏକାଧିକ ପ୍ରୟାସ ହୋଇଥିଲେ ହେଁ ସ୍ପେନ୍ ରକ୍ଷଣଭାଗ ଏହାକୁ ନିଷ୍ଫଳ କରିଥିଲେ। ସ୍ପେନ୍ ୬ଟି କର୍ନର ପାଇଥିବା ବେଳେ ଆଲବାନିଆକୁ ମାତ୍ର ୨ଟି କର୍ନର ମିଳିଥିଲା।

ଲିପଜିଗ୍‌ର ରେଡ୍‌ବୁଲ୍ ଆରେନାରେ ଖେଳା ଯାଇଥିବା କ୍ରୋଏସିଆ ଓ ଇଟାଲୀ ମ୍ୟାଚ୍ ବେଶ୍ ରୋଚକ ରହିଥିଲା। କ୍ରୋଏସିଆ ୧-୦ରେ ଆଗୁଆ ରହିଥିଲେ ମଧ୍ୟ ଷ୍ଟପେଜ ଟାଇମରେ ଗୋଲ କରି ଇଟାଲୀ ରାଉଣ୍ଡ ଅଫ ୧୬ରେ ପ୍ରବେଶ କରିଥିଲା। କ୍ରୋଏସିଆ ପକ୍ଷରୁ ଲୁକା ମୋଡ୍ରିକ୍ ମ୍ୟାଚ୍‌ର ୫୫ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଅନ୍ୟପକ୍ଷରେ ୯୦+୮ ମିନିଟରେ ମାଟ୍ଟିଆ ଜାକାଗ୍ନି ଏକ ଗୋଲ ଦେଇ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଇଟାଲୀ ମ୍ୟାଚ୍‌ରେ ଅଧିକାଂଶ ସମୟ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୫୪ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିବା ବେଳେ ଏହା ୧୧ଟି କର୍ନର ହାସଲ କରିଥିଲା। କ୍ରୋଏସିଆ ପକ୍ଷରୁ ୩୮ ବର୍ଷ ୨୮୯ ଦିନରେ ଗୋଲ ସ୍କୋର କରିବା ସହ ୟୁରୋ କପ୍‌ରେ ସବୁଠାରୁ ବୟସ୍କ ଗୋଲସ୍କୋରର ପାଲଟିଛନ୍ତି ଲୁକା ମୋଡ୍ରିକ୍। ଅନ୍ୟପକ୍ଷରେ ଫାଇନାଲ ହୁଟର ବାଜିବାର କିଛି କ୍ଷଣ ପୂର୍ବରୁ ମିଡ୍‌ଫିଲ୍ଡର ରିକାର୍ଡୋ କାଲାଫିଓରିଙ୍କ ଆସିଷ୍ଟରେ ସ୍କୋର କରିଥିଲେ ମାଟ୍ଟିଆ ଜାକାଗ୍ନି।



ଷ୍ଟପେଜ୍ ଟାଇମରେ ଗୋଲ କରିବା ପରେ ଉଲ୍ଲସିତ ଇଟାଲୀର ମାଟ୍ଟିଆ ଜାକାଗ୍ନି।

# ତିକ୍ତ ଅନୁଭୂତି ସହ ବିଦାୟ ନେଲେ ୱାର୍ନର

**ନୂଆଦିଲ୍ଲୀ, ୨୫।୬ (ପି.ଟି.):** ଟି୨୦ ବିଶ୍ୱକପ କ୍ରିକେଟରେ ବାଂଲାଦେଶକୁ ହରାଇ ଆଫଗାନିସ୍ତାନ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ତିକ୍ତ ଅନୁଭୂତି ସହ ବିଦାୟ ନେଇଛନ୍ତି ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର। ପୂର୍ବରୁ ଦିନିକିଆ ଓ ଟେଷ୍ଟରୁ ସେ ଅବସର ନେଇ ସାରିଥିଲେ। ଚଳିତ ବର୍ଷ ଅଷ୍ଟ୍ରେଲିଆ ସୁପର-୮ରୁ ଅପ୍ରତ୍ୟାଶିତ ଭାବରେ ବିଦାୟ ନେଇଛି। କେବଳ ବାଂଲାଦେଶଠାରୁ ବିଜୟୀ ହୋଇଥିବା ବେଳେ ଆଫଗାନିସ୍ତାନ ଓ ଭାରତ ନିକଟରୁ ହାରିଥିଲା। ୨୦୦୯ ମସିହାରେ ଟି୨୦ ପଦାର୍ପଣ କରିଥିବା ୱାର୍ନର ଏହା ସହ ଅନ୍ତର୍ଜାତୀୟ ଟି୨୦ରୁ ବିଦାୟ ନେଇଛନ୍ତି। ଗ୍ରସ୍ ଆଇଲେଟ୍‌ରେ ଭାରତ ବିପକ୍ଷ ମ୍ୟାଚ୍ ତାଙ୍କ କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ରହିଥିଲା। ଏହି ମ୍ୟାଚ୍‌ରେ ତାଙ୍କୁ ଗାର୍ଡ ଅଫ ଅନର ବା ଷ୍ଟାଣ୍ଡିଂ ଓଭେଶନ ମଧ୍ୟ ମିଳି ନ ଥିଲା। ମ୍ୟାଚ୍‌ରେ ୬ ବଲ୍ ଖେଳି ୬ ରନ୍ କରି ସେ ଅର୍ଶଦୀପ ସିଂଙ୍କ ବଲରେ ଆଉଟ ହୋଇଥିଲେ।

ପୂର୍ବରୁ ଟି୨୦ ବିଶ୍ୱକପ ତାଙ୍କର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ୱାର୍ନର ଘୋଷଣା କରିଥିଲେ। ଅଷ୍ଟ୍ରେଲିଆ ପାଇଁ ୧୧୦ ଟି୨୦ ମ୍ୟାଚ୍ ଖେଳି ସେ ୩୩.୪୩ ଆଭରେଜରେ ୩୨୭୭ ରନ୍ ସ୍କୋର କରିଛନ୍ତି। ଗୋଟିଏ ଶତକ ଓ ୨୮ ଅର୍ଦ୍ଧଶତକ ହାସଲ କରିଥିବା ୱାର୍ନରଙ୍କ ଷ୍ଟ୍ରାଇକ୍ ରେଟ୍ ୧୪୨ ରହିଛି। ୧୧୨ ଟେଷ୍ଟ ଖେଳିଥିବା ୱାର୍ନର ୪୫ ଆଭରେଜ ସହ ୮୭୮୬ ରନ୍ ସ୍କୋର କରିଛନ୍ତି। ଏହା ମଧ୍ୟରେ ୨୬ ଶତକ ଓ ୩୭ ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ୧୬୧ ଦିନିକିଆ ମ୍ୟାଚ୍‌ରୁ ୨୨ ଶତକ ଓ ୩୩ ଅର୍ଦ୍ଧଶତକ ସହ ସେ ୬୯୩୨ ରନ୍ ସ୍କୋର କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ ୪୯ ଶତକ ସହ ୧୯ହଜାରରୁ ଅଧିକ ରନ୍ ସ୍କୋର କରିଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ